# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sanchardisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 202 | ଭାଗ ୩୨ | ସଂଖ୍ୟା୨୦୨ | Bhubaneswar | Wednesday 16 October 2024 | Page 8 Rs. 4.00 | ଭୁବନେଶ୍ୱର | ବୁଧବାର ୧୬ ଅକ୍ଟୋବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା




ପୃଷ୍ଠା ୬ ହକି ଇଣ୍ଡିଆ ଲିଗ୍ ଖେଳାଳି ନିଲାମ
ହରମନପ୍ରୀତ ସବୁଠୁ ଦାମୀ

# ପ୍ରେରଣାର ଅନ୍ୟ ନାମ କିଶୋର ପ୍ରଧାନ



ଭୁବନେଶ୍ୱର,୧୫।୧୦ (ସଂଚାର ବ୍ୟୁରୋ): ପାଠପଢ଼ା ଆଗରେ ବୟସ ହାରି ମାନିଥାଏ। ଏହାକୁ ପ୍ରମାଣ କରି ଦେଖାଇଛନ୍ତି ୬୪ ବର୍ଷିୟ କିଶୋର ପ୍ରଧାନ । ଶ୍ରୀ ପ୍ରଧାନ ପ୍ରମାଣ କରିଛନ୍ତି ଯେ ସ୍ୱପ୍ନକୁ ପୂରଣ କରିବାକୁ କେବେ ବି ବିଳମ୍ବ ହୁଏ ନାହିଁ କି ବୟସ ପ୍ରତିବନ୍ଧକ ସାଜେ ନାହିଁ।

ପ୍ରଥମେ ଚାହିଁଥିଲେ ଡାକ୍ତରଟିଏ ହେବାପାଇଁ। ହେଲେ ହୋଇଗଲେ ବ୍ୟାଙ୍କ୍ ଅଧିକାରୀ। ପାଠ ପଢ଼ିବାର ଇଚ୍ଛା ତାଙ୍କୁ ରୋକିପାରି ନ ଥିଲା। ବ୍ୟାଙ୍କ୍ ଅଧିକାରୀରୁ ପୁଣି ପାଲଟି ଯାଇଥିଲେ ଡାକ୍ତରୀ ଛାତ୍ର।

ଶ୍ରୀ ପ୍ରଧାନ ହେଉଛନ୍ତି ଜଣେ ଅବସରପ୍ରାପ୍ତ ଏସବିଆଇ କର୍ମଚାରୀ। ୨୦୨୦ ରେ ନିଟ୍ ୟୁଜି ପରୀକ୍ଷାରେ ସେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିଲେ, ଯାହା କି ଔଷଧ ପ୍ରତି ତାଙ୍କର ଅତୁଟ ସଂକଳ୍ପ ଏବଂ ଉତ୍ସାହର ପ୍ରମାଣ । ଓଡ଼ିଶାର ବାସିନ୍ଦା ଶ୍ରୀ ପ୍ରଧାନ ଦୀର୍ଘ ଦିନ ଧରି ସ୍ୱାସ୍ଥ୍ୟସେବାରେ କ୍ୟାରିୟର କରିବାର ସ୍ୱପ୍ନ ଦେଖୁଥିଲେ। ଏସବିଆଇରୁ ଡେପୁଟି ମ୍ୟାନେଜର ଭାବେ ଅବସର ନେବା ପରେ ସେ ଏହି ଆକାଂକ୍ଷାକୁ ସାକାର କରିବା ପାଇଁ ଯାତ୍ରା ଆରମ୍ଭ କରିଥିଲେ। ନିଜର ପାରିବାରିକ ପ୍ରତିବଦ୍ଧତାକୁ ନିଜ ପାଠପଢ଼ା ସହ ସନ୍ତୁଳିତ କରି ଶ୍ରୀ ପ୍ରଧାନ ଏକ ଅନଲାଇନ୍ କୋଚିଂ ପ୍ରୋଗ୍ରାମରେ ନାମ ଲେଖାଇ ଅତ୍ୟଧିକ ପ୍ରତିଯୋଗିତାମୂଳକ ନିଟ୍ ପରୀକ୍ଷା ପାଇଁ ପ୍ରସ୍ତୁତି କରିଥିଲେ। ବୟସ ଓ ପରୀକ୍ଷାର କଠୋର ଦାବି ସତ୍ତ୍ୱେ ଶ୍ରୀ ପ୍ରଧାନ ଅଟଳ ରହିଥିଲେ। ନିଷ୍ଠା ଓ କଠିନ ପରିଶ୍ରମ ଯୋଗୁଁ ସେ ନିଟ୍‌ରେ ସଫଳ ପାସ୍ କରି ବୀର ସୁରେନ୍ଦ୍ର ସାଏ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସେସ୍ ଆଣ୍ଡ ରିସର୍ଚ୍ଚ (ଭିମ୍‌ସାର)ରେ ସିଟ୍ ପାଇଥିଲେ। ଲକ୍ଷ୍ୟ ହାସଲ କରିବାରେ ବୟସ ବାଧକ ନୁହେଁ ବୋଲି ପ୍ରମାଣିତ କରିଛନ୍ତ ଶ୍ରୀ ପ୍ରଧାନ। ତାଙ୍କ କାହାଣୀ ସମାଜ ପାଇଁ ପ୍ରେରଣା ପାଲଟିଛି।

# ଦଳ ବୁଡ଼ାଇଲା ଘୋଡ଼ାମୁହାଁ ପୁତୁରା



- ଦାଦାମାନଙ୍କୁ ପଛରୁ ଛୁରିମାଡ
- ଇଜ୍ଜତ ଯିବା ଭୟରେ ଦଳ ଛାଡୁଛନ୍ତି ବରିଷ୍ଠ
- ଭର୍ତ୍ତୃହରି, ଅମରଙ୍କ ପରେ କିଏ ?

**ଭୁବନେଶ୍ୱର,୧୫।୧୦ (ସଂଚାର ବ୍ୟୁରୋ):** ବିଜେଡିର ଜଣଙ୍କ ପରେ ଜଣେ ଭେଟେରାନ ଦଳ ଛାଡିବା ଆରମ୍ଭ କରିଥିବାବେଳେ ଏଥିପାଇଁ ଏବେ ଦଳୀୟ ନେତାମାନେ ପୁତୁରାଙ୍କୁ ଦାୟୀ କରୁଛନ୍ତି। ଏହି ପୁତୁରା ହେଲେ ବିଜେଡିର ପ୍ରାୟ ସବୁ ବରିଷ୍ଠ ନେତାଙ୍କୁ ଦାଦା ବୋଲି ଡାକି ପାଦ ଛୁଉଁଥିବା ହେଉଥିବା ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓରଫ ବବି। ଅବସ୍ଥାକୁ ଦେଖି କିଛି ବିଜେଡି କର୍ମୀ ଦଳ ବୁଡାଇଲା ଘୋଡାମୁହାଁ ପୁତୁରା ବୋଲି କହିବା ଆରମ୍ଭ କରିଦେଇଛନ୍ତି।

ଓଡିଶା ରାଜନୀତିର ଅନ୍ୟତମ ପିତାମହ କୁହାଯାଉଥିବା ଅଶୋକ ଦାସଙ୍କ ପୁଅ ହିସାବରେ ବବି ପ୍ରାୟ ବିଜେଡିର ବରିଷ୍ଠ ନେତାଙ୍କୁ ବାପାଙ୍କ ସାନଭାଇ ହିସାବରେ ଦାଦା ବୋଲି ଡାକିଥାନ୍ତି। ଦାଦାମାନେ ବି ପୁତୁରାଙ୍କ ଏଭଳି ଡାକରେ ଖୁସି ହୁଅନ୍ତି। ଏହି ତାଲିକାରେ ଥିଲେ ବଡଚଣାର ପୂର୍ବତନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ। ହେଲେ ଏବେ ଦାଦା ଦଳ ଛାଡିବାବେଳେ ପୁତୁରା କିନ୍ତୁ ନିରବ। ଦଳରେ କେବେ ନିର୍ବାଚନ ଲଢିନଥିବା ଡକ୍ଟର ଲେନିନ୍ ମହାନ୍ତି ଦାଦା ଅମରଙ୍କୁ ନିଇତି ବେଇଜ୍ଜତ କରୁଥିବାବେଳେ ପୁତୁରା ବବି କିନ୍ତୁ ପାଟି ଖୋଲୁ ନାହାନ୍ତି। ଏହାକୁ ଦେଖିବାପରେ ଅନେକ ଏବେ ପୁତୁରାଙ୍କୁ ଘୋଡାମୁହାଁ ବୋଲି କହିବା ଆରମ୍ଭ କରିଛନ୍ତି। ଅମର ବି ସଙ୍କେତ ଦେଲେଣି ଆଗକୁ ଭିନ୍ନ କିଛି ଘଟିବ।

କେବଳ ଅମର ନୁହନ୍ତି ଅଳ୍ପଦିନ ତଳେ ପୂର୍ବତନ ବିଧାୟକ ପ୍ରକାଶ ବେହେରା ଦଳ ଛାଡିଥିଲେ। ସେତେବେଳେ ମଧ୍ୟ ବିଜେଡିରେ କମ୍ପନ ହୋଇଥିଲା। କାରଣ ନିର୍ବାଚନରେ ହାରିବାପରେ ଦଳ ଛାଡିବାର ମୂଳଦୂଆ ପକାଇଥିଲେ ପ୍ରକାଶ। ତାଲିକାରେ ଯୋଡିହୋଇ ଯାଇଛନ୍ତି ଅମର। ଆଗକୁ ଆଉ କିଏ କିଏ ଆସିବେ ତାହା ଉପରେ ନଜର। ପ୍ରକାଶଙ୍କ ଦବଦବା ସାଲେପୁରରେ ଥିବାବେଳେ ତାଙ୍କୁ କିଏ ଆଣି କଟକରେ ଲଢାଇଥିଲା ତାହାକୁ ନେଇ ଚର୍ଚ୍ଚା ହୋଇଥିଲା। ଏହା ପଛରେ କୁଆଡେ ସାଂଗଠନିକ ସମ୍ପାଦକ ଥିବା କୁହାଯାଉଛି। ଏହା ପୂର୍ବରୁ ପୁତୁରାଙ୍କର ଆଉ ଜଣେ ଦାଦା ସାଂସଦ ଭର୍ତ୍ତୃହରି ମହତାବ ବିଜେଡି ଛାଡିଥିଲେ। ସିଏ ବିଜେପିରେ ମିଶି ଏବେ କଟକର ସାଂସଦ। ତାଙ୍କୁ ବି ଅମରଙ୍କ ଭଳି ଦଳରେ କୋଣଠେସା ଓ ଅପମାନିତ କରାଯାଇଥିଲା। ଅତିଷ୍ଠ ହୋଇ ଶ୍ରୀ ମହତାବ ବିଜେଡି ଛାଡିଲେ। ତାଙ୍କ ସ୍ଥାନରେ ଟିକଟ ବଣ୍ଟନ କଥା ବୁଝୁଥିବା ପୁତୁରା ସଂତୃପ୍ତଙ୍କୁ ଆଣି ସେଟିଂ କରିଥିଲେ। ତାଙ୍କର ଅବସ୍ଥା କ'ଣ ହେଲା ଓଡିଶାବାସୀ ➪ପୃଷ୍ଠା-୬

# ମହାରାଷ୍ଟ୍ର ଓ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ଘୋଷଣା



- ଝାଡ଼ଖଣ୍ଡରେ ନଭେମ୍ବର ୧୩ ଓ ୨୦ରେ ଭୋଟ୍
- ମହାରାଷ୍ଟ୍ରରେ ନଭେମ୍ବର ୨୦ରେ ଭୋଟ୍
- ନଭେମ୍ବର ୨୩ରେ ଗଣତି

**ନୂଆଦିଲ୍ଲୀ,୧୫।୧୦:** ନଭେମ୍ବରରେ ମହାରାଷ୍ଟ୍ର ଓ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ହେବ। ଆଜି ନିର୍ବାଚନ କମିଶନଙ୍କ ପକ୍ଷରୁ ଏଥିଲାଗି କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ଏହା ସହିତ ଉଭୟ ରାଜ୍ୟରେ ଆଦର୍ଶ ଆଚରଣବିଧି ଲାଗୁ ହୋଇଛି। ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ଏକ ସାମ୍ବାଦିକ ସମ୍ମିଳନୀରେ ଦୁଇ ରାଜ୍ୟର ବିଧାନସଭା ନିର୍ବାଚନ କାର୍ଯ୍ୟସୂଚନୀ ସମ୍ପର୍କରେ ଘୋଷଣା କରି କହିଛନ୍ତି ଯେ, ମହାରାଷ୍ଟ୍ରର ସମସ୍ତ ୨୮୮ ଆସନରେ ଗୋଟିଏ ଦିନରେ ଅର୍ଥାତ ନଭେମ୍ବର ୨୦ରେ ଭୋଟ ଗ୍ରହଣ କରାଯିବ। ଏଥିଲାଗି ଚଳିତ ମାସ ୨୨ରେ ବିଜ୍ଞପ୍ତି ପ୍ରକାଶ ପାଇବ। ଚଳିତ ମାସ ୨୯ ତାରିଖ ହେଉଛି ପ୍ରାର୍ଥୀପତ୍ର ଦାଖଲର ଶେଷ ଦିବସ। ପରଦିନ ଅର୍ଥାତ ଅକ୍ଟୋବର ୩୦ରେ ପ୍ରାର୍ଥିପତ୍ର ଯାଞ୍ଚ କରାଯିବ। ନଭେମ୍ବର ୪ ତାରିଖ ହେଉଛି ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିବସ। ନଭେମ୍ବର ୨୦ରେ ଭୋଟ ଗ୍ରହଣ କରାଯିବ। ନଭେମ୍ବର ୨୩ରେ ଭୋଟ ଗଣତି କରାଯାଇ ➪ପୃଷ୍ଠା-୬

## ୱାୟନାଡ଼ରୁ ଲଢ଼ିବେ ପ୍ରିୟଙ୍କା

ୱାୟନାଡ,୧୫।୧୦(ଏଜେନ୍ସି): ନିର୍ବାଚନ କମିଶନର ଝାଡଖଣ୍ଡ ଓ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ସହିତ କେରଳର ୱାୟନାଡ, ମହାରାଷ୍ଟ୍ରର ନାନ୍ଦେଡ ଲୋକସଭା ଆସନ ଏବଂ ୧୫ ରାଜ୍ୟରେ ୪୮ ବିଧାନସଭା ଆସନରେ ଉପନିର୍ବାଚନ ତାରିଖ ଘୋଷଣା କରିଛନ୍ତି। ୱାୟନାଡ଼ ଲୋକସଭା ଆସନରେ କଂଗ୍ରେସ ପକ୍ଷରୁ ରାହୁଲ ଗାନ୍ଧୀ ଗତ ସାଧାରଣ ନିର୍ବାଚନରେ ବିଜୟ ହାସଲ କରିଥିଲେ। ଶ୍ରୀ ଗାନ୍ଧି ମଧ୍ୟ ୟୁପିର ରାଏବରେଲୀରୁ ଜିତିଥିଲେ। ପରେ ତାଙ୍କୁ ୱାୟନାଡ ଆସନ ଛାଡିବାକୁ ପଡିଥିଲା। ଏହି ଆସନରେ କଂଗ୍ରେସ ପକ୍ଷରୁ ପ୍ରିୟଙ୍କା ଗାନ୍ଧୀ ଲଢ଼ିବେ। ମୁଖ୍ୟ ନିର୍ବାଚନ କମିଶନର ➪ପୃଷ୍ଠା-୬

### ମନ୍ତ୍ରୀଙ୍କୁ ମଣ୍ଡି ଦାୟିତ୍ୱ

# ସୀମା ଜଗିବେ ସ୍କ୍ୱାଡ୍



ଭୁବନେଶ୍ୱର,୧୫।୧୦ (ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଲୋକସେବା ଭବନରେ ଚଳିତ ବର୍ଷ ଖରିଫ ଋତୁ ପାଇଁ ଧାନ ସଂଗ୍ରହ ବ୍ୟବସ୍ଥା ସମୀକ୍ଷା କରି ଅନେକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷ କରି ଧାନ ସଂଗ୍ରହରେ ହେଉଥିବା ଅନିୟମିତତା, ଦୁର୍ନୀତି ଓ ପ୍ରିୟାପ୍ରୀତିତୋଷଣ ଯେପରି ସମ୍ପୂର୍ଣ୍ଣ ଭାବେ ବନ୍ଦ ହେବ ତାହା ସୁନିଶ୍ଚିତ କରିବାକୁ ଜିଲ୍ଲାପାଳମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରଥମ ଥର ପାଇଁ ଧାନର ସର୍ବନିମ୍ନ ମୂଲ୍ୟ ଉପରେ ୮୦୦ ଟଙ୍କା ଅଧିକ ଦିଆ ଯାଉଛି। ସେଥିପାଇଁ ଚାଷୀମାନଙ୍କ ଭିତରେ ବିପୁଳ ଉତ୍ସାହ ରହିଛି। ତେଣୁ ଧାନ ସଂଗ୍ରହ ପ୍ରକ୍ରିୟା ଯେପରି ସମ୍ପୂର୍ଣ୍ଣ ଭାବେ ସ୍ୱଚ୍ଛ ହେବ, ସେଥିପାଇଁ ପ୍ରତ୍ୟେକ ମନ୍ତ୍ରୀ ଗୋଟିଏ ବା ଦୁଇଟି ଜିଲ୍ଲାର ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ଗ୍ରହଣ କରିବେ। ସେମାନେ ସରକାରଙ୍କ ପାଇଁ ୱାନ୍ ପଏଣ୍ଟ କଣ୍ଟାକ୍ଟ ଭାବେ କାର୍ଯ୍ୟ କରିବେ। ମନ୍ତ୍ରୀମାନେ ଜିଲ୍ଲାରେ ଥିବା ମଣ୍ଡି ଗସ୍ତ କରି ଚାଷୀମାନଙ୍କ କଥା ଶୁଣି ତା'ର ପ୍ରତିକାର କଲେ, ସାଧାରଣ ଜନତା ସରକାରଙ୍କ ଆନ୍ତରିକତା ଅନୁଭବ କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେଥିପାଇଁ ପୁରା ବ୍ୟବସ୍ଥାକୁ ସୁନିୟନ୍ତ୍ରିତ କରିବା ପାଇଁ ସମସ୍ତ ସଂପୃକ୍ତ ବିଭାଗ ଓ ଜିଲ୍ଲାପାଳମାନେ ସମନ୍ୱୟ ରଖି କାମ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସମୁଦାୟ ପଞ୍ଜିକୃତ ଚାଷୀମାନଙ୍କ ମଧ୍ୟରୁ ୮୩.୧୬ ପ୍ରତିଶତ ହେଉଛନ୍ତି କ୍ଷୁଦ୍ର ଚାଷୀ। ସେମାନେ ଯେପରି ବିନା କୌଣସି ଅସୁବିଧାରେ ସେମାନଙ୍କ ଧାନ ବିକ୍ରି କରିପାରିବେ ତାହା ସୁନିଶ୍ଚିତ କରିବା ଦାୟିତ୍ୱ ଜିଲ୍ଲାପାଳମାନଙ୍କର। ଧାନ ସଂଗ୍ରହରେ କ୍ଷୁଦ୍ର ଚାଷୀମାନଙ୍କୁ ପ୍ରାଥମିକତା ଦେବା ପାଇଁ ସେ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ଟୋକେନ୍‌ର ଅବଧି ସମ୍ପର୍କରେ କ୍ଷୁଦ୍ର ଚାଷୀମାନେ ବିଶେଷ ସୂଚନା ପାଇ ପାରୁନାହାନ୍ତି। ତେଣୁ ସେମାନଙ୍କୁ ସଚେତନ କରିବା ସହିତ ଆବଶ୍ୟକ ସ୍ଥଳେ ଜିଲ୍ଲାପାଳମାନେ ସେମାନଙ୍କ ଟୋକେନ୍‌ର ଅବଧିକୁ ବୃଦ୍ଧି କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ➪ପୃଷ୍ଠା-୬

# ମୁମ୍ବାଇରେ 'ମେକ୍ ଇନ୍ ଓଡ଼ିଶା ରୋଡ୍ ସୋ'

**ହରିୟାନା ସରକାରଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗଦେବେ ମୋହନ**

**ଭୁବନେଶ୍ୱର/ ଭବାନୀପାଟଣା,୧୫।୧୦ (ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାରଠାରୁ ହରିଆଣା ଓ ମୁମ୍ବାଇ ଗସ୍ତରେ ଯାଉଛନ୍ତି। ୧୬ ତାରିଖ ଅପରାହ୍ନରେ ସେ ହରିଆଣା ଅଭିମୁଖେ ଗସ୍ତ କରି ୧୭ ତାରିଖ ଦିନ ଚଣ୍ଡିଗଡ ଠାରେ ନବ ଗଠିତ ହରିଆଣା ସରକାରଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗଦେବେ। ସେଦିନ ଅପରାହ୍ନରେ ଚଣ୍ଡିଗଡ ଠାରେ ଏନ୍‌ଡିଏ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ବୈଠକରେ ଯୋଗଦେବେ। ଚଣ୍ଡିଗଡ ପରେ ମୁଖ୍ୟମନ୍ତ୍ରୀ ମୁମ୍ବାଇ ଗସ୍ତରେ ଯାଇ ୧୮ ତାରିଖ ଦିନ ଇଣ୍ଡିଆନ୍ କେମିକାଲ୍ସ ଓ ପେଟ୍ରୋକେମିକାଲ୍‌ସ କ୍ଷେତ୍ରରେ ସମ୍ଭାବନା ସମ୍ବନ୍ଧିତ ଏକ ସମ୍ମିଳନୀରେ ଯୋଗ ଦେବେ। ୧୮ ଅପରାହ୍ନ ଓ ୧୯ ତାରିଖ ସକାଳେ ସେ ମୁମ୍ବାଇର ହୋଟେଲ ଓବରେଇ ଠାରେ ଆଗାମୀ 'ମେକ୍‌ଇନ୍ ଓଡ଼ିଶା' ପାଇଁ 'ନିବେଶକ ସମ୍ମିଳନୀରେ ଯୋଗଦେବେ। ୧୯ ତାରିଖ ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ଫେରିଆସିବେ।

## ଟ୍ରେଣ୍ଡିଂ ନ୍ୟୁଜ୍

- ତାମିଲନାଡୁରେ ପ୍ରବଳ ବର୍ଷା, ୪ ଦିନ ପାଇଁ ଆଲର୍ଟ ଜାରିକଲା ଆଇଏମ୍‌ଡି।
- ଶିଖ୍ ଆତଙ୍କୀ ହରଦୀପ ସିଂହ ନିଜ୍ଜର ହତ୍ୟାକାଣ୍ଡରେ ଭାରତୀୟ ଏଜେଣ୍ଟ ସଂପୃକ୍ତ ଥିବା ନେଇ କାନାଡ଼ାର ଅଭିଯୋଗକୁ ଭାରତର ଖଣ୍ଡନ।
- ଅନ୍‌ଲାଇନ୍‌ରେ ବୋମା ଧମକ ମିଳିବା ପରେ ନୂଆଦିଲ୍ଲୀରୁ ସିକାଗୋ ଯାଉଥିବା ଏୟାର ଇଣ୍ଡିଆ ବିମାନ ଏ୧-୧୨୭ କାନାଡାର ଇକ୍କାଲୁଇତ୍ ବିମାନ ବନ୍ଦରରେ ଜରୁରୀ ଅବତରଣ କଲା। ଏହା ହେଉଛି ଭାରତର ଆନ୍ତର୍ଜାତିକ ବିମାନକୁ ୪ର୍ଥ ଧମକ। ପୂର୍ବରୁ ଏୟାର ଇଣ୍ଡିଆର ଗୋଟିଏ ଏବଂ ଇଣ୍ଡିଗୋର ୨ ବିମାନକୁ ଅନୁରୂପ ଧମକ ମିଳିଥିଲା।
- ଏନ୍‌ସିପି ନେତା ବାବା ସିଦ୍ଦିକ୍ ହତ୍ୟାକାଣ୍ଡରେ ଫେରାର୍ ଥିବା ଶୁଭମ୍ ଲୋନକରକୁ ସଲମନ ଖାଁଙ୍କ ଗାଲାକ୍ସି ଆପାର୍ଟମେଣ୍ଟ ଆଗରେ ହୋଇଥିବା ଗୁଳିକାଣ୍ଡ ମାମଲାରେ ଜେରା କରାଯାଇଥିଲା। କିନ୍ତୁ ପ୍ରମାଣ ଅଭାବରୁ ତାକୁ ପୋଲିସ ଛାଡ଼ିଦେଇଥିଲା।
- ଋଣ ଶୁଝି ନ ପାରିବାରୁ ଏକ ଅଣ ବ୍ୟାଙ୍କି ସଂସ୍ଥା ଦ୍ୱାରା ଘରୁ ବିତାଡ଼ିତ ହୋଇଥିବା କେରଳୀ ମହିଳା ସନ୍ଧ୍ୟା ଓ ତାଙ୍କ ଦୁଇ ସନ୍ତାନଙ୍କୁ ବଞ୍ଚାଇଲେ ଆବୁଧାବିରେ ଥିବା ଭାରତୀୟ ବ୍ୟବସାୟୀ ଏମ୍‌ଏ ୟୁସୁଫ୍।
- ପ୍ରଖ୍ୟାତ ମରାଠୀ ଓ ବଲିଉଡ ଅଭିନେତା ଅତୁଏ ପାର୍ଚୁରେଙ୍କର ୫୭ ବର୍ଷ ବୟସରେ ପରଲୋକ ଘଟିଛି। ସୂର୍ଯ୍ୟାଚି ପିଲ୍ଲେରେ ଆୟୋଜିତ ଗୋଟିଏ ଷ୍ଟେଜ ଶୋ'ରେ ଅତୁଲ ଗତକାଲି ସାମିଲ ହୋଇଥିଲେ।
- ତିନି ସେନାକୁ ଆହୁରି ଶକ୍ତିଶାଳୀ କରିବା ପାଇଁ ଭାରତ ଆମେରିକାରୁ ପ୍ରିଡେଟର ଏମ୍‌କ୍ୟୁ-୯ ବି ଡ୍ରୋନ୍ ଆଣିବେ। ଏଥିପାଇ ଭାରତ-ମଧ୍ୟରେ ୩୨ ହଜାର କୋଟି ଟଙ୍କାର ଚୁକ୍ତି ସ୍ୱାକ୍ଷରିତ ହୋଇଛି।

# ଘରେ ସ୍ତ୍ରୀ ପିଲା, ବାହାରେ ପାଲା



**ଆଇପିଏସ୍‌ଙ୍କ ପରେ ଚର୍ଚ୍ଚାରେ ଆଇଆଇସିଙ୍କ ପ୍ରେମ**

ଭୁବନେଶ୍ୱର,୧୫।୧୦ (ସଂଚାର ବ୍ୟୁରୋ): ଘରେ ସ୍ତ୍ରୀ ପିଲା କିନ୍ତୁ ବାହାରେ ଚାଲିଛି ପାଲା। ପୋଲିସ ବାବୁଙ୍କ ଚୋରା ପିରତିକୁ ନେଇ ରାଜଧାନୀରେ ବେଶ ଚର୍ଚ୍ଚା। କମିଶନରେଟ ପୋଲିସ ଭୁବନେଶ୍ୱର ୟୁପିଡ଼ରେ କାମ କରୁଥିବା କାମୁକ ଆଇଆଇସିଙ୍କ ପ୍ରେମ ପାଇଁ ଘର ପରିବାର ଭାଙ୍ଗିବା ଉପରେ। ଆପଣଙ୍କୁ ଏସବୁ ଶୁଣିଲେ ଟିକେ ଅଜବ ଲାଗୁଥାଇପାରେ। ଆଉ ମନରେ ମଧ୍ୟ ପ୍ରଶ୍ନ ଉଙ୍କି ମାରୁଥିବ ଯେ, ଏତେ କାମ ଭିତରେ ଘରୱାଲି ଠିକ ସେ ସମୟ ଦେଇ ପାରୁନଥିବା ପୋଲିସ ବାହାରୱାଲିଙ୍କୁ କିଭଳି ମେଣ୍ଟେନ କରୁଛନ୍ତି ? କିନ୍ତୁ ପୂର୍ବ ଡିସିପିଙ୍କ ଏକାନ୍ତ ଖାସ ବୋଲି କହି ବୁଲୁଥିବା ଏହି ଅଫିସର ଏବେ ଆଉ ଜଣେ ଆଇଆଇସିଙ୍କ ପ୍ରେମରେ ଉବୁଟୁବୁ ହେଉଥିବା ଶୁଣାଯାଉଛି। ଯାହାକୁ ନେଇ ଉଭୟ ପରିବାର ରେ ମଧ୍ୟ ଝଡ଼ ସୃଷ୍ଟି ହୋଇଛି।

ଗତ ୨ ବର୍ଷ ହେଲା ଏହି ପ୍ରେମ କୁଆଡେ ବନ୍ଧ ବାଡ଼ ଭାଙ୍ଗିଛି। ମ୍ୟାଡାମ ଜଣକ ଭୁବନେଶ୍ୱରରେ ଆଇଆଇସି ଥିବା ବେଳେ ନିଜ ➪ପୃଷ୍ଠା-୬

# ଅମର ବଡ ନା ବର୍ଷା

- ବିଜେଡିରେ ଚାଲିଛି ଅଙ୍କକଷା
- ବଡଚଣାରେ ବଡ ଧରଣର ହଲଚଲ





**ଭୁବନେଶ୍ୱର ଭୁବନେଶ୍ୱର,୧୫।୧୦ (ସଂଚାର ବ୍ୟୁରୋ):** ଅମର ଶତପଥୀ ବଡ ନାଁ ସ୍ୱାମୀଙ୍କ ସହିତ ମାମଲା ଲଢି ଛାଡପତ୍ର ପାଇଥିବା ଚଳଚିତ୍ର ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ବଡ। ଏହାକୁ ନେଇ ଏବେ ବଡଚଣାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଅଙ୍କକଷା ଆରମ୍ଭ ହୋଇଛି। ସବୁଠାରୁ ବେଶୀ ଅଙ୍କ କଷୁଛନ୍ତି ବିଜେଡି କର୍ମୀମାନେ।

ବିଜେଡିକୁ ଅମର ବାଏ ବାଏ କରିବାପରେ ଏହି ହିସାବ ଜୋର ଧରିଛି। ଗତ ନିର୍ବାଚନରେ ଶେଷ ମୁହୂର୍ତ୍ତରେ ଅମରଙ୍କ ହାତରୁ ବିଜେଡି ଟିକଟ ଛଡାଇ ନିଆଯାଇ ବର୍ଷାଙ୍କୁ ଦିଆଯାଇଥିଲା। ଅମରଙ୍କ ବିରୁଦ୍ଧରେ କୌଣସି ଅଭିଯୋଗ ନଥିଲା କି ମଇଦାନରେ ତାଙ୍କ ସ୍ଥିତି ବି ଖରାପ ନଥିଲା। ହେଲେ ଯେତେବେଳେ ବିଜେଡି ଟିକଟ ବର୍ଷାଙ୍କୁ ଦିଆଗଲା ସେତେବେଳେ ବଡଚଣା ଆକାଶରେ କଳା ବାଦଲ ଘୋଟିଲା ଭଳି ଅବସ୍ଥା। ବିଜେଡି ସପକ୍ଷରେ ତ ଭୋଟ ବର୍ଷା ହେଲାନାହିଁ, ବାଜି କିନ୍ତୁ ମାରିନେଲା ବିଜେପି। ଭୋଟ ସରିଲା ପରେ ସମସ୍ତେ ଭାବିଥିଲେ ବର୍ଷାଙ୍କୁ ପ୍ରାର୍ଥୀ କରି ବିଜେଡି ଅନୁତପ୍ତ। ମନମରା ଅମର ବି ସେଇଆ ଭାବିଥିଲେ। ପୁଣି ଥରେ ବଡଚଣାରେ ବିଜେଡିକୁ ସଳଖିବାକୁ ଅମର ଯୋଜନା କରୁଥିବାବେଳେ ଅଦିନିଆ ମେଘ ଭଳି ବର୍ଷା ପୁଣିଥରେ ଉଭା ହୋଇଥିଲେ ବଡଚଣାରେ। ସଭ୍ୟ ସଂଗ୍ରହ କାର୍ଯ୍ୟ ଚଳାଇଥିଲେ। ଅମରଙ୍କୁ ଏକଘରିଆ କରି ଦଳ ପୂରା ବର୍ଷାଙ୍କ ହାତରେ ସମର୍ପି ଦେଇଥିଲା ଦଳୀୟ କାର୍ଯ୍ୟ। ଏଭଳି ଅପମାନକୁ ହଜମ ନକରି ଅମର ଦଳ ଛାଡିଥିବାବେଳେ କେଉଁମାନେ ବର୍ଷାଙ୍କୁ ଅମରଙ୍କ ଠାରୁ ବଡ ଭାବି ବଡଚଣାକୁ ଆମଦାନୀ କରିଥିଲେ ତାହାକୁ ନେଇ ତର୍ଜମା ଆରମ୍ଭ ହୋଇଛି। ବର୍ଷାଙ୍କର ରାଜନୈତିକ ➪ପୃଷ୍ଠା-୬

# ୨୩ରେ ଆସିବେ ରାଷ୍ଟ୍ରପତି

ଭୁବନେଶ୍ୱର,୧୫।୧୦ (ସଂଚାର ବ୍ୟୁରୋ): ଆସନ୍ତା ୨୩ ତାରିଖରେ ଓଡିଶା ଗସ୍ତରେ ଆସୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଏହି ଅବସରରେ ଅନେକ ପ୍ରକଳ୍ପର ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି। ଗସ୍ତ ଅବସରରେ ୩ଟି ରେଳଲାଇନ୍ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ରାଷ୍ଟ୍ରପତି ଦୌପ୍ରଦୀ ମୁର୍ମୁ ବାଙ୍ଗିରିପୋଷି-ଗୋରୁମହିଷିଆଣି, ଚକୁଲିଆଣି-ବୁଢ଼ିଆଣି, ବାଦାମପାହାଡ଼-କେନ୍ଦୁଝରଗଡ଼ ପ୍ରକଳ୍ପର ଶିଳାନ୍ୟାସ କରିବେ। ରାଷ୍ଟ୍ରପତି ପୁରୀ ଯାଇ ଗୋପବନ୍ଧୁ ଆୟୁର୍ବେଦ କଲେଜର ୭୫ତମ ପ୍ରତିଷ୍ଠା ଦିବସରେ ଯୋଗଦେବେ।

# ୪ ଜଣଙ୍କ ଜଳ ସମାଧି

- ବାଲିଅନ୍ତାରେ ଭାଇ ଭଉଣୀ
- ନର୍ଲାରେ ଦୁଇ ସାଙ୍ଗ

**ବାଲିଅନ୍ତା/ଭବାନୀପାଟଣା,୧୫।୧୦ (ସଂଚାର ବ୍ୟୁରୋ):** ପାର୍ବଣ ପାଇଁ ରାଜ୍ୟ ଉତ୍ସବମୁଖର ହୋଇପଡ଼ିଥିବା ବେଳେ ଭୁବନେଶ୍ୱର ଉପକଣ୍ଠ ଓ କଳାହାଣ୍ଡି ଜିଲ୍ଲା ନର୍ଲା ଅଞ୍ଚଳରେ ୪ଜଣଙ୍କ ଜଳ ସମାଧି ଶୋକାକୂଳ ପରିବେଶ ସୃଷ୍ଟି କରିଛି। ରାଜଧାନୀ ଉକପଣ୍ଠରେ ଭାଇ ଭଉଣୀ ଏବଂ ନର୍ଲାରେ ଦୁଇ ସାଙ୍ଗ ବୁଡ଼ିଯାଇଛନ୍ତି। ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା ବ୍ଲକ ସୁଭାଲୋ ଗାଁରେ ଥିବା ମାମୁ ଘରକୁ କୋରଡକଣ୍ଟା ଗ୍ରାମର ଶୁଭଶ୍ରୀ ଜେନା (୧୪) ଓ ରାଜନ ଜେନା (୮) ଦଶହରାରେ ବୁଲିବା ଲାଗି ଆସିଥିଲେ। ମଙ୍ଗଳବାର ସକାଳେ ଭାଇଭଉଣୀ ପୋଖରୀକୁ ଗାଧୋଇବାକୁ ଯାଇ ଅସାବଧାନତା କାରଣରୁ ବୁଡ଼ି ଯାଇଥିଲେ। ବହୁ ସମୟ ଧରି ନ ଫେରିବାରୁ ପରିବାର ଲୋକେ ୨ ପିଲାଙ୍କୁ ନ ପାଇ ଚାରିଆଡେ ଖୋଜାଖୋଜି କରିଥିଲେ। ପରେ ପୋଖରୀ କୂଳରେ ଉଭୟଙ୍କ ଜୋତା ପଡ଼ିଥିବା ଦେଖିଥିଲେ। ତୁରନ୍ତ ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା। ଦେଇଥିଲେ ପରିବାର ଲୋକେ। ଅଗ୍ନିଶମ ବାହିନୀ ପହଞ୍ଚି ପୋଖରୀରୁ ୨ ଛୁଆଙ୍କୁ ଉଦ୍ଧାର କରିଥିଲେ। ଦୁହିଁଙ୍କୁ କ୍ୟାପିଟାଲ ହସପିଟାଲରେ ଭର୍ତ୍ତି କରି ଦିଆଯାଇଥିଲା। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଭାଇଭଉଣୀଙ୍କ ମୃତ୍ୟୁ ପରେ ପରିବାରରେ ଶୋକର ଛାୟା ଖେଳିଯାଇଛି। ବାପା-ମା' ➪ପୃଷ୍ଠା-୬



## ଜାତୀୟ ରାଜପଥ ପାର୍ଶ୍ୱରୁ ବଜ୍ରକାପ୍ତା ଉଦ୍ଧାର

**ନୂଆପଡ଼ା, ୧୫।୧୦ (ସଂଚାର ବ୍ୟୁରୋ):** ନୂଆପଡ଼ା ଜିଲ୍ଲା ଖଡିଆଳ ସହର ୩୫୩ ନମ୍ବର୍ ଜାତୀୟ ରାଜପଥ କଡ ରୁ ବନ ବିଭାଗ ଖବର ପାଇ ଏକ ବଜ୍ରକାପ୍ତା ଉଦ୍ଧାର କରିଛନ୍ତି। ବଜ୍ରକାପ୍ତା ଶରୀର ରେ ଅନେକ ଇନଫେକ୍ସନ୍ ଥିବା ନେଇ ଆବଶ୍ୟକ ଚିକିତ୍ସା ପରେ ଜଙ୍ଗଲ ରେ ଛାଡ଼ିବା ନିଷ୍ପତ୍ତି ନେଇଥିବା ବନ ବିଭାଗ ପକ୍ଷ ରୁ ପ୍ରକାଶ କରିଛନ୍ତି। ସେହିପରି ବଜ୍ରକାପ୍ତାଟି ପୁରୁଷ ଥିବା ବେଳେ ତାର ୩ କେଜି ୩୫୦ ଗ୍ରାମ ଓଜନ ରହିଅଛି। ବ୍ରଜକାପ୍ତା ଚଞ୍ଚଳ ଥିବା ବେଳେ ତାର ଲମ୍ବ ୩ ଫୁଟ ରହିଅଛି ବୋଲି ବନ ବିଭାଗ ଫରେଷ୍ଟର କନ୍ଦର୍ପ ସୁନାନୀ ପ୍ରକାଶ କରିଛନ୍ତି। ବୁଦ୍ଧିଆ ଡଙ୍ଗର ଅଞ୍ଚଳରୁ ପଳାଇ ଆସିଥିବା ଅନୁମାନ କରିଛନ୍ତି। ବନ ବିଭାଗ ପକ୍ଷ ରୁ ନରେଶ ଦଣ୍ଡସେନା ଦୁଇ କର୍ମଚାରୀ ଉପସ୍ଥିତ ଥିଲେ। ଖଡିଆଳ ବିଭିଓ ସଂଗ୍ରାମ ବେହେରା ଏହାର ଚିକିତ୍ସା କରି ସୁସ୍ଥ ଥିବା ପ୍ରକାଶ କରିଛନ୍ତି। ଜିଲ୍ଲା ରେ ବନ୍ୟ ପ୍ରାଣୀ ସଂଖ୍ୟା ବୃଦ୍ଧି ହେଉଥିବା ବେଳେ ଜଙ୍ଗଲ ର ପରିସୀମା ମଧ୍ୟ ବୃଦ୍ଧି ହେଉଅଛି।

## ଇଚ୍ଛାଦେଇପାଟଣାରେ ଚାଲିଛି ବେଆଇନ କରତ କଳ

**ବାଲିଅନ୍ତା, ୧୫।୧୦ (ସଂଚାର ବ୍ୟୁରୋ):** ବାଲିପାଟଣା ବନାଞ୍ଚଳ ଅଧୀନ ଭିଙ୍ଗାପୁର ଗ୍ରାମ ପଞ୍ଚାୟତର ଇଛା ଦେଇ ପାଟଣାରେ ଚାଲିଛି ବେଆଇନ କରତ କଳ । ଯାହାକି ଦୀର୍ଘ ୧୦ରୁ ବାର ବର୍ଷ ହେବ ଏହି ସ୍ଥାନରେ ବେଆଇନ ଭାବେ ଏହି କରତ କଳ ଚାଲୁ ଥିବା ସ୍ଥାନୀୟ ଲୋକ କହିଛନ୍ତୀ ସରକାରୀ ଓ ବେସରକାରୀ ଜମିରୁ ବହୁ ମୂଲ୍ୟ ବାନ୍ ଗଛ କାଟି ଏହି କରତ କଳରେ ପେଡା ଯାଉଥିବା ଖବର ମିଳିଛି । ଯାହା ଉପରେ ବର୍ତ୍ତମାନ ପର୍ଯ୍ୟନ୍ତ ବନ ବିଭାଗର ନଜର ପଡ଼ିନାହିଁ । ଦିନ ରାତି ଏକା କାର କରି ଏହି କରତ କଳ ଚାକୁଛି । କିନ୍ତୁ ବାଲିପାଟଣା ବନାଞ୍ଚଳ ଅଧିକାରୀଙ୍କର ନଜର ପଡୁନାହିଁ ନା ଯାହାକୁ ଜାଣି ନଜାଣିବା ପରି ବ୍ୟବହାର କରୁଛି ବାଲିପାଟଣା ବନାଞ୍ଚଳ ଅଧିକାରି ବହୁ ଦିନରୁ ଚାଲୁ ଥିବା ନେଇ ଅଭିଯୋଗ କରୁଥିଲେ ବି ବାଲିପାଟଣା ବନାଞ୍ଚଳ ଅଧିକାରୀ ଜାଣି ଥିଲ ବି କୌଣସି ପଦକ୍ଷପ ନେଉ ନଥିବା ଜଣାପଡ଼ିଛି। ବାଲିପାଟଣା ବନାଞ୍ଚଳ ଅଧୀନରେ ବେଆଇନ ଭାବେ ବହୁତ୍ କରତ କଳ ଚାଲୁଥିବା ସୂଚନା ମିଳିଛି ।

### ଖୋର୍ଦ୍ଧା ସହରରେ ଲୁଟେରା ସକ୍ରିୟ

# ପୁଲିସ ପାଟ୍ରୋଲିଂ ଠପ୍

**ଖୋର୍ଦ୍ଧା, ୧୫।୧୦ (ସଂଚାର ବ୍ୟୁରୋ):** ଆଦର୍ଶ ଥାନା ଅଂଚଳରେ ଦିନକୁ ଦିନ ବିଗୁଡୁଛି ଆଇନ ଶୃଙ୍ଖଳା ପରିସ୍ଥିତି। ପାର୍ବଣ ଋତୁରେ ଲୁଟେରା ସକ୍ରିୟ ହୋଇଛନ୍ତି । ପୁଲିସର ଢିଲା ପାଟ୍ରୋଲିଂ ଯୋଗୁଁ ସହରର ମୁଖ୍ୟ ରାସ୍ତାରେ ଲୁଟେରା ଖୁଲୁମଖୁଲା ଘୁରି ବୁଲୁଥିବା ବେଳେ କିଛି ଦିନ ହେଲା ସହରର କେନ୍ଦ୍ର ସ୍ଥଳି ନୂଆ ବସଷ୍ଟାଣ୍ଡ ନିକଟରେ ଥିବା ଗୋଟିଏ ପରେ ଗୋଟିଏ ଦୋକାନର କବାଟ ଏବଂ ସଟର ଭାଙ୍ଗି କଳାକନା ବୁଲାଉଛନ୍ତି ଲୁଟେରା । ଗତ ତା - ୧୨-୧୦-୨୦୨୪ ରିଖ ଶନିବାର ଦିନ ବିଳମ୍ବିତ ରାତ୍ରୀ ସମୟରେ ଖୋର୍ଦ୍ଧା ନୂଆ ବସଷ୍ଟାଣ୍ଡ ନିକଟରେ ଥିବା ସାମନ୍ତରାୟ ସୁଇଟ୍ସ ଓ ଭେରାଇଟି ଷ୍ଟୋର ଦୋକାନର କବାଟ ଭାଙ୍ଗି ଲୁଟେରା ମାନେ କୋଡିଏ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ସାମଗ୍ରୀ ଚୋରୀ କରିନେଇଛନ୍ତି। ଦୋକାନ ମାଲିକ ଭାଲିଆବାଡ଼ି ଗ୍ରାମର ଶଶିକାନ୍ତ ସାମନ୍ତରାୟ ଚୋରି ହୋଇଥିବା ସମ୍ପର୍କରେ ଖୋର୍ଦ୍ଧା ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଠିକ ସେହିପରି ଭାବରେ ନିକଟ ଅତୀତରେ ଖୋର୍ଦ୍ଧା ଶକୁନ୍ତଳା ମାର୍କେଟ କମ୍ପ୍ଲେକ୍ସ ନିକଟରେ ଥିବା ଏକ ବେକେରୀ ଦୋକାନରୁ ଲୁଟେରା ମାନେ ଏ.ସି କମ୍ପ୍ରେସର ଚୋରି କରିନେଇଥିଲେ।

ଏ ସମ୍ପର୍କରେ ଖୋର୍ଦ୍ଧା ଆଦର୍ଶ ଥାନାରେ ଲିଖିତ ଅଭିଯୋଗ ସତ୍ତ୍ୱେ ପୁଲିସ ପକ୍ଷରୁ ଘଟଣାକୁ ନେଇ ଆଜି ପର୍ଯ୍ୟନ୍ତ ତଦନ୍ତ କରାଯାଇ ନାହିଁ, ଫଳରେ ଦିନକୁ ଦିନ ଖୋର୍ଦ୍ଧା ସହର ଏବଂ ଏହାର ଆଖ ପାଖ ଅଞ୍ଚଳରେ ଲୁଟେରା



ମାନେ ପୁଲିସକୁ ଦିନ ଦ୍ୱିପ୍ରହରରେ ଖୋଲା ଚ୍ୟାଲେଞ୍ଜ ଦେଇ ଲୁଟ କରିବାରେ ସଫଳ ହେଉଛନ୍ତି । ଖୋର୍ଦ୍ଧା ଆଦର୍ଶ ଥାନା ପୁଲିସର ନିଷ୍କ୍ରିୟତା ଯୋଗୁଁ ଗୋଟିଏ ପରେ ଗୋଟିଏ ଲୁଟ କରିଚାଲିଛନ୍ତି ଲୁଟେରା । ଏ ସମ୍ପର୍କରେ ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଦୃଷ୍ଟି ଦେବା ସହ ଖୋର୍ଦ୍ଧା ସହରରେ ରାତ୍ରୀ କାଳୀନ ପାଟ୍ରୋଲିଂ ବ୍ୟବସ୍ଥା କଡା କଡ଼ି କରିବାକୁ ସାଧାରଣ ରେ ଦାବୀ ହେଉଛି ।

# ଧର୍ମାନ୍ତରୀକରଣକୁ ନେଇ ବଜରଙ୍ଗ ଦଳର ବିରୋଧ

### ନାଉଗାଁ ଥାନାରେ ପୃଥକ ଅଭିଯୋଗ

**ନାଉଗାଁ, ୧୫।୧୦ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନା ଅନ୍ତର୍ଗତ ଶିଖର ପଞ୍ଚାୟତର ବାଲିପଡ଼ାସ୍ଥିତ ବିଭୁତି ଗୋଛାୟତଙ୍କ ଘରେ ଧର୍ମାନ୍ତୀକରଣ କାର୍ଯ୍ୟ ଚାଲିଥିବା ବଜରଙ୍ଗଦଳର ସଦସ୍ୟମାନେ ରବିବାର ସୂଚନା ପାଇ ସେଠାରେ ପହଁଚିଥିଲେ। ତାଙ୍କ ଘରେ ଜଗତସିଂହପୁର ଜିଲ୍ଲା ସହିତ ବାହାର ଜିଲ୍ଲାର ୧୦ଜଣରୁ ଉର୍ଦ୍ଧ୍ୱ ବ୍ୟକ୍ତି ବସି ଆଲୋଚନା କରୁଥିବା ଜାଣିବାକୁ ପାଇଥିଲେ। ସେମାନେ ଏଠାରେ କ'ଣ ପାଇଁ ବସି ଆଲୋଚନା କରୁଛ ପଚାରିବା ସହିତ ସେମାନଙ୍କୁ ତାଙ୍କର ଆଧାର କାର୍ଡ ଦେଖାବାକୁ କହିଥିଲେ। ହେଲେ ବାହାରୁ ଆସିଥିବା ବ୍ୟକ୍ତିମାନେ ଆଧାର କାର୍ଡ ଦେଖାଇ ପାରି ନଥିଲେ। ଫଳରେ ସେଠାରେ ଚାପା ଉତେଜନା ଦେଖାଯାଇଥିଲା।

ବିଶେଷ ସୂତ୍ରରୁ ନାଉଗାଁ ଥାନାଧିକାରୀ ସଂଘମିତ୍ରା ନାୟକ ସୂଚନା ପାଇଁ ସଦଳବଳେ ଘଟଣାସ୍ଥଳରେ ପଂହଚିଥିଲେ। ପରେ ବଜରଙ୍ଗଦଳର ସଦସ୍ୟମାନେ



ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ପୋଲିସ ଜିମା ଦେବା ସହିତ ତାଙ୍କ ନିକଟରୁ ମିଳିଥିବା କାଗଜପତ୍ରକୁ ମଧ୍ୟ ପୋଲସିକୁ ହସ୍ତାନ୍ତର କରିଥିଲେ। ଏହି ଘଟଣାକୁ ନେଇ ବଜରଙ୍ଗ ଦଳ ପକ୍ଷରୁ ନାଉଗାଁ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଭୁବନେଶ୍ୱରସ୍ଥିତ ପ୍ରଭାକର ଜେନା, ପବିତ୍ର ଜେନା, ଜଗତସିଂହପୁରର ବିଭୁତି ଗୋଛାୟତ, ଶଙ୍କର ଗୋଛାୟତଙ୍କ ସମେତ ଅନ୍ୟ ୮ଜଣଙ୍କ ବସି ମିଟିଙ୍ଗ କରୁଥିବା ଅଭିଯୋଗ ଦର୍ଶାଯାଇଛି। ଅନ୍ୟପଟରେ ମିଟିଙ୍ଗ କରୁଥିବା ବ୍ୟକ୍ତିମାନେ ପାଲଟା ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ମୁତାବକ ଆମ ଦଳିତ ଜାତିରେ ରହିଥିବା ପରିବାରଙ୍କର ଉନ୍ନତି ପାଇଁ ଆମେ ସଙ୍ଗଠନ କରୁଛୁ। ଯାହାକୁ ନେଇ ଆଲୋଚନା କରୁଥିଲୁ। ଅଚନାକ ବଜରଙ୍ଗ ଦଳର ସଦସ୍ୟମାନେ ବିରୋଧ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଅଭିଯୋଗକୁ ନେଇ ଥାନା ପକ୍ଷରୁ ଦୁଇଟି ପୃଥକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲୁ ରହିଥିବା ଥାନାଧିକାରୀ ସଂଘମିତ୍ରା ନାୟକ କହିଛନ୍ତି।

## ବିଜେପିରେ ମିଶିଲେ କୁରୁଣ୍ଟି ପଞ୍ଚାୟତର ବିଜେଡି ଓ କଂଗ୍ରେସ କର୍ମୀ

**ରାଜନଗର, ୧୫।୧୦ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ କୁରୁଂଟି ପଞ୍ଚାୟତର ନାଥପୁରସ୍ଥିତ ଅଷ୍ଟଶମ୍ଭୁ ମନ୍ଦିର ପରିସରରେ ବିଜେପି ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। କୁରୁଂଟି ପଞ୍ଚାୟତର ୨୦ରୁ ଉର୍ଦ୍ଧ୍ୱ କଂଗ୍ରେସ ଓ ବିଜେଡି କର୍ମୀ ବିଜେପିରେ ଯୋଗଦେଇଥିଲେ। କୁରୁଂଟି ପଞ୍ଚାୟତ ବିଜେପି



ସଭାପତି କରୁଣାକର ପରିଡ଼ାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ଦଳର ବରିଷ୍ଠ ନେତା ତଥା ଜିଲ୍ଲା ଉପସଭାପତି ସଦାଶିବ ଜେନା, ଯୁବନେତା ଦିଲ୍ଲୀପ କୁମାର ପାଳ, ବରିଷ୍ଠ ନେତା ବିଜୟ ବଳ, ମଙ୍ଗୁଳି ଚରଣ ମହାନ୍ତି, ସୁନିଲ ପାତ୍ର, ମନୋଜ ରାଉତ, ମେଘଶ୍ୟାମ ସାହୁ, ଯୁବନେତା କ୍ରୀଷ୍ଣା ବେହେରା ପ୍ରମୁଖ ଯୋଗଦେଇ ଦଳରେ ନୂତନ ସଦସ୍ୟଙ୍କୁ ସ୍ୱାଗତ କରିବା ସହିତ ସେମାନେ ବିଜେପିର ସଦସ୍ୟତା ଗ୍ରହଣ କରିଥିଲେ। କଂଗ୍ରେସ ଓ ବିଜେଡି ଛାଡି କରୁଣାକର ନାୟକ, ନିର୍ମଳ ଧଳ, ଭୀମସେନ ଧଳ, ମଥୁରାନନ୍ଦ ଧଳ, ଶୁକଦେବ ମଲିକ, ଅମର ବେହେରା, ଗଣେଷ ସିଅ, ସୁରଥି ସିଅ ପ୍ରମୁଖ ୨୦ ପରିବାର ବିଜେପିରେ ଯୋଗଦେଇଥିଲେ। ଯୁବନେତା ଦିଲ୍ଲୀପ ପାଳ ପ୍ରତିଦିନ ଗୋଟିଏ ଗୋଟିଏ ପଞ୍ଚାୟତରେ ପହଁଚି ଦଳର ସଦସ୍ୟତା ସଂଗ୍ରହ ଅଭିଯାନକୁ ତ୍ୱରାନ୍ୱିତ କରିବା ସହ ମିଶ୍ରଣ ପର୍ବ ଜାରି ରଖିଛନ୍ତି।

# ଦାଦନ ଖଟିବାକୁ ଯାଇ ଛାତରୁ ପଡ଼ି ଯୁବକ ଆହତ

### ଚିକିତ୍ସା ପାଇଁ ଅର୍ଥ ବାଧକ

**ଉମରକୋଟ /ରାଇଘର, ୧୫।୧୦ (ସଂଚାର ବ୍ୟୁରୋ):** ପୁଣି ଦାଦନ ଦୁଃଖ ପେଟ ପାଟଣା ପାଇଁ ଦାଦନ ଖଟିବାକୁ ଯାଇ ଦୁଇ ମହଲା ଛାତ ଉପରୁ ପଡି ହାତ ଗୋଡ଼ ଏବଂ ଅଣ୍ଟା ଭାଙ୍ଗି ମେଡିକାଲରେ ପଡିରହିଛି ଜଣେ ଦାଦନ ଶ୍ରମିକ। ସୂଚନାଥାଉ କି ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ୟୁ.ଭି -୫୨ ନଂ ଗାଁର ଦାଦନ ଶ୍ରମିକ ଅଭିଜିତ ମଜୁମଦାର ପରିବାର କହିଲେ ଦୁଇ ଭାଇ, ଭଉଣୀ ଏବଂ ବାପା ମା । ବଡ ଭାଇ ମାଲକାନଗିରି ଜିଲ୍ଲାରେ କିଛି କୁଲି ମଜୁରୀ କରି ପରିବାର ପ୍ରତିପୋଷଣ କରୁଥିବା ବେଳେ ଛୋଟ ଭାଇ ତାଙ୍କ ମା ଓ ବାପାଙ୍କୁ ନେଇ ଅତି ଦୁଃଖ କଷ୍ଟରେ ୫୨ ନମ୍ବର ଗ୍ରାମରେ ଘର ଚଳେଇଥାନ୍ତି। ସେଭଳି ଅଭିଜିତ କିଛି ମାସ ତଳେ ଦାଦନ ଶ୍ରମିକ ଭାବେ ଆନ୍ଧ୍ରପ୍ରଦେଶକୁ ଯାଇ ତାଙ୍କ ବାପା ମାଙ୍କୁ କିଛି ଅର୍ଥ ପଠେଇଲେ ତାଙ୍କ ପରିବାର ଦୁଃଖ କଷ୍ଟରେ ଚାଲିଥାଏ ।

ଏଭଳି ଦୁଃଖ କଷ୍ଟରେ ତାଙ୍କ ଏହି ପରିବାର ଚାଲିଥିବା ବେଳେ ହଠାତ କଳା ମେଘ ବାଦଲ ପରି ମାଡି ଆସିଥିଲା ଦୁର୍ଘଟଣା। ଏବେ ଏକ ମାତ୍ର ରୋଜଗରିଆ ପୁଅର ଅବସ୍ଥା ଦେଖି ବାପା ଏବଂ ମା ଆଖିରୁ ଲୁହ ସରୁନି। ପ୍ରତ୍ୟେକ ଦିନ ଆଖିରୁ ଲୁହ ଝରି ଯାଉଥିବା ବେଳେ ବର୍ତ୍ତମାନ ତାଙ୍କ ପୁଅକୁ କେମିତି ଠିକ କରିବେ ଏବେ ଭାଙ୍ଗି ପଡିଥିବା ବେଳେ ଲୋକଙ୍କୁ ସାହାଯ୍ୟ ମାଗି ବୁଲୁଥିବା ଦେଖିବାକୁ ମିଳୁଛି। ରାତି ପାହିଲେ ବାର ଦୁଆର ବୁଲିବା ସହ କିଛି ସାହାଯ୍ୟ ମାଗି କୋହ ଭରା କଣ୍ଠରେ ପୁଅକୁ ବଞ୍ଚେଇବା ଦିଅ ବୋଲି କହୁଛନ୍ତି ।



ସୂଚନା ଅନୁସାରେ, ଗତ ଏକ ମାସ ହେବ ୟୁ.ଭି-୫୨ ଗାଁର ଲବ ମଜୁମଦାରଙ୍କ ୨୪ ବର୍ଷିୟ ପୁଅ ଅଭିଜିତ ମଜୁମଦାର ହାଇଦ୍ରାବାଦକୁ ଦାଦନ ଖଟିବାକୁ ଯାଇଥିଲେ। ଗତ ୧୧ ତାରିଖ ଦିନ ଛାତ ପକାଉଥିବା ବେଳେ ଅଚାନକ ଛାତ ଉପରୁ ପଡିଯାଇଥିଲେ ଅଭିଜିତ। ତୁରନ୍ତ ତାଙ୍କୁ ଡାକ୍ତଖାନାରେ ଭର୍ତ୍ତି କରିଥିଲେ ସ୍ଥାନୀୟ ଲୋକେ। ସେଠାରେ ତାଙ୍କୁ ପ୍ରଥମେ ହାଇଦ୍ରାବାଦର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା କିନ୍ତୁ ତାଙ୍କ ଦେହ ସଙ୍କଟାପନ୍ନ ହେବାଯୋଗୁଁ ତାଙ୍କୁ ବିଶାଖାପାଟଣା ର ମେଡ଼ିକଭର ହସ୍ପିଟାଲରେ ବର୍ତ୍ତମାନ ଚିକିତ୍ସାଧୀନ ରହିଛନ୍ତି । ଦାଦନ ଖଟି ଯାହା ରୋଜଗାର କରିଥିଲେ ତାହା ଚିକିତ୍ସା ରେ ଖର୍ଚ୍ଚ ହୋଇଯାଇଥିବା ବେଳେ ଆହୁରି.ତାଙ୍କୁ ଦୁଇ ରୁ ତିନି ଲକ୍ଷର ଅର୍ଥ ଆବଶ୍ୟକ ପଡୁଥିବା ବେଳେ ଏତେ ଟଙ୍କା ଆଣିବେ ବା କଉଠି, ପ୍ରଶାସନ ଅଭିଜିତ ପ୍ରତି ଯଥାଶୀଘ୍ର ଦୃଷ୍ଟି ଦେବାକୁ ପରିବାର ଲୋକେ ଆକୁଳ ନିବେଦନ କରିଛନ୍ତି

# କ୍ୟାନ୍ସର ପୀଡ଼ିତ ଶିଶୁକୁ ସହାୟତା

**ରାଜନଗର, ୧୫।୧୦ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ଭିତରଗଡ଼ ପଞ୍ଚାୟତ ଚାରିପୋଖରିଆ ଗାଁର କଳ୍ପତରୁ




ବାରିକଙ୍କ ଏକମାତ୍ର ପୁତ୍ର ଯାହାର ବୟସ ଦେଢବର୍ଷ ହେବ ସେ ଦୁନିଆ କଣ ଠିକ୍ ସେ ଜାଣି ନାହିଁ ସେହି କୋମଳମତି ଶିଶୁଟି ଏବେ ରକ୍ତ କର୍କଟ ରୋଗରେ ପୀଡିତ ହୋଇ ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲରେ ଜୀବନ ସହ ସଂଗ୍ରାମ କରୁଛି। ଡାକ୍ତରଙ୍କ କହିବା କଥା ହେଲା ଏହି ରୋଗକୁ ଭଲ କରିବା ପାଇଁ ପ୍ରଚୁର ଅର୍ଥ ଓ ରକ୍ତର ଆବଶ୍ୟକତା ରହିଛି। ଏହି ଖବର ପାଇବା ପରେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ କେନ୍ଦ୍ରାପଡ଼ା ଜିଲ୍ଲାର ମା'ଶାରଳା ଚାରିଟେବୁଲ ଟ୍ରଷ୍ଟର ସଦସ୍ୟମାନେ ଭୂବନେଶ୍ୱର ଘରୋଇ ହସ୍ପିଟାଲରେ ପହଁଚି ୪ ୟୁନିଟ ରକ୍ତ ଦେବା ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ସଂଗଠନର ପ୍ରତିଷ୍ଠାତା ମହେଶ୍ୱର ସାହୁ, କୋଷାଧ୍ୟକ୍ଷ ମହେଶ୍ୱର ପାତ୍ର, ସନାତନ ଓଝା, ପ୍ରୀତିମୟୀ ଦାସ, ସଶ୍ମିତା ରାଉତ, ସରୋଜ ଜେନା, ରତ୍ନାକର ପଣ୍ଡା ପ୍ରମୁଖ ସଦସ୍ୟମାନେ କଳ୍ପତରୁଙ୍କ ଘରେ ପହଁଚି ଆର୍ଥିକ ସହାୟତା ଦେବା ସହିତ ଆଗକୁ ସାହାଯ୍ୟ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

## କବାଡ଼ି ଖେଳୁଖେଳୁ ଚାଲିଗଲା ଜୀବନ

**ନୂଆପଡ଼ା, ୧୫।୧୦ (ସଂଚାର ବ୍ୟୁରୋ):** କବାଡି ଖେଳ ସରିବାକୁ କିଛି ସମୟ ଥିଲା । କିଛି ସମୟ ପରେ ବିଜୟ ବିଜୟ ହୋଇଥାନ୍ତେ। ଆଉ ପୁରସ୍କୃତ ହୋଇଥାଆନ୍ତି। ହେଲେ ତା' ପୂର୍ବରୁ କବାଡି ଖେଳରେ ଟଳି ପଡ଼ିଲେ ଖେଳାଳି। ଏଭଳି ଦୁଃଖଦ ଘଟଣା ଘଟିଛି ନୂଆପଡ଼ା ଜିଲ୍ଲାରେ। ମୃତ ଖେଳାଳି ହେଉଛନ୍ତି ଛତିଶଗଡ଼ ଖଗେଶ୍ୱର ରାଠିଆ । ପ୍ରତିବର୍ଷ ପରି ଚଳିତବର୍ଷ ଦୁର୍ଗା ପୂଜା ଉପଲକ୍ଷେ କୋମନା ବ୍ଲକ ତରବୋଡ ଗାଁରେ ଆନ୍ତଃ ରାଜ୍ୟ କବାଡି ଟୁର୍ଣ୍ଣାମେଣ୍ଟ ହୋଇଥିଲା। ଏଥିରେ ବିଭିନ୍ନ ରାଜ୍ୟର ୨୧ଟି ଟିମ୍ ଭାଗ ନେଇଥିଲେ । ଆଜି ଫାଇନାଲ୍ ମ୍ୟାଚ୍ ଖେଳା ଯାଉଥିଲା। ସକାଳେ ନିର୍ଦ୍ଧାରିତ ସମୟରେ ଖେଳ ଆରମ୍ଭ ହୋଇଥିଲା। ମୁହାଁମୁହିଁ ହୋଇଥିଲେ ନୂଆପଡାର ହାତୀସରା ଟିମ୍ ଓ ଛତିଶଗଡ ମହାସମୁନ୍ଦ ଜିଲ୍ଲା ସରାଇପାଲି ଊଡୁମଚୁଆ ଗାଁର ଟିମ୍। ପ୍ରଥମ ହାପ୍‌ରୁ ଊଡୁମଚୁଆ ଟିମ୍ ଜବରଦସ୍ତ ଖେଳ ପ୍ରଦର୍ଶନ କରିଥିଲା । ପ୍ରତିପକ୍ଷ ଟିମ୍‌କୁ ଚକମା ଦେଇ ପଏଣ୍ଟ ହାସଲ କରୁଥିଲେ। ପ୍ରଥମ ପରି ଦ୍ୱିତୀୟ ହାପ୍‌ରେ ମଧ୍ୟ ଊଡୁମଚୁଆ ଟିମ୍ ଭଲ ଖେଳ ପ୍ରଦର୍ଶିତ କରି ପଏଣ୍ଟ ହାତେଇ ଥିଲା ।ଟିମ୍ ବିଜୟ ଦ୍ୱାରରେ ପହଞ୍ଚିଥିଲା । ଖେଳ ସରିବାକୁ ଆଉ ଅଢ଼େଇ ମିନିଟ୍ ବାକିଥିଲା। ଶେଷ ପର୍ଯ୍ୟାୟରେ ଊଡୁମଚୁଆ ଟିମ୍‌ର ଧୂରନ୍ଧର ଖେଳାଳୀ ୨୬ ବର୍ଷୀୟ ଖଗେଶ୍ୱର ରାଠିଆ ରେଡ୍ କରିବାକୁ ଯାଇଥିଲେ। ହେଲେ ପ୍ରତିପକ୍ଷ ଟିମ୍‌ର ଡିଫେଣ୍ଡରମାନେ ତାଙ୍କୁ ଧରି ପକାଇଥିଲେ। ଯେଉଁଥିପାଇଁ ଖଗେଶ୍ୱର ରାଗି ଯାଇଥିଲେ। ରାଗ ତମ ତମ ହୋଇ ଖଗେଶ୍ୱର ନିଜ ପାର୍ଶ୍ୱକୁ ଫେରୁଥିବା ବେଳେ ତଳେ ପଡ଼ି ଯାଇଥିଲେ । ଆଉ ଉଠି ପାରି ନ ଥିଲେ । ସାଥୀ ଖେଳାଳୀ ଓ ଆୟୋଜକମାନେ ତାଙ୍କୁ ସଙ୍ଗେ ସଙ୍ଗେ ଉଦ୍ଧାର କରି ତରବୋଡ୍ ମେଡ଼ିକାଲ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ଖବର ପ୍ରକାଶ ପାଇବା ପରେ ଶୋକର ଛାୟା ଖେଳି ଯାଇଛି। ମୃତ କବାଡି ଖେଳାଳୀଙ୍କ ଘର ଛତିଶଗଡ଼ ଊଡୁମଚୁଆ ଗାଁରେ। ପୋଲିସ ଏନେଇ ପରିବାର ଲୋକଙ୍କୁ ଖବର ଦେଇଥିଲା । ଅପରାହ୍ନରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ପିପିଲି ବ୍ଲକ ଛକରେ ବିଜେପି କାର୍ଯ୍ୟାଳୟ ଉଦ୍‌ଘାଟିତ

# ଜନତାଙ୍କ ଅଭିଯୋଗ ଶୁଣିବେ ବିଧାୟକ ଆଶ୍ରିତ

**ପିପିଲି, ୧୫।୧୦ (ସଂଚାର ବ୍ୟୁରୋ):** ବିଧାୟକ ହେବା ପରେ ଆଉ ଘରେ ବସୁ ନାହାଁନ୍ତି ବିଧାୟକ। ପ୍ରତିଦିନ ବିଧାୟକ ପିପିଲି ଓ ଡ଼େଲାଙ୍ଗର ଲୋକଙ୍କ ସମସ୍ୟା କଣ ଅଛି ବୁଲି ବୁଲି ବୁଝୁଛନ୍ତି। ଏଥିପାଇଁ ପିପିଲି ବ୍ଲକ ଛକରେ ହେବ ଜନ ଶୁଣାଣି ଅଭିଯୋଗ। ଏହି ଜନଶୁଣାଣି ଅଭିଯୋଗ ପ୍ରତି ସପ୍ତାହରେ ସୋମବାର ଦିନ ୧୦ ଘଟିକାରୁ ୧୨ ଘଟିକା ପର୍ଯ୍ୟନ୍ତ ରହିବ। ଏହି ପରିପ୍ରେକ୍ଷୀରେ ଜନତାଙ୍କ ଅଭିଯୋଗ ଶୁଣିବା ପାଇଁ ପିପିଲି ବ୍ଲକ ଛକରେ ବିଜେପିର କାର୍ଯ୍ୟାଳୟର ଶୁଭ ଉଦଘାଟନ କରିଛନ୍ତି ପିପିଲି ବିଧାୟକ। ଏଥିରେ ସ୍ଥାନୀୟ ଯୁବକ ଧନେଶ୍ୱର ପ୍ରଧାନ, ପ୍ରଦୀପ କମାର ପ୍ରଧାନ, ଜଗବନ୍ଧୁ ପ୍ରଧାନ, ବିରେନ୍ଦ୍ର ସ୍ୱାଇଁ, ଦିବାକର ପରିଡ଼ା ବାଲୁଙ୍କି ପ୍ରଧାନ ସୁକାନ୍ତ ଭଟ୍ଟ ଓ ସାମ୍ବାଦିକ ରାଜକିଶୋର ସ୍ୱାଇଁ, ପ୍ରଫୁଲ୍ଲ ସାହୁ, ପ୍ରଶାନ୍ତ ଦିକ୍ଷୀତ, ଦୁର୍ଗାମାଧବ ପରିଡ଼ା ଓ ପ୍ରକାଶ



କୁମାର ପ୍ରଧାନଙ୍କ ଉଦ୍ୟମରେ ଏହି କାର୍ଯ୍ୟାଳୟ ଖୋଲା ଯାଇଥିବା ବେଳେ ପିପିଲି ବ୍ଲକ ଓ ତହସିଲ କାର୍ଯ୍ୟାଳୟ କୁ ଆସୁଥିବା ସାଧାରଣ ଜନତାଙ୍କ ସହାୟତା ନିମନ୍ତେ ଏହି ବିଜେପି କାର୍ଯ୍ୟାଳୟ ଖୋଲାଯିବାର ମୁଖ୍ୟ ଉଦ୍ଦେଶ୍ୟ ରହିଛି ବୋଲି ପିପିଲି-ଡ଼େଲାଙ୍ଗ ବିଧାୟକ ଆଶ୍ରିତ ପଟ୍ଟନାୟକ କହିଛନ୍ତି।

# ଉଦ୍ୟାନ ନ ଥାଇ ଲକ୍ଷ ଲକ୍ଷ ଟଙ୍କା ଚଳୁ

### ଜିଲ୍ଲାପାଳଙ୍କ ଜନଶୁଣାଣିରେ ଲିଖିତ ଅଭିଯୋଗ

**ରାଜକନିକା, ୧୫।୧୦ (ସଂଚାର ବ୍ୟୁରୋ):** ରାଜକନିକା ବ୍ଲକ ଅନ୍ତର୍ଗତ ଓଳାଭର ପଞ୍ଚାୟତରେ ଗ୍ରାମୀଣ ଉଦ୍ୟାନ ନିର୍ମାଣ ନ ହୋଇ ମଧ୍ୟ ଲକ୍ଷ ଲକ୍ଷ ଟଙ୍କା ନାଟକୀୟ ଭାବେ ଉଠାଣ ହୋଇଥିବା ନେଇ ଜିଲ୍ଲାପାଳଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି ଦେଉଳସାହି ଗ୍ରାମର ସୁଚନାଧିକାର କର୍ମୀ ସୁଶାନ୍ତ ନାୟକ। ଲିଖିତ ଅଭିଯୋଗରେ ସେ ଦର୍ଶାଇଛନ୍ତି ଯେ ସରକାରୀ ତଥ୍ୟ ମୁତାବକ ଓଳାଭର ପଞ୍ଚାୟତରେ ଗ୍ରାମୀଣ ଉଦ୍ୟାନ ଦେଉଳସାହି ଗ୍ରାମରେ ନିର୍ମାଣ ହୋଇଛି । ତେବେ ଅନୁସନ୍ଧାନ କଲା ପରେ ଏଠାରେ ଏଭଳି କେଉଁଠି ଉଦ୍ୟାନ ନିର୍ମାଣ ହୋଇଥିବାର ଜଣା ପଡୁନାହି । ଯାହାକି ଉଦ୍ୟାନ ନିର୍ମାଣ ରେ ବ୍ୟାପକ ହେରଫେର ହୋଇ ସବୁତକ ଟଙ୍କା ଚଳୁ କରା ଯାଇଛି ବୋଲି ସ୍ପଷ୍ଟ ଭାବେ ଜଣା ପଡୁଛି। ଏଥିରେ ସରପଞ୍ଚଙ୍କ ସହିତ ବିଭାଗୀୟ ଅଧିକାରୀ ସାମିଲ୍ ଥିବାର ସନ୍ଦେହ କରା ଯାଉଛି।ଯାହା କି ତଦନ୍ତ ସାପେକ୍ଷ ବୋଲି



ଦର୍ଶାଇଛନ୍ତି ସୁଶାନ୍ତ। ତୁରନ୍ତ ଏଭଳି ଏକ ଗୁରୁତର ପ୍ରସଙ୍ଗ ଉପରେ ତଦନ୍ତ କରାଯାଇ ଯିଏ ବି ଦୋଷୀ ତାଙ୍କ ଉପରେ ଦୃଢ କାର୍ଯାନୁଷ୍ଠାନ ସହିତ ହଡପ ଅର୍ଥ ସରକାରଙ୍କ ପାଖକୁ ଫେରାଇ ଆଣିବକୁ ଦାବି ମଧ୍ୟ ସେ ଦାବି କରିଛନ୍ତି ।

## ଚିଲିକା ମୁହାଣରେ କୁମ୍ଭୀର

# ମତ୍ସ୍ୟଜୀବୀ ଓ ଜନସାଧାରଣ ଆତଙ୍କିତ

**କଣାସ, ୧୫।୧୦ (ସଂଚାର ବ୍ୟୁରୋ):**କଣାସ ବ୍ଲକରେ ପ୍ରବାହିତ ହେଉଥିବା ଦୟା ତାହାର ଶାଖାନଦୀ ରାଜୁଆ ଓ ମକରାନଦୀରେ ଗୋଟିଏ କୁମ୍ଭର ଦୀର୍ଘ ୧୫ଦିନ ହେଲା ବୁଲିଥିବାରୁ ଲୋକମାନେ ଭୟଭିତ ଆବସ୍ଥାରେ ଅଛନ୍ତି। ନଦୀକୂଳବାସୀମାନେ ନଦୀ ଭିତରକୁ ଗାଧୋଇବା ପାଇଁ ଯାଉନାହାନ୍ତି। ଆଜି କୁମ୍ଭିର ଟି ମକରାନଦୀର ଶେଷ ସୀମା ସରସ୍ୱତୀନଗର ନିକଟରେ ଘୁରିବୁଲିଥିବାରୁ ଚିଲିକାକୁ ଯାଉଥିବା ମତ୍ସ୍ୟଜିବୀ ଓ ସ୍ଥାନୀୟ ଲୋକମାନେ ଭୟଭିତ ଅବସ୍ଥାରେ କାଳତିପାତ କରୁଛନ୍ତି। ଏ ସମ୍ପର୍କରେ ଖୋର୍ଦ୍ଧା ଡି.ଏଫ.ଓ ଟେଲିଫୋନ୍ ଯୋଗେ ଯୋଗାଯୋଗ କରିବାରୁ ସେ କୁହନ୍ତି କୁମ୍ଭରଟି ମଗରମୁହଁ କୁମ୍ଭର ହୋଇଥିବାରୁ ସେହି କୁମ୍ଭିର ମାଛ ଖାଇ ବଞ୍ଚିବ, ମଣିଷଙ୍କୁ କିଛି ଆଘାତ୍ କରିବ ନାହିଁ। କୁମ୍ଭର ଉପରେ ବନବିଭାଗ ପକ୍ଷରୁ ୧୫ଦିନ ହେଲା ନଜର ରଖାଯାଇଛି। ସେହି କୁମ୍ଭରଟି ସାତକୋଶିଆରୁ ମହାନଦୀରେ ଚାଲି ଆସି କାଠଯୋଡି



ଦେଇ ଦୟାନଦୀରେ ପ୍ରବେଶ କରିଛି। ବର୍ତ୍ତମାନ କୁମ୍ଭରଟି ଚିଲିକା ମଧ୍ୟରେ ପ୍ରବେଶ କରିବାକୁ ଯାଉଛି। ବନବିଭାଗ ତୁରନ୍ତ କୁମ୍ଭିରଟିକୁ ଧରି ନେବାପାଇଁ ଦାବି ହେଉଛି।

# ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ବାସନ୍ଦ ପରିବାର

**କଣାସ, ୧୫।୧୦ (ସଂଚାର ବ୍ୟୁରୋ):** କଣାସ ବ୍ଲକ ଅର୍ନ୍ତଗତ ଗଡ଼ିଶାଗୋଦା ଥାନା ପରିସର ଭୁକ୍ତ ବଡଓରା ଗ୍ରାମର ଦୀର୍ଘ ଦିନ ହେଲା ୪ଟି ପରିବାର ଗ୍ରାମବାସୀଙ୍କ ପକ୍ଷରୁ ବାସନ୍ଦ କରାଯାଇଥିବାରୁ ସେମାନଙ୍କୁ ପୋଖରୀ ତୁଠ, ମନ୍ଦିର ଦର୍ଶନ, ଦୋକାନରୁ ସୌଦାନକିଣିବା ମନା କରାଯାଇ ଥିବାରୁ ସେହିପରିବାର ବାରମ୍ବାର ଗଡ଼ିଶାଗୋଦା ଥାନା, ପୁରୀ ଆରକ୍ଷୀ ଅଧିକ୍ଷକ, ପୁରୀ ଜିଲ୍ଲାପାଳ, ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଏବଂ ମାନବ ଅଧିକାର କମିଶନର ନିକଟରେ ଅଭିଯୋଗ କରିଆସୁଛନ୍ତି। ଦଶହରା ଦିନ ଗ୍ରାମର ଠାକୁରାଣୀ ମା ଜୟଦୁର୍ଗା ଗ୍ରାମର ସମସ୍ତଙ୍କ ଦୁଆରେ ଭୋଗ ଖାଇବା ବେଳେ ଶରତ ସାହୁଙ୍କ ଦୁଆରେ ଭୋଗ ନ ଖାଇବା ପାଇଁ ଗ୍ରାମବାସୀମାନେ ବାରଣ କରିବାରୁ ଠାକୁରାଣୀ ଭୋଗ ଖାଇନଥିଲେ। ଏ ସମ୍ପର୍କରେ ଶରତଙ୍କ ପତ୍ନୀ ସୁଷମା ସାହୁ ପୁରୀ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିବା ଜଣାପଡ଼ିଛି। ପୂର୍ବରୁ ମାନବ ଅଧିକାର କମିଶନରଙ୍କ ନିକଟରେ ଅଭିଯୋଗ କରିଥିବାରୁ ମାନବ ଅଧିକାର କମିଶନର ପୁରୀ ଜିଲ୍ଲାପାଳଙ୍କୁ ୧୫ଦିନ ମଧ୍ୟରେ ତଦନ୍ତ କରି ତଦନ୍ତ ରିପୋର୍ଟ ଦେବାପାଇଁ ନିର୍ଦ୍ଦେଶ ଦେଇଥିଲେ। ଆଉ ମଧ୍ୟ ଶ୍ରୀମତୀ ସାହୁ ଅଭିଯୋଗ କରିଛନ୍ତି ଯେ ଗଡ଼ିଶାଗୋଦା ଥାନା ଆଇ.ଆଇ. ସିଙ୍କୁ ୯୪୩୯୧୯୫୨୭୭କୁ ଟେଲିଫୋନ୍ କରିଥିଲେ ମଧ୍ୟ ଆଇ.ଆଇ.ସି ଟେଲିଫୋନ୍ ଉଠାଇନଥିଲେ।



## କୁତୁରଙ୍ଗ ପଞ୍ଚାୟତରେ ଜିମ୍ ସେଣ୍ଟର ଉଦ୍‌ଘାଟିତ

**କେନ୍ଦ୍ରାପଡ଼ା, ୧୫।୧୦ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ କୁତୁରଙ୍ଗ ପଞ୍ଚାୟତରେ ଏକ ନୂତନ ଅତ୍ୟାଧୁନିକ ଜିମ ସେଣ୍ଟରକୁ ବିଧାୟକ ଗଣେଶ୍ୱର ଉଦଘାଟନ କରିଛନ୍ତି। ସରପଞ୍ଚ ଚିରରଞ୍ଜନ ଜେନାଙ୍କ ଉଦ୍ୟମରେ ତିଆରି ହୋଇଥିବା ଜିମ ସେଣ୍ଟର ଦ୍ୱାରା ପଞ୍ଚାୟତର ଯୁବକମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ଗଠନ ହୋଇପାରିବ ବୋଲି ଶ୍ରୀ ଜେନା କହିଛନ୍ତି। ଏହି ଲୋକାର୍ପଣ କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ଅଦକ୍ଷ ଲିଳିତା ଦାସ, ସମିତି ସଭ୍ୟ ମିନତୀ ଦାସ,ପୂର୍ବତନ ସରପଞ୍ଚ ରାଜେନ୍ଦ୍ର ପ୍ରସାଦ ଥାଟୋଇ, ନରୋତ୍ତମ ମଲ୍ଲିକ, ସୁଧାଂଶୁ ରଞ୍ଜନ ଜେନା, କୃପାସିନ୍ଧୁ ସାହୁ, ରଜନୀକାନ୍ତ ଜୟସିଂ, ସର୍ବେଶ୍ୱର ଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଧଳାବାଡ଼ି ଦୃଷ୍ଟିବାଧିତଙ୍କ ସ୍ୱାଧୀନତାର ପ୍ରତୀକ

**ଭୁବନେଶ୍ୱର, ୧୫।୧୦ (ସଂଚାର ବ୍ୟୁରୋ):** ଜଣେ ଦୃଷ୍ଟିବାଧିତ ବ୍ୟକ୍ତିଙ୍କୁ ସମାଜରେ ଆତ୍ମନିର୍ଭରଶୀଳ କରିବା ପାଇଁ ଧଳାବାଡ଼ିର ମହତ୍ୱପୂର୍ଣ୍ଣ ଅବଦାନ ରହିଛି। ଧଳାବାଡ଼ି ମନରେ ଆତ୍ମପ୍ରତ୍ୟୟ ସୃଷ୍ଟି କରାଇ ସମାଜରେ ଦୃଷ୍ଟିବାଧିତ ବ୍ୟକ୍ତି ଯେପରି ସମାନତାର ଅଧିକାରକୁ ସାବ୍ୟସ୍ତ କରିପାରିବ ସେଥି ନିମନ୍ତେ ଆତ୍ମବିଶ୍ୱାସ ଜାଗ୍ରତ କରାଇଥାଏ।



ରାଜ୍ୟ ସ୍ୱତନ୍ତ୍ର ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ (ଏସ୍ଆଇଏସ୍ଇଆର୍) ଆନୁକୁଲ୍ୟରେ ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ଧଳାବାଡ଼ି ଦିବସ ୨୦୨୪ ପାଳନ ଅବସରରେ ଏଭଳି ମତ ପ୍ରକାଶ ପାଇଛି। ମହାସମାରୋହରେ ପାଳିତ ଏହି ଉତ୍ସବରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ କହିଥିଲେ, ଏକ ଅନ୍ତର୍ନିବେଶି ସମାଜ ଗଠନରେ ଧଳାବାଡ଼ି ଦିବସର ଗୁରୁତ୍ୱ ବେଶ ଅଧିକ। ସନ୍ଥ କବି ଭୀମ ଭୋଇଙ୍କର ଏକ ସୁନ୍ଦର ପଂକ୍ତିରୁ ଆରମ୍ଭ କରି ସେ କହିଥିଲେ ଯେ ଓଡ଼ିଶା ସରକାର ଦୃଷ୍ଟିବାଧିତମାନଙ୍କ ପାଇଁ ଦେଶର ପ୍ରଥମ ଏକ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ପ୍ରଚେଷ୍ଟା ଆରମ୍ଭ କରିଛନ୍ତି। ବିଭାଗ ତଥା ସାଇଜରର ନିର୍ଦ୍ଦେଶିକା ନିୟତି ପଟ୍ଟନାୟକ, ଅତିରିକ୍ତ ଶାସନ ସଚିବ ସନ୍ତୋଷ କୁମାର ପ୍ରଧାନ ପତାକା ହଲାଇ ଧଳାବାଡ଼ି ଦିବସର ସଚେତନତା ରାଲି ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଶାସନ ସଚିବ ଦୀପକ କୁମାର ରାଉତରାୟ ଏବଂ ଉପଶାସନ ସଚିବ ସନ୍ନ୍ୟାସ କୁମାର ବେହେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ।

ଛଅଶହରୁ ଅଧିକ ଶିକ୍ଷାର୍ଥୀଙ୍କ ସହ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଦୃଷ୍ଟିବାଧିତ ବ୍ୟକ୍ତି ବିଶେଷ ମଧ୍ୟ ଯୋଗଦାନ କରିଥିଲେ। ଏହି ରାଲିରେ ଦୃଷ୍ଟିବାଧିତ ଶିକ୍ଷାର୍ଥୀମାନେ ଡ୍ରମ, ତୂରୀ , ଝାଞ୍ଜି ଓ ଝୁମୁକା ଆଦି ବାଦନ କରିବା ସହ ପଥପ୍ରାନ୍ତ ନାଟକ ପିରାମିଡ୍ ଓ ସ୍ଲୋଗାନ ମାଧ୍ୟମରେ ବିଭିନ୍ନ ସଚେତନମୂଳକ ବାର୍ତ୍ତା ପ୍ରଦାନ କରିଥିଲେ। ଦୃଷ୍ଟିବାଧିତ ଶିକ୍ଷାର୍ଥୀଙ୍କ କଳା କୌଶଳ ସମସ୍ତଙ୍କୁ ବିସ୍ମିତ କରିଥିଲା। ବହୁ ଜନସାଧାରଣ ଉକ୍ତ ପଦଯାତ୍ରାରେ ସାମିଲ ହୋଇ ଦୃଷ୍ଟିବାଧିତ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।

### ସେଣ୍ଟର ଫର୍ ଏନ୍‌ଭର୍ଣ୍ଣମେଣ୍ଟାଲ ଷ୍ଟଡିଜ୍‌ର ୧୮ତମ ପରିଚାଳନା କମିଟି ବୈଠକ

# ପ୍ରତ୍ୟେକ ଜିଲ୍ଲାରେ ଆୟୋଜିତ ହେବ ୫୦ ପ୍ରକୃତି ଶିବିର

**ଭୁବନେଶ୍ୱର, ୧୫।୧୦ (ସଂଚାର ବ୍ୟୁରୋ):** ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଅଧୀନସ୍ଥ ସେଣ୍ଟର ଫର୍ ଏନ୍‌ଭର୍ଣ୍ଣମେଣ୍ଟାଲ ଷ୍ଟଡିଜ୍‌ର ୧୮ତମ ପରିଚାଳନା କମିଟି ବୈଠକ ଆଜି ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଶ୍ରୀ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଗୃହ ବିଭାଗର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି ।



ଏହି ବୈଠକରେ ନିର୍ଦ୍ଦେଶକ, ପରିବେଶ ତଥା-ସ୍ୱତନ୍ତ୍ର ଶାସନ ସଚିବ, ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଶ୍ରୀ ପ୍ରେମ କୁମାର ଝା, ନିର୍ଦ୍ଦେଶକ, ସେଣ୍ଟର ଫର୍ ଏନ୍‌ଭର୍ଣ୍ଣମେଣ୍ଟାଲ ଷ୍ଟଡିଜ୍ ଡକଫର କେ. ମୁରୁଗେସନ୍, ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି) ଏବଂ କନ୍‌ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରିର ଅଧିକାରୀମାନେ ଉପସ୍ଥିତ ଥିଲେ ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସାହୁ ମିଶନ୍ ଲାଇଫ ସମ୍ବନ୍ଧୀୟ ୭ଟି ବିଷୟବସ୍ତୁ ଉପରେ ଗୁରୁତ୍ୱାରୋପ କରିଥିଲେ । ଇକୋ-କ୍ଲବ୍‌ର ସଦସ୍ୟମାନେ ମିଶନ୍ ଲାଇଫ ଅନ୍ତର୍ଗତ କାର୍ଯ୍ୟକ୍ରମଗୁଡ଼ିକୁ ନିଜର ଦୈନନ୍ଦିନ ଜୀବନରେ ସାମିଲ କରିବା ଏବଂ ପ୍ରକୃତି ଶିବିର ଆୟୋଜନକୁ ଗୁରୁତ୍ୱ ଦେବାପାଇଁ ସେ କହିଥିଲେ। ପ୍ରତ୍ୟେକ ପ୍ରକୃତି ଶିବିରରେ ୪୦-୫୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବେ ଏବଂ ପ୍ରତ୍ୟେକ ଜିଲ୍ଲାରେ ୫୦ଟି ପ୍ରକୃତି ଶିବିରର ଆୟୋଜନ ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି । ପ୍ରକୃତି ସହିତ ଛାତ୍ରଛାତ୍ରୀମାନଙ୍କୁ ଓତପ୍ରୋତ ଭାବେ ଜଡ଼ିତ କରି ପରିବେଶ ପ୍ରତି ତାଙ୍କର ଦାୟିତ୍ୱବୋଧ ଭାବନା ସୃଷ୍ଟି କରିବା ପାଇଁ ଏହି ପଦକ୍ଷେପଟି ଉଦ୍ଦିଷ୍ଟ । ଏହି ଶିବିରଗୁଡ଼ିକର ଅଭିଜ୍ଞତା ଜୈବ ବିବିଧତା ଏବଂ ଏହାର ସଂରକ୍ଷଣ ପ୍ରୟାସ ସହିତ ସିଧାସଳଖ ଜଡ଼ିତ ।

"ଏକ ପେଡ ମା କେ ନାମ'' ଅଭିଯାନକୁ ଅକୁଣ୍ଠ ସମର୍ଥନ ଜଣାଇ ଛାତ୍ରଛାତ୍ରୀମାନେ ସେମାନଙ୍କ ମା'ଙ୍କ ସମ୍ମାନାର୍ଥେ ବହୁଳ ଭାବରେ ବୃକ୍ଷରୋପଣ କରି ଏହାର ଯତ୍ନ ନେବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସାହୁ ପରାମର୍ଶ ଦେଇଥିଲେ । ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ମାନ୍ୟବର ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତର ସ୍ୱପ୍ନକୁ ପୂରଣ କରିବା ଉଦ୍ଦେଶ୍ୟରେ ଏହିସବୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପଗୁଡ଼ିକୁ କାର୍ଯ୍ୟକାରୀ କରି ବିକଶିତ ଓଡ଼ିଶା ନିର୍ମାଣ କରିବା ଦିଗରେ ଯୁବପିଢ଼ିକୁ ଜଡ଼ିତ କରିବାକୁ ସେ ନିର୍ଦ୍ଦେଶକ ଡଃ କେ. ମୁରୁଗେସନଙ୍କୁ ପରାମର୍ଶ ଦେଇଥିଲେ ।

ବୈଠକରେ ଉପସ୍ଥିତ ସଦସ୍ୟମାନେ ସାରା ରାଜ୍ୟରେ ଏକକ-ବ୍ୟବହୃତ ପ୍ଲାଷ୍ଟିକ୍ ମୁକ୍ତ ସ୍କୁଲ କ୍ୟାମ୍ପସ୍ ତିଆରି କରିବାକୁ ପରାମର୍ଶ ଦେଇଥିଲେ । ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ହ୍ରାସ କରିବା ଏବଂ ଶିକ୍ଷାନୁଷ୍ଠାନମାନଙ୍କ ମଧ୍ୟରେ ପରିବେଶ ଅନୁକୂଳ ବିକଳ୍ପ ପଦାର୍ଥକୁ ପ୍ରୋତ୍ସାହିତ କରିବା ଏବଂ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସ୍ଥାୟୀ ଜୀବନଶୈଳୀକୁ ଗୁରୁତ୍ୱ ଦେବା ପାଇଁ ଏହା ଏକ ମିଳିତ ପ୍ରୟାସ ହେବ ବୋଲି ସେମାନେ ମତବ୍ୟକ୍ତ କରିଥିଲେ ।

# ଶିଶୁ ସମାଚାର ତରଫରୁ ବିଶ୍ୱ ବିଦ୍ୟାର୍ଥୀ ଦିବସ



**ଭୁବନେଶ୍ୱର, ୧୫।୧୦ (ସଂଚାର ବ୍ୟୁରୋ):** ପୂର୍ବତନ ରାଷ୍ଟ୍ରପତି ଏପିଜେ ଅବଦୁଲ କଲାମଙ୍କ ଜୟନ୍ତୀରେ ଶିଶୁ ସମାଚାର ତରଫରୁ ସୁଖଲତା ସ୍ମୃତି ବାଳିକା ବିଦ୍ୟାଳୟରେ ବିଶ୍ୱ ବିଦ୍ୟାର୍ଥୀ ଦିବସ୍ ପାଳିତ ହୋଇ ଯାଇଛି। ଏଥିରେ ମଣ୍ଡଳ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର କର ମୁଖ୍ୟ ଅତିଥି, ପ୍ରଧାନ ଶିକ୍ଷକ ଶିବରାମ ମିଶ୍ର, ପୁଷ୍ପିତା ପଟ୍ଟନାୟକ, ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଉତ୍ସବରେ ଚକ୍ରଧର ମହାପାତ୍ର ସଭାପତିତ୍ୱ କରିଥିଲେ।

ପ୍ରାରମ୍ଭରେ ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା ଅତିଥିଙ୍କୁ ଉତ୍ତରୀୟ ଦେଇ ସଂପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ଶିଶୁ ସମାଚାର ଅକ୍ଟୋବର ସଂଖ୍ୟା ଉନ୍ମୋଚିତ ହୋଇଥିଲା। କଠୋର ପରିଶ୍ରମ ନିଷ୍ଠା, ସଂକଳ୍ପ ଦ୍ୱାରା ସଫଳତା ମିଳେ। ସ୍ୱପ୍ନ ଦେଖ ଯାହା ତୁମକୁ ରାତିରେ ଶୁଆଇ ଦେବ ନାହିଁ। ତେଣୁ କଲାମଙ୍କ ପରି ହେବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ପ୍ରଥମ ପର୍ବରେ ଅବଦୁଲ କଲାମଙ୍କ ଜୀବନୀ ଉପରେ ଆୟୋଜିତ ପ୍ରଶ୍ନ ମଞ୍ଚକୁ ପରିଚାଳନାମଣ୍ଡଳୀ ସଦସ୍ୟ ଶରତ କୁମାର ରାୟଗୁରୁ ଓ ଅନ୍ନପର୍ଣ୍ଣା ରଥ ସଂଯୋଜନା କରିଥିଲେ। ସଠିକ୍ ଉତ୍ତର ଦେଇଥିବା ପିଲାଙ୍କୁ କଲାମଙ୍କ ଜୀବନୀ ପୁରସ୍କାର ଦିଆଯାଇଥିଲା। ପୂର୍ବରୁ ଆୟୋଜିତ କଲାମଙ୍କ ଉପରେ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତାରେ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରିଚାଳନାମଣ୍ଡଳୀ ସଦସ୍ୟ ଶିବ ସୁନ୍ଦର ମିଶ୍ର ଧନ୍ୟବାଦ ଦେଇଥିଲେ।

# ଲଳିତ ମ୍ୟାଜିକ୍: ବିଜେଡି ହେବ କୋଳ ଶୂନ୍ୟ

**ପଟ୍ଟାମୁଣ୍ଡାଇ, ୧୫।୧୦ (ସଂଚାର ବ୍ୟୁରୋ) :** ରାଜ୍ୟରେ ବିଜେପି ସରକାର ଆସିବା ପରେ ଜନ ପ୍ରତିନିଧି ମାନଙ୍କ ମନ ପରିବର୍ତ୍ତନ ହେବାରେ ଲାଗିଛି,ପ୍ରତ୍ୟେକ ଦିନ ବିଜେଡି ଛାଡ଼ି ଜଣକ ପରେ ଜଣେ ବିଜେପିରେ ସାମିଲ ହେଉଛନ୍ତି ବିଜେଡ଼ି କର୍ମୀ ଓ ନେତା, ନିଜକୁ ଶକ୍ତିଶାଳୀ କହୁଥିବା ବିଜେଡି ଦଳ ରାଜ୍ୟର ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ଧିରେ ଧିରେ ଦୁର୍ବଳ ହେବାକୁ ଲାଗିଛି। ଦେଶର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଓ ରଜ୍ୟର ମୁଖ୍ୟ ମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝି ଙ୍କ ଜନ କଲ୍ୟାଣକାରୀ କାର୍ଯ୍ୟକୁ ଆଗେଇ ନେଉଛନ୍ତି ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀର ବିଜେପି ନେତା । ଏହି ପ୍ରରିପେକ୍ଷୀରେ ରାଜନଗର ନିର୍ବାଚନ ମଣ୍ଡଳୀର ନେତା ଲଳିତ ବେହେରା ଙ୍କ ନେତୃତ୍ୱରେ ବିଜେଡ଼ି ଦଳର ଜନପ୍ରତିନିଧି ମାନେ ବିଜେଡ଼ି ଛାଡ଼ି ବିଜେପିରେ ସାମିଲ ହେଉଛନ୍ତି ଫଳରେ ରାଜନଗରରେ ବିଜେପିର ଆକାର ବୃଦ୍ଧି ପାଉଥିବା ବେଳେ ବିଧାୟକ ଧ୍ରୁବ ସାହୁଙ୍କ ଶିବିର ଖାଲି ହେବା ସହିତ ବିଜେଡି ଦୁର୍ବଳ ହେଉଛି। ଗତକାଲି



ଭୁବନେଶ୍ୱର ରାଜ୍ୟ ବିଜେପି କାର୍ଯ୍ୟାଳୟ ଠାରେ ରାଜନଗର ନିର୍ବାଚନ ମଣ୍ଡଳୀ ପଟ୍ଟାମୁଣ୍ଡାଇ ବ୍ଲକର ୬ ସମିତି ସଭ୍ୟ/ସଭ୍ୟା ଓ ବିଜୁ ଜନତା ଦଳର ପୂର୍ବତନ ଜିଲ୍ଲା ଉପ ସଭାପତି ସୁରେଶ ଚନ୍ଦ୍ର ସାହୁ ବିଜେଡ଼ି ଛାଡ଼ି ଲଳିତ ବେହେରାଙ୍କ ନେତୃତ୍ୱରେ ରାଜ୍ୟ ସଭାପତି ଶ୍ରୀଯୁକ୍ତ ମନମୋହନ ସାମଲଙ୍କ ଉପସ୍ଥିତରେ ବିଦ୍ଧି ବଦ୍ଧ ଭାବରେ ବିଜେପିରେ ସାମିଲ ହୋଇଛନ୍ତି । ୬ ସମିତି ସଭ୍ୟ/ସଭ୍ୟାଙ୍କ ମଧ୍ୟରେ ରହିଛନ୍ତି ଆରତୀ ସାହୁ (ସମିତି ସଭ୍ୟା ଦୋଷିଆ ଗ୍ରାମପଂଚାୟତ ),ଉତ୍ତମ କୁମାର ଜେନା (ସମିତି ସଭ୍ୟ ଶ୍ରୀରାମପୁର ଗ୍ରାମପଂଚାୟତ),ସରିତା ବେହେରା (ସମିତି ସଭ୍ୟା ଅରଡ଼ପଲି ଗ୍ରାମପଞ୍ଚାୟତ), ନିରୁପମା ସାହୁ (ସମିତି ସଭ୍ୟା ଡାମରପୁର ଗ୍ରାମପଞ୍ଚାୟତ), ଲିଲି ମଲ୍ଲିକ (ସମିତି ସଭ୍ୟା ଖରୀଅଣ୍ଟା ଗ୍ରାମପଞ୍ଚାୟତ), ମମତା ଜେନା (ସମିତି ସଭ୍ୟା ଓଉପଦା ଗ୍ରାମପଂଚାୟତ)। ତେବେ ବିଜେଡିର ଏହି ୬ ସମିତି ସଭ୍ୟ/ସଭ୍ୟା ଦଳ ଛାଡ଼ି ବିଜେପିରେ ସାମିଲ ହୋଇଛନ୍ତି।

# ସୀମାନ୍ତରେ ୨ ମାଓବାଦୀ ଗିରଫ

ମାଲକାନଗିରି,୧୫।୧୦ ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ ରାଜ୍ୟର ବିଜାପୁର ଜିଲ୍ଲାରେ ଦୁଇ ମାଓବାଦୀ ସଦସ୍ୟ ଗିରଫ। ପୁଲିସ ଦ୍ୱାରା ଗିରଫ ମାଓବାଦୀ ମାନେ ହେଲେ ଜିତେନ୍ଦ୍ର ସୋଡି ଏବଂ ବେଲାଦି ରାମଚନ୍ଦ୍ର। ମିଳିଥିବା ସୂଚନାନୁସାରେ ବିଜାପୁର ଜିଲ୍ଲାରେ ମାଓବାଦୀ ବିରୋଧୀ ଅଭିଯାନ ପାଇଁ ଭୋପାଲପଟନମ ଥାନା ପୁଲିସ ଏବଂ ୧୫/ଡି ରାମପୁରମ କ୍ୟାମ୍ପ ଯବାନଙ୍କ ମିଳିତ ଉଦ୍ୟମରେ କରକାବାୟା-ମେଘାପୁର ଅଞ୍ଚଳରେ ତଲାସି ଅଭିଯାନ ବେଳେ ଦୁଇ ମାଓବାଦୀ ସଦସ୍ୟଙ୍କୁ ଗିରଫ କରାଯାଇଛି। ଗିରଫ ମାଓବାଦୀ ମାନେ ପୋଷଣପଲି - ଗୋରଗୁଣ୍ଡା ସଡ଼କ ନିର୍ମାଣ କାର୍ଯ୍ୟ ନିୟୋଜିତ ଯାନବାହାନରେ ନିଆଁ ଲଗାଇବା ମାମଲାରେ ସାମିଲ ଥିଲେ। ଉଭୟଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ନେଇ ପୁଲିସ ପକ୍ଷରୁ ସୂଚନା ମିଳିଛି।



### ଗୁଡୁ ହତ୍ୟା ମାମଲା

## ସନ୍ଦେହରେ ତିନି ଅଟକ, ପୁଲିସର ତଦନ୍ତ ଜାରି

**ବୈଶିଙ୍ଗା, ୧୫।୧୦ (ସଂଚାର ବ୍ୟୁରୋ):** ସୋମବାର ଭୋର ସମୟରେ ବୈଶିଙ୍ଗା ଥାନା ଅଧୀନ ୧୮ ନଂ ଜାତୀୟ ରାଜପଥର ଅଜାଡିହ ଛକ ନିକଟରେ ବେତନଟୀ ଅଞ୍ଚଳର ପୂର୍ବତନ ସରପଞ୍ଚ ତଥା ସ୍ୱର୍ଗତ ସୁରେଶ ଚନ୍ଦ୍ର ବେହେରାଙ୍କ ପୁଅ ଆଶୁତୋଷ ବେହେରା(ବୁଡୁ)ଙ୍କ ମୃତ ଦେହ ପଡିରହିଥିଲା । ସୂଚନା ପାଇ ବୈଶିଙ୍ଗା ପୁଲିସ ଘଟଣାସ୍ଥଳରୁ ବୁଡୁଙ୍କ ମୃତ ଶରୀରକୁ ଉଦ୍ଧାର କରି ବୈଶିଙ୍ଗା ଡାକ୍ତରଖାନାକୁ ନେଇଆସିଥିଲା । ଏ ନେଇ ବୈଶିଙ୍ଗା ପୁଲିସ ୪୭/୨୪ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ତଦନ୍ତ ଚଳାଇଥିଲା । ସୋମବାର ପୂର୍ବାହ୍ନ ସମୟରେ ବେତନଟୀ ପୁଲିସ ଏହି ଘଟଣାରେ ଜଡିତ ଥିବା ତଥା ମୃତ ବୁଡୁ ସହିତ ରାତି ସାରା ସମୟ କାଟିଥିବା ବନ୍ଧୁ ହରିଶଙ୍କର ତ୍ରୀପାଠୀ (ଶଙ୍କରା), ଯଶୋବନ୍ତ ବେହେରା(ଚିନା) ଏବଂ ଅନିର୍ବାଣ ବାଲା(ବଙ୍ଗାଳୀ)ଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଥିଲା । ବୈଶିଙ୍ଗା ପୁଲିସ ଅପରାହ୍ନ ସମୟରେ ସେହି ତିନି ବନ୍ଧୁଙ୍କୁ ବୈଶିଙ୍ଗା ଥାନା ଆଣି ପଚରାଉଚରା ଜାରି ରଖିଛି।

# ବିଶ୍ୱ ହାତଧୁଆ ଦିବସ ପାଳିତ

**ଭୁବନେଶ୍ୱର, ୧୫।୧୦ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲାର ଅଗ୍ରଣୀ ଗୋଷ୍ଠୀ ବେତାର କେନ୍ଦ୍ର ରେଡିଓ ଜୁହାର, ୟୁନିସେଫ, ଓଡ଼ିଶା ସରକାର, ୟୁଥ୍ ଫର୍ ୱାଟର, ରେଡିଓ ବୁଲବୁଲ, ରେଡିଓ ନମସ୍କାର, ରେଡିଓ ଆଉଟ୍ ରିଚ୍ଙ୍କ ର ମିଳିତ ଆନୁକୁଲ୍ୟରେ ବିଭିନ୍ନ ସ୍ଥାନରେ ବିଶ୍ୱ ହାତଧୁଆ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କେନ୍ଦୁଝରରେ ରେଡିଓ ଜୁହାର ତରଫରୁ ହାତଧୂଆ ସମ୍ବନ୍ଧୀୟ ଗୋଷ୍ଠୀଗତ ଆଲୋଚନା ଓ ସଚେତନତାଭିତ୍ତିକ କ୍ଷୁଦ୍ର ନାଟକ ରେଡିଓ ଜୁହାର ମାଧ୍ୟମରେ ପ୍ରସାରଣ କରାଯିତିଲା।

ଏହାସହିତ ଗ୍ରାମାଞ୍ଚଳର ଯୁବକ ଯୁବତୀମାନଙ୍କୁ ନେଇ ହାତଧୁଆ ଉପରେ ସଚେତନତା କାର୍ଯକ୍ରମ ଓ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯାଇ ପୁରସ୍କାର ପ୍ରଦାନଳ କରାଯାଇଥିଲା। ମହିଳାଙ୍କୁ ସଚେତନ କରାଯାଇ ହାତଧୁଆ ଦିବସର ଆଭିମୁଖ୍ୟ, ହାତ ଧୋଇବା ଦ୍ୱାରା କିପରି ରୋଗମୁକ୍ତ ରହିପାରିବା ସେ ବିଷୟରେ ଆଲୋଚନା କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ରେଡିଓ ଜୁହାର ଟିମ୍ ପରିଚାଳନା କରିଥିଲେ।




# ଅଗ୍ନିପଥ ଯୋଜନା ଏବଂ ନିୟମିତ ସୈନିକଙ୍କ ନିମନ୍ତେ ନିଯୁକ୍ତି ରାଲି

**କଟକ, ୧୫।୧୦ (ସଂଚାର ବ୍ୟୁରୋ):** କଟକ, ପୁରୀ, ବାଲେଶ୍ୱର, ମୟୁରଭଞ୍ଜ, ଭଦ୍ରକ, ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡା, ଖୋର୍ଦ୍ଧା, ଏବଂ ନୟାଗଡ଼ ଜିଲ୍ଲାର ଅଗ୍ନିପଥ ଯୋଜନାରେ ଚୟନ ହୋଇଥିବା ପ୍ରାର୍ଥୀ ଏବଂ ନିୟମିତ ସୈନିକ ( ସିପାହୀ ଫାର୍ମା, ସୈନିକ ଟେକ ନର୍ସିଂ ସହାୟକ, ଏବଂ ଧାର୍ମିକ ଶିକ୍ଷକ କେବଳ ଜେସିଓ ବିଭାଗ) ଏବଂ ପଶ୍ଚିମବଙ୍ଗ, ଓଡ଼ିଶା ଓ ସିକିମର ମହିଳା ମିଲିଟାରି ପୋଲିସ୍ ଙ୍କ ନିମନ୍ତେ ୧୮ ଅକ୍ଟୋବର ୨୦୨୪ ଠାରୁ ୨୬ ଅକ୍ଟୋବର ୨୦୨୪ ପର୍ଯ୍ୟନ୍ତ ସେନା ନିଯୁକ୍ତି ରାଲି ଅନୁଷ୍ଠିତ ହେବ।

ଏହି ନିଯୁକ୍ତି ରାଲି ସମୟରେ ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା (ସିଇଇ)ରେ ଚୟନ ହୋଇଥିବା ପ୍ରାର୍ଥୀମାନେ ଶାରିରୀକ ଫିଟନେଓ ପରୀକ୍ଷା ଏବଂ ମେଡିକାଲ ପରୀକ୍ଷା ଦେବେ। ଏଥିନିମନ୍ତେ ପ୍ରାର୍ଥୀମାନଙ୍କ ପଞ୍ଜିକୃତ ଇ ମେଲ୍ ଠିକଣାରେ ଆଡମିଟ କାର୍ଡଗୁଡିକ ପଠାଇ ଦିଆଯାଇଛି।



ପ୍ରାର୍ଥୀମାନେ ଭାରତୀୟ ସେନାର ୱେବସାଇଟ୍ ଙ ଙ ଙ . ହ ଦ୍ଧ ସ ଭ ସ ଭ ୟ ସ ବ ଭ ବ କ୍ସ ଜ୍ଞ ଚ . ଭ ସ ମ . ସ ଭ ରେ ନିଜ ପ୍ରୋଫାଇଲରେ ଲଗ ଇନ୍ କରି ଆଡମିଟ କାର୍ଡ ଡାଉନଲୋଡ କରିପାରିବେ। ଏଥିନିମନ୍ତେ କୌଣସି ପ୍ରଶ୍ନ ଥିଲେ କଟକସ୍ଥିତ ସେନା ନିଯୁକ୍ତି କାର୍ଯ୍ୟାଳୟର ଫୋନ ନମ୍ବର ୦୬୭୧-୨୩୦୫୨୮୦ କିମ୍ବା ୯୪୩୭୧୬୨୨୮୦ରେ ଯୋଗାଯୋଗ କରିପାରିବେ।

ନିଯୁକ୍ତି ପ୍ରକ୍ରିୟା ସମୟରେ ନିଜର କୌଣସି ଅରିଜିନାଲ ଡକ୍ୟୁମେଂଟ କାହାକୁ ନଦେବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି। ଏଭଳି କୌଣସି ଖବର ନଜରକୁ ଆସିଲେ ତୁରନ୍ତ ସ୍ଥାନୀୟ ପୋଲିସ୍ କିମ୍ବା ନିଯୁକ୍ତି ରାଲିର ଅଧିକାରୀମାନଙ୍କୁ ଜଣାଇବାକୁ ଅନୁରୋଧ କରାଯାଉଛି।

# ସରକାରୀ କଲେଜରେ ଶିକ୍ଷକ ମରୁଡ଼ି

**ଭୁବନେଶ୍ୱର, ୧୫।୧୦ (ତଥ୍ୟ):** ଓଡ଼ିଶାରେ ଏମିତି ୧୪ଟି ସରକାରୀ ଡିଗ୍ରୀ କଲେଜ୍ ରହିଛି ଯେଉଁଠି ମାତ୍ର ଜଣେ ଲେଖାଏଁ ନିୟମିତ ଅଧ୍ୟାପକ ଅଛନ୍ତି। ମୋଟାମୋଟି ଭାବେ +୩ ସ୍ତରରେ ପାଠ ପଢ଼ାଇବା ପାଇଁ ଥିବା ୬୨ଟି ସରକାରୀ ଡିଗ୍ରୀ କଲେଜ୍‌ରେ ୭୦୦ରୁ ଅଧିକ ଅଧ୍ୟାପକ ପଦବୀ ଖାଲି ପଡ଼ିଛି। ଏସବୁ କେବେ ସୁଦ୍ଧା ପୂରଣ ହେବ ସେ ସଂକ୍ରାନ୍ତରେ ନିର୍ଦ୍ଦିଷ୍ଟ ଭାବେ କେହି କିଛି ସମୟସୀମା ଦେଇପାରୁ ନଥିବା ବେଳେ ପ୍ରତି ମାସରେ କିନ୍ତୁ ଅବସର ଗ୍ରହଣ ଚାଲୁଥିବାରୁ ସରକାରୀ କଲେଜ୍‌ଗୁଡ଼ିକରେ ଅଧ୍ୟାପକଙ୍କ ସଂଖ୍ୟା କମିକମି ଚାଲିଛି। କେବଳ ସେତିକି ନୁହେଁ, ସଂଖ୍ୟାଧିକ ସରକାରୀ ଡିଗ୍ରୀ କଲେଜ୍‌ରେ ନିୟମିତ ଅଧ୍ୟକ୍ଷ ନଥିବା ସମସ୍ୟାକୁ ବହୁଗୁଣିତ କରୁଛି।



୨୦୨୪ ବର୍ଷରେ ଧରାକୋଟ, ଖଜୁରୀପଡ଼ା, କାଶୀପୁର, ରମଣଗୁଡ଼ା, ବନ୍ଧୁଗାଁ, ନାରାୟଣପାଟଣା, ତେନ୍ତୁଳିଖୁଣ୍ଟି, କୋଷାଗୁମୁଡ଼ା, ଝରିଗାଁ, ରାଇଘର, ନୂଆଗାଁ, ଗୁରୁଣ୍ଡିଆ, ଥୁଆମୂଳ ରାମପୁର ଓ ତିରିଂରେ ସରକାର ୧୪ଟି ନୂଆ ଡିଗ୍ରୀ କଲେଜ୍ ଖୋଲିଛନ୍ତି। ଏହି ଡିଗ୍ରୀ କଲେଜ୍‌ଗୁଡ଼ିକ ମୟୂରଭଞ୍ଜ, କଳାହାଣ୍ଡି, ସୁନ୍ଦରଗଡ଼, ନବରଙ୍ଗପୁର, କୋରାପୁଟ, ରାୟଗଡ଼ା, ଗଞ୍ଜାମ ଓ କନ୍ଧମାଳ ଭଳି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ଅବସ୍ଥିତ। ଏହି କଲେଜ୍‌ଗୁଡ଼ିକ ପାଇଁ ମାତ୍ର ଜଣେ ଲେଖାଏଁ ନିୟମିତ ଅଧ୍ୟାପକ ଥିବାବେଳେ ପାଠପଢ଼ା କିଭଳି ହେଉଥିବ ତାହା ସହଜରେ ଅନୁମେୟ। ପୂର୍ବରୁ ଥିବା ସରକାରୀ ଡିଗ୍ରୀ କଲେଜ୍‌ଗୁଡ଼ିକ ମଧ୍ୟରୁ ରମାଦେବୀ ମହିଳା କଲେଜ୍, ଖଲ୍ଲିକୋଟ କଲେଜ୍, ଗଙ୍ଗାଧର ମେହେର କଲେଜ୍, ରେଭେନ୍ସା କଲେଜ୍, ଧରଣୀଧର କଲେଜ୍, ବିକ୍ରମଦେବ କଲେଜ୍, ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓ କଲେଜ୍, ରାଜେନ୍ଦ୍ର କଲେଜ୍ ଆଦିକୁ ସରକାର ବିଶ୍ୱବିଦ୍ୟାଳୟରେ ପରିଣତ କରିଛନ୍ତି। ଉଚ୍ଚଶିକ୍ଷା ବିଭାଗର ବିଶ୍ୱବିଦ୍ୟାଳୟଗୁଡ଼ିକରେ ପ୍ରାୟ ୬୦ ପ୍ରତିଶତ ଶିକ୍ଷକ ପଦବୀ ଖାଲି ପଡ଼ିଥିବା ବେଳେ ଅନ୍ୟୁନ ୪ଟି ବିଶ୍ୱବିଦ୍ୟାଳୟରେ କୁଳପତି ବି ନାହାନ୍ତି। ଏହି ବିଶ୍ୱବିଦ୍ୟାଳୟଗୁଡ଼ିକରେ ୭୦ ପ୍ରତିଶତରୁ ଅଧିକ ଅଣଶିକ୍ଷକ କର୍ମଚାରୀ ପଦବୀ ବି ଖାଲି ପଡ଼ିଛି। ଏଥିରୁ ରାଜ୍ୟର ଉଚ୍ଚଶିକ୍ଷା କ୍ଷେତ୍ରର ଦୟନୀୟ ସ୍ଥିତି ବାରି ହୋଇଯାଉଛି ବୋଲି ଶିକ୍ଷାବିତ୍‌ମାନେ କହୁଛନ୍ତି।

ସରକାରୀ ଡିଗ୍ରୀ କଲେଜ୍‌ଗୁଡ଼ିକ ଭିତରୁ ବାଲେଶ୍ୱରର ଫକୀରମୋହନ କଲେଜ୍‌ରେ ୨୭ଟି ଓ କୁନ୍ତଳା କୁମାରୀ ସାବତ ମହିଳା କଲେଜ୍‌ରେ ୨୦ଟି ଶିକ୍ଷକ ପଦବୀ ଖାଲି ପଡ଼ିଥିବା ବେଳେ ଭଦ୍ରକ ସ୍ୱୟଂ ଶାସିତ କଲେଜ୍‌ରେ ୧୮ଟି, ବୌଦ୍ଧର ମଡେଲ୍ ଡିଗ୍ରୀକଲେଜ୍‌ରେ ୧୪ଟି, କଟକର ଶୈଳବାଳା ମହିଳା ସ୍ୱୟଂ ଶାସିତ କଲେଜ୍‌ରେ ୨୮ଟି ଶିକ୍ଷକ ପଦବୀ ଦୀର୍ଘଦିନ ଧରି ଖାଲି ପଡ଼ିଛି।

ପାରଳାଖେମୁଣ୍ଡିର ଏସ୍‌କେସିଜି ସ୍ୱୟଂ ଶାସିତ କଲେଜ୍‌ରେ ୧୭ଟି ଅଧ୍ୟାପକ ପଦବୀ ଖାଲି ପଡ଼ିଥିବାବେଳେ ବ୍ରହ୍ମପୁରର ଶଶୀଭୂଷଣ ରଥ ସରକାରୀ ସ୍ୱୟଂ ଶାସିତ କଲେଜ୍‌ରେ ୨୬ଟି ଶିକ୍ଷକ ପଦବୀ ଖାଲି ପଡ଼ିଛି। ସେହିପରି ଫୁଲବାଣୀର ସରକାରୀ ସ୍ୱୟଂ ଶାସିତ କଲେଜ୍‌ରେ ୧୭ଟି ଶିକ୍ଷକ ପଦବୀ ଖାଲି ପଡ଼ିଥିବାବେଳେ ଭୁବନେଶ୍ୱର ବିଜେବି ସ୍ୱୟଂ ଶାସିତ କଲେଜ୍‌ରେ ୨୮ଟି ଓ ରାଜଧାନୀ କଲେଜ୍‌ରେ ୨୦ଟି ଅଧ୍ୟାପକ ପଦବୀ ମଧ୍ୟ ଖାଲି। ମାଲକାନଗିରିର ମଡେଲ୍ ଡିଗ୍ରୀ କଲେଜ୍‌ରେ ୨୧ଟି ଶିକ୍ଷକ ପଦବୀ ଖାଲି ପଡ଼ିଥିବା ବେଳେ ବାରିପଦାର ଏମ୍‌ପିସି ସ୍ୱୟଂ ଶାସିତ କଲେଜ୍‌ରେ ୩୮ଟି ଅଧ୍ୟାପକ ପଦବୀ ଖାଲି।

ପୁରୀର ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂ ଶାସିତ କଲେଜ୍‌ରେ ୩୩ଟି ଅଧ୍ୟାପକ ପଦବୀ ଖାଲି ପଡ଼ିଥବା ବେଳେ, ରାୟଗଡ଼ାର ମଡେଲ୍ ଡିଗ୍ରୀକଲେଜ୍‌ରେ ୧୯ଟି ଏବଂ ସମ୍ବଲପୁରର ସରକାରୀ ମହିଳା କଲେଜ୍ ଓ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଡିଗ୍ରୀ କଲେଜ୍‌ରେ ୧୯ଟି କରି ଅଧ୍ୟାପକ ପଦବୀ ଫାଙ୍କା ପଡ଼ିଛି। ରାଉରକେଲାର ସରକାରୀ ସ୍ୱୟଂ ଶାସିତ କଲେଜ୍‌ରେ ୧୪ଟି ଓ ସୁନ୍ଦରଗଡ଼ର ସରକାରୀ ମହିଳା କଲେଜ୍‌ରେ ୩୨ଟି ଅଧ୍ୟାପକ ପଦବୀ ମଧ୍ୟ ଖାଲି ରହିଛି। ଗୋଟିଏ ପଟେ ପୁରୁଣା ୪୮ଟି ସରକାରୀ ଡିଗ୍ରୀ କଲେଜ୍‌ରେ ୬୩୪ଟି ଅଧ୍ୟାପକ ପଦ ଖାଲି ପଡ଼ିଥିବା ବେଳେ ଏହି କଲେଜ୍‌ଗୁଡ଼ିକର ଅନ୍ୟୁନ ୨୪୯ଜଣ ଅଧ୍ୟାପକଙ୍କୁ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ +୨ ଶିକ୍ଷାନୁଷ୍ଠାନରେ କାମ କରିବାକୁ ପଠାଯାଇଥିବା ସରକାରୀ ସୂତ୍ରରୁ ପ୍ରକାଶ।

# ୩୧ ପର୍ଯ୍ୟନ୍ତ ସକ୍ରିୟ ସଦସ୍ୟ ଅଭିଯାନ ପ୍ରକ୍ରିୟା

**ଭୁବନେଶ୍ୱର, ୧୫।୧୦ (ସଂଚାର ବ୍ୟୁରୋ):** ସମ୍ପୂର୍ଣ୍ଣ ରାଷ୍ଟ୍ରବାଦ, ଜାତୀୟତାବାଦରେ ବିଶ୍ୱାସ କରୁଥିବା ଭାରତୀୟ ଜନତା ପାର୍ଟି ହେଉଛି ବିଶ୍ୱର ସବୁଠୁ ବଡ଼ ରାଜନୈତିକ ଦଳ। ସମସ୍ତଙ୍କୁ ସାଙ୍ଗରେ ନେଇ ଏକ ବିଚାରଧାରାରେ ବିଶ୍ୱାସ ରଖି ଚାଲୁଥିବା ଏହି ଦଳରେ ଗଣତାନ୍ତ୍ରୀକ ପ୍ରକ୍ରିୟାରେ ପ୍ରତି ୬ ବର୍ଷରେ ସଦସ୍ୟ ସଂଗ୍ରହ କରାଯାଏ। ପ୍ରଥମେ ପ୍ରାଥମିକ ସଦସ୍ୟ ହେବା ପରେ କାର୍ଯ୍ୟକର୍ତାମାନେ ସକ୍ରିୟ ସଦସ୍ୟ ହୁଅନ୍ତି। ଏହାପରେ ବୁଥ୍‌ରୁ ଆରମ୍ଭ କରି ମଣ୍ଡଳ, ଜିଲ୍ଲା, ରାଜ୍ୟ ଏବଂ ରାଷ୍ଟ୍ରୀୟସ୍ତରୀୟ କମିଟି ନିର୍ବାଚନ ହୁଏ। ଚଳିତ ଥର ସଦସ୍ୟତା ଅଭିଯାନ-୨୦୨୪ ଗତ ସେପ୍ଟେମ୍ବର ୨ ତାରିଖରୁ ଦେଶବ୍ୟାପୀ ଆରମ୍ଭ ହୋଇଥିବାବେଳେ ଏପର୍ଯ୍ୟନ୍ତ ଚାଲୁରହିଛି। ୧୬ ତାରିଖରୁ ଅକ୍ଟୋବର ୩୧ତାରିଖ ପର୍ଯ୍ୟନ୍ତ ସକ୍ରିୟ ସଦସ୍ୟ ଗ୍ରହଣର ପ୍ରକ୍ରିୟା ଚାଲୁ ରହିବ। ଏହି ସମୟରେ ପ୍ରାଥମିକ ସଦସ୍ୟ ସଂଗ୍ରହ ଅଭିଯାନ ମଧ୍ୟ ଜାରି ରହିବ। ବିଜେପିର ପ୍ରାଥମିକ ସଦସ୍ୟ ସଂଗ୍ରହ ପାଇଁ ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନ୍‌ରେ ବ୍ୟବସ୍ଥା କରାଯାଇଛି। ଅନ୍‌ଲାଇନ୍‌ରେ ଫୋନ ନଂ.୮୦୦୦୦୨୦୨୪ରେ ମିସ୍ କଲ୍ ମାଧ୍ୟମରେ ସଦସ୍ୟ ସଂଗ୍ରହ କରାଯାଉଥିôବାବେଳେ ଅଫ୍‌ଲାଇନ୍ ମାଧ୍ୟମରେ ସଦସ୍ୟତା ସଂଗ୍ରହ ଅଭିଯାନ ପାଇଁ ପ୍ରତ୍ୟେକ ବୁଥ୍‌କୁ ଆବଶ୍ୟକ ପରିମାଣର ସଦସ୍ୟ ପୁସ୍ତିକା ଦିଆଯାଇଛି। ଏସବୁ ପୁସ୍ତିକା ବୁଥ୍‌ଗୁଡ଼ିକରୁ ଫେରି ନ ଥିବାରୁ ମୋଟ ସଦସ୍ୟ ସଂଖ୍ୟା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନାହିଁ। ବିଜେପି ସରକାରଙ୍କ ଜନକଲ୍ୟାଣକାରୀ କାର୍ଯ୍ୟରେ ଉତ୍ସାହିତ ହୋଇ ଅଧିକରୁ ଅଧିକ ଜନସାଧାରଣ ଦଳରେ ସାମିଲ ହେଉଛନ୍ତି। ବିଜେପିକୁ ଭଲ ପାଉଥିôବା ସମସ୍ତ ଇଚ୍ଛୁକ ବ୍ୟକ୍ତିବିଶେଷଙ୍କୁ ଦଳରେ ସାମିଲ କରିବା ପାଇଁ ପ୍ରାଥମିକ ସଦସ୍ୟ ଅଭିଯାନ ସଂଗ୍ରହ କାର୍ଯ୍ୟକ୍ରମ ଜାରି ରହିବ ବୋଲି ଏକ ପ୍ରେସ୍ ବାର୍ତାରେ ରାଜ୍ୟ ମୁଖପାତ୍ର ଶ୍ରୀ ଦିଲୀପ ମଲ୍ଲିକ କହିଛନ୍ତି।



ଆସନ୍ତା ୨୧ ତାରିଖରେ ଦଳର କେନ୍ଦ୍ରୀୟ କମିଟି ଆଗାମୀ ଦିନର ସାଙ୍ଗଠନିକ ନିର୍ବାଚନ ପ୍ରକ୍ରିୟା ନିର୍ଦ୍ଧାରଣ କରିବ। କେନ୍ଦ୍ରୀୟ କମିଟି ପକ୍ଷରୁ ନିର୍ଦ୍ଧାରିତ ହେଲାପରେ ଦଳରେ କେବେ ଓ କେଉଁଭଳି ଭାବେ ସାଙ୍ଗଠନିକ ନିର୍ବାଚନ ହେବ ସେସମ୍ପର୍କରେ ସ୍ପଷ୍ଟ ଚିତ୍ର ମିଳିପାରିବ।

ମୃତ୍ୟୁଞ୍ଜୟ-ପ୍ରକୃତ ସାଧକ ସାଧନା ପଥରେ ଚାଲିଲା ବେଳେ ତାଙ୍କୁ ଅନେକବାର ମୃତ୍ୟୁବରଣ କରିବାକୁ ପଡ଼ିଥାଏ, କିନ୍ତୁ ସାଧକ ସାଧନା ବଳରେ ମୃତ୍ୟୁକୁ ଆଡ଼େଇ ଊର୍ଦ୍ଧଗାମୀ ହୋଇ ସେ ମୃତ୍ୟୁଞ୍ଜୟୀ ହୁଏ।

SANCHAR
ସଂଚାର
୪
ବୁଧବାର ୧୬ ଅକ୍ଟୋବର ୨୦୨୪, ଭୁବନେଶ୍ୱର
Wednesday 16 October 2024 Bhubaneswar

# କାନାଡ଼ା ସହ କୂଟନୈତିକ ତିକ୍ତତା

ଭାରତ ଓ କାନାଡ଼ା ମଧ୍ୟରେ ଦୀର୍ଘ ଚାରି ଦଶନ୍ଧି ହେବ କୂଟନୈତିକ ସ୍ତରରେ ତିକ୍ତତା ଲାଗି ରହିଛି। ଅଶୀ ଦଶକର ଆଦ୍ୟଭାଗରେ ଭାରତରେ ଯେତେବେଳେ ଖଲିସ୍ତାନୀ ଆତଙ୍କବାଦୀମାନେ ହିଂସାକାଣ୍ଡ ସୃଷ୍ଟିଇ କରୁଥିଲେ ସେତେବେଳେଠାରୁ ଏହି ତିକ୍ତତା ଆରମ୍ଭ ହୋଇଛି। କାରଣ ଭାରତରେ ଖଲିସ୍ତାନୀ ଆତଙ୍କବାଦୀମାନେ କାନାଡ଼ାରୁ ସବୁ ପ୍ରକାର ସାହାଯ୍ୟ ସହାୟତା ପାଇ ଆସୁଛନ୍ତି। କାନାଡ଼ାରେ ବହୁ ସଂଖ୍ୟକ ଶିଖ ସମ୍ପ୍ରଦାୟର ଲୋକ ବସବସ କରିଆସୁଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ବଡ଼ ବ୍ୟବସାୟୀ ଏବଂ ଧନୀ। ସେମାନେ କାନାଡ଼ାର ନାଗରିକତ୍ୱ ମଧ୍ୟ ଗ୍ରହଣ କରିଛନ୍ତି। ସେମାନେ ଭାରତରେ ଖଲିସ୍ତାନୀ ଏବଂ ଅନ୍ୟ ବିଚ୍ଛିନ୍ନତବାଦୀ ସଙ୍ଗଠନକୁ ନିୟମିତ ସହାୟତା ପ୍ରଦାନ କରନ୍ତି। ଖଲିସ୍ତାନୀ ଆତଙ୍କବାଦୀଙ୍କ ନିୟନ୍ତ୍ରଣ କକ୍ଷ କାନାଡ଼ାରେ ରହିଛି। ୧୯୮୪ରେ କାନାଡ଼ାରୁ ଭାରତରୁ ଆସୁଥିବା ଏୟାର ଇଣ୍ଡିଆର ବିମାନ କନିଷ୍କ ବିସ୍ଫୋରଣରେ ଉଡ଼ିଯିବା ଏବଂ ଏଥିରେ ୩ଶହରୁ ଅଧିକ ସାଧାରଣ ଲୋକଙ୍କ ଜୀବନ ଚାଲିଯିବା ଘଟଣା ବିଶ୍ୱ ଆତଙ୍କବାଦ ଇତିହାସର ଏକ ବଡ଼ କଳଙ୍କିତ ଘଟଣା। ଆଟଲାଣ୍ଟିକ ମହାସାଗରରେ ଉପରେ ଏହି ବିସ୍ଫୋରଣ ହୋଇଥିଲା ଏବଂ ବିମାନଟି ଖଣ୍ଡଖଣ୍ଡ ହୋଇ ମହାସମୁଦ୍ରରେ ଖସି ପଡ଼ିଥିଲା। ମୃତକଙ୍କ ମଧ୍ୟରେ ଥିଲେ ଅନେକ ନିରୀହ ଶିଶୁ ଏବଂ ମହିଳା। ସେମାନେ ଥିଲେ ସମ୍ପୂର୍ଣ୍ଣ ନିରପରାଧ। ଖଲିସ୍ତାନ ଆନ୍ଦୋଳନ ସହ ସେମାନଙ୍କର କୌଣସି ସମ୍ପର୍କ ନଥିଲା ବା ସେମାନେ ଏ ସମ୍ପର୍କରେ କିଛି ବି ଜାଣିନଥିଲେ। କିନ୍ତୁ ଆତଙ୍କବାଦୀମାନେ ଏହାକୁ ବିଚାର କରିନଥିଲେ। ମାନବାଧିକାର ଉଲ୍ଲଘଂନର ଏହାଠାରୁ ବଡ଼ ଉଦାହରଣ ବିଶ୍ୱ ଇତିହାସରେ ଆଉ କିଛି ନଥାଇପାରେ। କିନ୍ତୁ ମାନବାଧିକାର ସଙ୍ଗଠନ ଗୁଡ଼ିକ ଏହା ବିରୋଧରେ ପଦୁଟିଏ ବି କହିନଥିଲେ। ସେତେବେଳେ ଭାରତ ସରକାର ଏହି ଘଟଣାରେ ସମ୍ପୃକ୍ତ ଖଲିସ୍ତାନୀ ଆତଙ୍କବାଦୀଙ୍କ ତାଲିକା କାନାଡ଼ା ସରକାରଙ୍କୁ ପ୍ରଦାନ କରିଥିଲେ। କିନ୍ତୁ କାନାଡ଼ା ସରକାର ଏହାକୁ ଅଣଦେଖା କରିଥିଲେ। ଯାହା କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ ତାହା କେବଳ ଧର୍ମକୁ ଆଖିଠାର ସଦୃଶ ଥିଲା। କାନାଡ଼ା ଏକ ସଭ୍ୟ ଗଣତାନ୍ତ୍ରିକ ରାଷ୍ଟ୍ର। ଆଶା କରାଯାଉଥିଲା କାନାଡ଼ା ସରକାର ଏହା ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ଏବଂ ଖଲିସ୍ତାନୀ ଆତଙ୍କବାଦୀଙ୍କୁ ଦମନ କରିବେ। କିନ୍ତୁ ଏହି ଆଶା ନୈରାଶ୍ୟରେ ପରିଣତ ହେଲା। ସେବେଠାରୁ ଭାରତ ଓ କାନାଡ଼ା ମଧ୍ୟରେ ସମ୍ପର୍କରେ ତିକ୍ତତା ସୃଷ୍ଟି ହୋଇଛି। ଭାରତ ସରକାର ବାରମ୍ବାର କହି ଆସିଛନ୍ତି ଯେ, କାନାଡ଼ାରେ ନିୟମିତ ଭାରତ ବିରୋଧୀ ଷଡ଼ଯନ୍ତ୍ର ଚାଲିଆସୁଛି। ଏହାର ପ୍ରମାଣ ମଧ୍ୟ ଭାରତ ସରକାର ଉପସ୍ଥାପନ କରିଛନ୍ତି। କିନ୍ତୁ କାନାଡ଼ା ସରକାର ଏହାକୁ ସର୍ବଦା ଅଣଦେଖା କରିଆସୁଛନ୍ତି। ଅନେକ ସମୟରେ କାନାଡ଼ାରେ ଭାରତ ବିରୋଧୀ ବିକ୍ଷୋଭ ହେଉଛି। ଭାରତୀୟଙ୍କ ଉପରେ ଆକ୍ରମଣ ହେଉଛି। କେତେକ ଭାରତୀୟ ହତ୍ୟାର ଶୀକାର ମଧ୍ୟ ହୋଇଛନ୍ତି। କାନାଡ଼ାରେ ଅନେକ ଭାରତୀୟ ଛାତ୍ର ଅଛନ୍ତି। ସେମାନେ ମଧ୍ୟ ଆକ୍ରମଣର ଶୀକାର ହେଉଛନ୍ତି। କିନ୍ତୁ ସ୍ଥାନୀୟ ପ୍ରଶଶସନ ବା ସରକାର ସେମାନଙ୍କୁ ସୁରକ୍ଷା ପ୍ରଦାନରେ ବିଫଳ ହୋଇଛନ୍ତି। ୪ ବର୍ଷ ତଳେ ଭାରତରେ କୃଷକ ଆନ୍ଦୋଳନ ହୋଇଥିଲା। ଏଥିରେ ମୁଖ୍ୟତଃ ପଞ୍ଜାବର ଚାଷୀମାନେ ସାମିଲ ଥିଲେ। କୃଷକ ଆନ୍ଦୋଳନ ସହିତ ଶିଖ ସମ୍ପ୍ରଦାୟର କିଛି ସମ୍ପୃକ୍ତି ନଥିଲା। ଏଥିରେ ଅନ୍ୟ ଧର୍ମାବଲମ୍ବୀ କୃଷକମାନେ ମଧ୍ୟ ସାମିଲ ଥିଲେ। ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଏଭଳି ଆନ୍ଦୋଳନ ଏକ ସ୍ୱାଭାବିକ ପ୍ରକ୍ରିୟା। ଭାରତ ସରକାର ଆନ୍ଦୋଳନକାରୀ କୃଷକମାନଙ୍କ ସହ ଆଲୋଚନା କରିଥିଲେ। ସେମାନଙ୍କ ବିରୋଧରେ କୌଣସି ପ୍ରକାର ଦମନମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଇନଥିଲା। ପରବର୍ତ୍ତୀ ସମୟରେ ପ୍ରଧାନମନ୍ତ୍ରୀ ନିଜେ ଆନ୍ଦୋଳନକାରୀ କୃଷକଙ୍କୁ କ୍ଷମା ମାଗିବା ସହିତ ବିବାଦର କେନ୍ଦ୍ରବିନ୍ଦୁ କୃଷି ଆଇନକୁ ପ୍ରତ୍ୟାହାର କରିଥିଲେ। ଏହା ଥିଲା ଗଣତନ୍ତ୍ରର ବିଜୟ। କୃଷି ଆଇନ କିଛି ଖରାପ ନଥିଲା। ଦେଶର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏହା ଯଥାର୍ଥ ଥିଲା। ଦେଶର ୯୦ ଭାଗ କୃଷକ ଏହାଦ୍ୱାରା ଉପକୃତ ହୋଇଥାଆନ୍ତେ। କିନ୍ତୁ ଜନ ଆନ୍ଦୋଳନକୁ ସମ୍ମାନ ଦେଇ ଭାରତ ସରକାର ଏହାକୁ ପ୍ରତ୍ୟାହାର କରିଥିଲେ। ବିଶ୍ୱର ବୃହତ୍ତମ ଗଣତାନ୍ତ୍ରିକ ରାଷ୍ଟ୍ରରେ ଏହା ଥିଲା ଏକ ଉଦାହରଣ। କିନ୍ତୁ କୃଷକ ଆନ୍ଦୋଳନ ଥିଲା ଭାରତର ଆଭ୍ୟନ୍ତରୀଣ ବ୍ୟାପାର। ଏଥିରେ ଅନ୍ୟ କେହି ମୁଣ୍ଡ ଖେଳାଇବାର ଆବଶ୍ୟକତା ବା ଯଥାର୍ଥତା ନଥିଲା। କିନ୍ତୁ କିଛି ବିଦେଶୀ ସଙ୍ଗଠନ ବିଶେଷ କରି କାନାଡ଼ାର ଶିଖ ସମ୍ପ୍ରଦାୟ ଏହାକୁ ନେଇ ସ୍ୱର ଉଠାଇଥିଲେ। ଏହା ପଛରେ ଥିଲା ସଂକୀର୍ଣ୍ଣ ରାଜନୀତି। ଭାରତକୁ ବଦନାମ କରିବା, ଆନ୍ଦୋଳନ ନାମରେ ବିଶୃଙ୍ଖଳା ସୃଷ୍ଟି କରି ଭାରତରେ ଅରାଜକତା ସୃଷ୍ଟି କରିବା, ଭାରତକୁ ଦୁର୍ବଳ କରିବା ଥିଲା ଏହାର ଉଦ୍ଦେଶ୍ୟ। ଏହା ବିଫଳ ହୋଇଥିଲା। କିନ୍ତୁ ସେତେବେଳେ କାନାଡ଼ାର ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ ଏହାକୁ ନେଇ ଅଯଥା ଟିପ୍ପଣୀ ଦେଇଥିଲେ। ଭାରତ ଓ କାନାଡ଼ା ମଧ୍ୟରେ କୂଟନୈତିକ ସମ୍ପର୍କକୁ ଏହା କ୍ଷୁର୍ଣ୍ଣ କରିଥିଲା। ସେବେଠାରୁ ଏହି ତିକ୍ତତା ଲାଗି ରହିଛି। ଦୁଇ ବର୍ଷ ତଳେ କାନାଡ଼ାର ଜଣେ ନାଗରିକ ଯିଏ ଖଲିସ୍ତାନୀ ଆତଙ୍କବାଦୀ ଭାବେ ଜଣାଶୁଣା ତାଙ୍କୁ କେହି ଗୁଳି କରି ହତ୍ୟା କରିଥିଲା। ଏହା ପଛରେ ଭାରତର ହାତ ରହିଛଇ ବୋଲି କାନାଡ଼ା ସରକାର ଅଭିଯୋଗ କରିଥିଲେ। କିନ୍ତୁ ଅଭିଯୋଗର କିଛି ପ୍ରମାଣ ଆଜି ପର୍ଯ୍ୟନ୍ତ କାନାଡ଼ା ସରକାର ଉପସ୍ଥାପନ କରିପାରି ନାହାଁନ୍ତି। ଏଥିରେ କେହି ଭାରତୀୟ ବା ଭାରତୀୟ ବଂଶୋଦ୍ଭବ ବ୍ୟକ୍ତି ସମ୍ପୃକ୍ତ ଥାଇପାରନ୍ତି। ଏହା ତଦନ୍ତ ସାପେକ୍ଷ। କିନ୍ତୁ ଏଥିପାଇଁ ସିଧାସଳଖ ଭାରତ ସରକାରଙ୍କୁ ଦାୟୀ କରିବା ଗ୍ରହଣୀୟ ନୁହେଁ। ଜଣେ ଆତଙ୍କବାଦୀର ମୃତ୍ୟୁ ପାଇଁ କାନାଡ଼ା ସରକାର ଯେପରି ଚିନ୍ତା ପ୍ରକଟ କରୁଛନ୍ତି ଏବଂ ମିଥ୍ୟା ଅଭିଯୋଗ କରୁଛନ୍ତି, କନିଷ୍କ ବିମାନ ବିସ୍ଫୋରଣରେ ୩ଶହରୁ ଅଧିକ ନିରୀହ ବ୍ୟକ୍ତିଙ୍କ ମୃତ୍ୟୁରେ ସେପରି ଉଦବେଗ ଏବଂ ତତ୍ପରତା ପ୍ରକାଶ କରିନଥିଲେ। ଏହା ଉଦ୍ଦେଶ୍ୟମୂଳକ ଏବଂ ନିନ୍ଦନୀୟ। କାନାଡ଼ାର ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ ଭାରତର ପ୍ରଧାନମନ୍ତ୍ରୀଙ୍କୁ ଏଥିପାଇଁ ସମାଲୋଚନା କରିବାର ଯଥାର୍ଥତା ନାହିଁ। ଏହାର ପ୍ରତିବାଦରେ ଭାରତ ସରକାର କାନାଡ଼ାରେ ଅବସ୍ଥାପିତ ଭାରତର ରାଷ୍ଟ୍ରଦୂତଙ୍କୁ ପ୍ରତ୍ୟାହାର କରିଛନ୍ତି। ନୂଆଦିଲ୍ଲୀସ୍ଥିତ କାନାଡ଼ା ଦୂତାବାସର ୬ଜଣଙ୍କୁ ବହିଷ୍କାର କରିଛନ୍ତି। କାନାଡ଼ା ସରକାର ମଧ୍ୟ ଓଟାୱାସ୍ଥିତ ଭାରତୀୟ ଦୂତାବାସର ୬ଜଣଙ୍କୁ କହିଷ୍କାର କରିଛନ୍ତି ଆଗକୁ କାନାଡ଼ାରେ ସାଧାରଣ ନିର୍ବାଚନ ହେବାକୁ ଯାଉଛି। ନିର୍ବାଚନରେ ଟ୍ରୁଡୋ ପରାଜିତ ହେବା ଆକଳନ କରାଯାଉଛି। ସମ୍ଭବତଃ କାନାଡ଼ାରେ ଅବସ୍ଥିତ ଶିଖ ସମ୍ପ୍ରଦାୟର ସମର୍ଥନ ଏବଂ ସହାନୁଭୁତି ହାତେଇବାକୁ ଟ୍ରୁଡୋ ଏଭଳି କଥା କହୁଛନ୍ତି। ଟ୍ରୁଡୋଙ୍କ ଭାରତ ବିରୋଧୀ ଆଭିମୁଖ୍ୟ ସମ୍ପର୍କରେ ଊଣା ଅଧିକେ ସମସ୍ତଙ୍କୁ ଜଣା। ତେଣୁ ଏଥିରେ କେହି ବିସ୍ମିତ ହେବାର ନାହିଁ। କିନ୍ତୁ କାନାଡ଼ା ଭଳି ଏକ ସଭ୍ୟ ଏବଂ ଗଣତାନ୍ତ୍ରିକ ରାଷ୍ଟ୍ରର ପ୍ରଧାନମନ୍ତ୍ରୀ ଭାରତ ବିରୋଧରେ ଆତଙ୍କବାଦକୁ ସମର୍ଥନ କରିବା ଦୁର୍ଭାଗ୍ୟଜନକ। ସାରା ବିଶ୍ୱ ଭାରତର ଆଭିମୁଖ୍ୟ ସମ୍ପର୍କରେ ଭଲଭାବେ ଅବଗତ। ଭାରତର ଦୃଷ୍ଟିଭଙ୍ଗୀ ସମସ୍ତେ ଜାଣନ୍ତି। ଏହାକୁ କ୍ଷୁର୍ଣ୍ଣ କରିବା ନିମନ୍ତେ କାନାଡ଼ାର ପ୍ରୟାସ ବିଫଳ ହେବ ସେଥିରେ ସନ୍ଦେହ ନାହିଁ

## ସମ୍ପାଦକଙ୍କୁ ପତ୍ର

### ପରିବେଶ ସୁରକ୍ଷା ଚିନ୍ତା କାହାର ନାହିଁ

*ମହାଶୟ,*

ପାର୍ବଣରେ ପରିବେଶ ପ୍ରଦୂଷଣ ଅତିମାତ୍ରାରେ ବଢ଼ିଯାଏ। କାରଣ ହେଲା ମୂର୍ତ୍ତୀ ବିସର୍ଜନ। ବିଭିନ୍ନ ରାସାୟନିକ ରଙ୍ଗରେ ରଙ୍ଗୀନ ପ୍ରତିମୂର୍ତ୍ତୀ, ପ୍ଲାଷ୍ଟିକ ସାମଗ୍ରୀ, ଜରି ଇତ୍ୟାଦି ବହୁ ପରିମାଣରେ ନଦୀରେ ବିସର୍ଜନ ହୋଇଥାଏ। ଏହା ଦ୍ୱାରା ଜଳ ପ୍ରଦୂଷଣ ସହିତ ମାଟି ମଧ୍ୟ ପ୍ରଦୂଷିତ ହୋଇଥାଏ। ପ୍ରଶାସନ ପକ୍ଷରୁ ମୂର୍ତ୍ତୀ ବିସର୍ଜନ ନିମନ୍ତେ ଅସ୍ଥାୟୀ ପୋଖରୀ ନିର୍ମିତ ହେଉଛି। କିନ୍ତୁ ସବୁଠି ଏହା କାର୍ଯ୍ୟକାରୀ ହେଉନି। ଅନେକ ସମୟରେ ଏହି ଅସ୍ଥାୟୀ ପୋଖରୀ ପରବର୍ତ୍ତୀ ସମୟରେ ନଦୀରେ ମିଶିଯାଉଛି। ଫଳରେ ନଦୀ ଜଳ ଅତି ମାତ୍ରାରେ ପ୍ରଦୂଷିତ ହେଉଛି। ଏଥିପ୍ରତି ଆମେ ସଚେତନ ନୋହୁଁ। ସରକାରଙ୍କୁ ଦୋଷ ଦେବାର ଆବଶ୍ୟକତା ନାହିଁ ଆଗକୁ ଦୀପାବଳୀ ଆସୁଛି। ସେତେବେଳେ ବାୟୁ ପ୍ରଦୂଷଣ ଅତି ମାତ୍ରାରେ ବଢ଼ିଯିବା ଆଶଙ୍କା ରହିଛି। ଏଥିନେଇ ବ୍ୟାପକ ଜନସଚେତନତାର ଆବଶ୍ୟକତା ରହିଛି। ବିଶ୍ୱର ଅନ୍ୟ କୌଣସି ଦେଶରେ ଏହି ସମସ୍ୟା ଦେଖାଯାଏ ନାହିଁ। ଏହାକୁ ରୋକିବା ଏବଂ ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ଏକ ଜନ ଆନ୍ଦୋଳନର ଆବଶ୍ୟକତା ରହିଛି।

**କମଳ ଲୋଚନ ଦାସ**
**ବଢ଼େଇବାଙ୍କ ଛକ, ପୁରୁଣା ଭୁବନେଶ୍ୱର**

# ସନାତନ ବିବାଦ



**କାଳି ଦାସ**

ଆଜି କାଲି 'ସନାତନ' କୁ ନେଇ ଅନେକ ବିବାଦ ଦେଖିବାକୁ ମିଳୁଛି। 'ସନାତନ'କୁ ଡେଙ୍ଗୁ ଓ ମେଲେରିଆ ସହିତ ତୁଳନା କରୁଥିବା ଲୋକମାନେ ସନାତନ ବିଷୟ ରେ ଯେତିକି ଅଜ୍ଞ ସନାତନକୁ ସମର୍ଥନ କରିବା ପାଇଁ ଅଣ୍ଟା ଭିଡିଥିବା ବ୍ୟକ୍ତି ମାନେ ସନାତନ ଧର୍ମ ବିଷୟ ରେ ସେତିକି ଅଜ୍ଞ ସେଥିପାଇଁ ବିବାଦ ବଢି ଚାଲିଛି। ସନାତନ ଧର୍ମ କଣ ? 'ସନାତନ ଧର୍ମ'ର ଅର୍ଥ ହେଲା ଶାଶ୍ୱତ ଯାହାର କୌଣସି ଆରମ୍ଭ ନାହିଁ କି ଅନ୍ତ ନାହିଁ। ମଣିଷ ର ସୃଷ୍ଟି ସହିତ ଯେଉଁ ଧର୍ମ ର ସୃଷ୍ଟି ହୋଇଛି ତାକୁ କୁହାଯାଏ ସନାତନ। ସୃଷ୍ଟିର ପଶୁ, ପକ୍ଷୀ, ଜୀବଜନ୍ତୁ, ଗଛ ବୃକ୍ଷ ସବୁ କିଛି ନିୟମ ରେ ବନ୍ଧା କିନ୍ତୁ ଏହାର ବ୍ୟତିକ୍ରମ ମଣିଷ ପାଖରେ ହିଁ ମିଳେ। ପ୍ରକୃତିର ବିପରିତ ଯଦି କିଛି ହୋଇଥାଏ ତାହା ମଣିଷ ହିଁ କରି ପାରିବ ବା କରିପାରେ। ଯେହେତୁ ମଣିଷ ପାଖରେ ଉତ୍ତମ ଓ ଅଧମ ଉଭୟ କାର୍ଯ୍ୟ କରିବା ପାଇଁ କ୍ଷମତା ରହିଛି। ମଣିଷ କୁ ବିନାଶର ରାସ୍ତା ରୁ ଦୁରେଇବା ପାଇଁ ଧର୍ମର ପ୍ରଚଳନ ରହିଛି। ଉନ୍ନତ ମୂଲ୍ୟବୋଧ କୁ କିପରି ନିଜ ଜୀବନ ରେ ସାମିଲ କରିପାରିବ ସେଥିପାଇଁ ଧର୍ମର ବନ୍ଧନ ରହିଛି। ସିନ୍ଧୁ ନଦୀର ଉପତ୍ୟାକା ରେ ଯେଉଁ ସଭ୍ୟତାର ଜନ୍ମ ହୋଇଥିଲା ଏବଂ ଯେଉଁ ଜୀବନ ଶୈଳୀ କୁ ସେମାନେ ନିଜର କରିଥିଲେ ତାକୁ ' ହିନ୍ଦୁ ଧର୍ମ ' ବୋଲି ଅନ୍ୟମାନଙ୍କ ଠାରୁ ମାନ୍ୟତା ମିଳିଥିଲା। ହିନ୍ଦୁ ଧର୍ମର କୌଣସି ଜଣେ ଧର୍ମ ପ୍ରବର୍ତ୍ତକ କେବେ ହେଲେ ନଥିଲେ। କୌଣସି ଏକ ନିର୍ଦ୍ଦିଷ୍ଟ ଧର୍ମ ଗ୍ରନ୍ଥ ମଧ୍ୟ ନଥିଲା। ହିନ୍ଦୁ ଧର୍ମ ବା ସନାତନ ଧର୍ମର ଧର୍ମ ଗୁରୁ ମଧ୍ୟ ନଥିଲେ। ହିନ୍ଦୁ ଧର୍ମ ବା ସନାତନ ଧର୍ମର ଧର୍ମ ଗୁରୁ ମାନେ ପ୍ରସ୍ଥାନ ତ୍ରଇ କୁ ମାନ୍ୟତା ଦେଇଛନ୍ତି। ଭଗବତ ଗୀତା, ଉପନିଷଦ ଓ ବ୍ରହ୍ମସୁତ୍ର କୁ ନେଇ ପ୍ରସ୍ଥାନ ତ୍ରଇ। କିନ୍ତୁ ଏ ସମସ୍ତ ଧର୍ମ ଗ୍ରନ୍ଥ ଯେତେବେଳେ ସେଇ ଐଶ୍ୱରୀୟ ସତ୍ତା ବିଷୟ ରେ କହିବା କୁ ଚାହିଁଛନ୍ତି ସେତେବେଳେ କେବଳ ଇଶାରା ରେ ହିଁ କହି ପାରିଛନ୍ତି। କାରଣ ସେଇ ଐଶ୍ୱରୀୟ ସତ୍ତା କୁ ବର୍ଣ୍ଣନା କରିବା ପାଇଁ ମଣିଷ ପାଖରେ ଭାଷା ନାହିଁ। ତେଣୁ ତାହା ଅବ୍ୟକ୍ତ ମଣିଷ ଯେତେବେଳେ ସେଇ ଶକ୍ତି ବିଷୟ ରେ ବ୍ୟାକ୍ଷା କରିବା କୁ ଚାହିଁଛି ସେତେବେଳେ ସେହି ଶକ୍ତି କୁ ସୀମିତ କରିବା କୁ ମାତ୍ର ଚେଷ୍ଟା କରିଛି।

ଆମର ସନ୍ଥମାନେ ନିଜ ଦ୍ୱାରା ହୋଇଥିବା ତିନୋଟି ଅପରାଧ କୁ ମାନିଛନ୍ତି। ସେହି ଅପରାଧ ଗୁଡିକ ହେଲା ଅବ୍ୟକ୍ତ ଓ ନିରାକାର କୁ ରୂପ ଦେବାର ଅପରାଧ, ସେହି ଅସିମ ଶକ୍ତି କୁ ନାମ ଦେବାର ଅପରାଧ। ସର୍ବ ବ୍ୟାପୀ କୁ ତୀର୍ଥ ର ଖୋଜିବାର ଅପରାଧ। ଏହି ତିନୋଟି ଅପରାଧ ସେମାନେ ସାଧାରଣ ମଣିଷ କୁ ବୁଝାଇବା ପାଇଁ କରିଛନ୍ତି। କାରଣ ସାଧାରଣ ମଣିଷ ସେହି ଅବ୍ୟକ୍ତ ଅସିମ ଶକ୍ତି କୁ ବୁଝିବା କୁ ଅକ୍ଷମ। ଯେଉଁ ଧର୍ମ ରେ ମଣିଷ ପବିତ୍ର ସତ୍ତା କୁ ନିଜ ଭିତରେ ଖୋଜି ପାଇବାର ସାଧନା ରେ ନିମଗ୍ନ ରହେ ସେହି ଧର୍ମ ହେଉଛି 'ସନାତନ ଧର୍ମ' ବା ହିନ୍ଦୁ ଧର୍ମ। ଏଇଠି ରାଜା, ମହାରାଜା ଓ ଚକ୍ରବର୍ତ୍ତୀ ସମ୍ରାଟ ମାନେ ରାଜ କାର୍ଯ୍ୟ କୁ ଛାଡି ନିଜ ଶେଷ ଜୀବନ କୁ ସାଧନା ରେ ନିୟୋଜିତ କରିଥିଲେ। ସ୍ୱାମୀ ବିବେକାନନ୍ଦ ପାଶ୍ଚାତ୍ୟ ଦେଶ ରେ ଭାରତର ସଂସ୍କୃତି ଓ ଧର୍ମ ବିଷୟ ରେ କହିବାକୁ ଯାଇ କହିଛନ୍ତି ଯେ ଭାରତ ରେ ବହୁ ଭାଷା ଭାଷି ଏକାଠି ବସବାସ କରନ୍ତି ସେମାନଙ୍କ ଭିତରୁ ପାଞ୍ଚ ଭାଗ ରୁ ଚାରିଭାଗ ଲୋକ ହେଲେ ହିନ୍ଦୁ ଧର୍ମର ହିନ୍ଦୁ ମାନେ ସେମାନଙ୍କର ଦୈନନ୍ଦିନର କାର୍ଯ୍ୟ ଧର୍ମ ପରାୟଣ ହୋଇ କରିଥାନ୍ତି। ଜଣେ ହିନ୍ଦୁ, ଧର୍ମ ପରାୟଣ ହୋଇ ଶୁଏ, ଉଠେ, ଖାଏ ପିଏ। ଏବଂ ସମସ୍ତ କାମ ଭିତରେ ଧର୍ମ ପାଳନ କରିଥାଏ। ଧର୍ମ ରୁ କିପରି ବିଚ୍ୟୁତ ନହେବ ସେଥିପାଇଁ ତତ୍ପର ଥାଇ ସମସ୍ତ କାର୍ଯ୍ୟ



କରିଥାଏ। ସ୍ୱାମୀ ବିବେକାନନ୍ଦ ଉଦାହରଣ ଦେବାକୁ ଯାଇ କହିଛନ୍ତି ଯେ ନିଜ ପାଇଁ ଘର ତିଆରି କରିବା ସ୍ୱାର୍ଥ ପରତା ସେଥିପାଇଁ ହିନ୍ଦୁ ମାନେ ଘରେ ଠାକୁର ପାଇଁ ଘର କରିଥାନ୍ତି ଅତିଥିଙ୍କ ସତ୍କାର କରିଥାନ୍ତି। ନିଜ ପାଇଁ ରୋଷେଇ କରି ଖାଇବା ସ୍ୱାର୍ଥ ପରତା ତେଣୁ ହିନ୍ଦୁ ମାନେ ରୋଷେଇ କାଳାବେଳେ ଅତିଥି ଓ ଦରିଦ୍ର ଙ୍କୁ ଦେବା ପାଇଁ ରୋଷେଇ କରିଥାନ୍ତି। ଏହି ପରି ସେମାନଙ୍କ ସମସ୍ତ କାମରେ ପରଉପକାର ର ଭାବ ଥାଏ। ବର୍ତ୍ତମାନ ଯେଉଁ ମାନେ ସନାତନ ଧର୍ମ କୁ ମଣିଷ ସମାଜ ଭିତରେ ଭେଦବାଭ ସୃଷ୍ଟି କରୁଥିବା ଧର୍ମ ବୋଲି ଦୋଷାରୋପ କରୁଛନ୍ତି ସେମାନେ ଭୁଲିନ ଯିବା କଥା ଯେ ମଣିଷ ମଣିଷ ଭିତରେ ଭେଦଭାବ ସୃଷ୍ଟି କରିବା ଧର୍ମର କାମ ନୁହେ ବରଂ ସମାଜ ରେ ରହିଥିବା କ୍ଷମତାଶିଳ ବ୍ୟକ୍ତି ମାନଙ୍କ ଦ୍ୱାରା କରା ଯାଇଛି କାରଣ କ୍ଷମତାଶିଳ ବ୍ୟକ୍ତିଙ୍କୁ କେହି ବିରୋଧ କରିବା ପାଇଁ ସାହାସ ସଞ୍ଚୟ କରିପାରନ୍ତି ନାହିଁ ତେଣୁ ସମାଜ ରେ ଭେଦଭାବ ସୃଷ୍ଟି ହୋଇଥାଏ।

ଭାଗବତର ଏକାଦଶ ସ୍କନ୍ଧ ରେ 'ବର୍ଣ୍ଣାଶ୍ରମ ଧର୍ମ ଉପରେ ଭଗବାନ ଶ୍ରୀକୃଷ୍ଣ ଉଦ୍ଧବଙ୍କୁ କହିଛନ୍ତି ଯେ କଳ୍ପ ଆରମ୍ଭ ସମୟରେ ସତ୍ୟଯୁଗର ଆରମ୍ଭ ହୋଇଥିଲା। ସେତେବେଳେ ସମସ୍ତ ମଣିଷ ଗୋଟିଏ ଜାତିର ଥିଲେ ଏବଂ ସେମାନଙ୍କୁ ହଂସ କୁହାଯାଉଥିଲା। ଏବଂ ଧର୍ମର ଚାରିପାଦ ଥିଲା। ସେଗୁଡିକ ହେଲା ତପସ୍ୟା, ଶୌଚ, ଦୟା ଏବଂ ସତ୍ୟ।

ତ୍ରେତାଯୁଗରେ ଚାରି ବର୍ଣ୍ଣର ସୃଷ୍ଟି ହେଲା ଏବଂ ବର୍ଣ୍ଣ ଆଶ୍ରମ ଭେଦ ଦେଖାଗଲା। ମଣିଷ ର ଆଚରଣ ଓ ସ୍ୱଭାବ କୁ ନେଇ। ଶମ, ଦମ, ତପସ୍ୟା ପବିତ୍ରତା ସନ୍ତୋଷ କ୍ଷମାଶିଳତା ସ୍ପଷ୍ଟବାଦୀ ଇଶ୍ୱର ବିଶ୍ୱାସ ଦୟା ଓ ସତ୍ୟ ଏହିଗୁଣ ସମ୍ପର୍ଣ୍ଣ ବ୍ୟକ୍ତି ଙ୍କୁ ବ୍ରାହ୍ମଣ କୁହାଗଲା। ତେଜ, ବଳ, ଧର୍ଯ୍ୟ, ବିରତା, ସହନଶୀଳତା, ଉଦ୍ୟୋଗୀ, ସ୍ଥିରତା ଓ ବ୍ରାହ୍ମଣ ଭକ୍ତି ଯେଉଁ ବ୍ୟକ୍ତି ମାନଙ୍କ ପାଖରେ ଦେଖାଗଲା ସେମାନଙ୍କୁ କ୍ଷତ୍ରିୟ କୁହାଯାଏ। ଆସ୍ତିକ ଭାବ, ଦାନଶୀଳତା ଦମ୍ଭହୀନତା ଓ ଧନ ଅର୍ଜ୍ଜନ ପାଇଁ ଅହରହ ଚେଷ୍ଟାରତ ମଣିଷ ଙ୍କୁ ବୈଶ୍ୟ କୁହାଗଲା। ବ୍ରାହ୍ମଣ ଗାଈ ଓ ଦେବତାଙ୍କ ସେବାରେ ନିୟୋଜିତ ମଣିଷ ଙ୍କୁ ଶୁଦ୍ର କୁହାଗଲା।

ଏହି ଚାରି ବର୍ଣ୍ଣ ବ୍ୟତିତ ଅନ୍ତ୍ୟଜୋ ବୋଲି ଏକ ବର୍ଣ୍ଣ ମଧ୍ୟ ଉଲ୍ଲେଖ ଅଛି ଯେଉଁ ମାନଙ୍କ ସ୍ୱଭାବ ହେଲା ଅପବିତ୍ର ରହିବା, ମିଛକହିବା, କାମ, ଓ କ୍ରୋଧ ଦ୍ୱାରା ବଶିଭୂତ ହେବା ଏହି ମଣିଷଙ୍କର ସ୍ୱଭାବ। ତା ସହିତ ଭଗବାନ ଶ୍ରୀ କୃଷ୍ଣ ଉର୍ଦ୍ଧବଙ୍କୁ କହିଛନ୍ତି ଚାରିବର୍ଣ୍ଣର ଏବଂ ଚାରି ଆଶ୍ରମର ବ୍ୟକ୍ତିମାନଙ୍କ ପାଇଁ ସାଧାରଣ ଧର୍ମ ଏହା ଯେ ସେମାନେ ମନ ବାଣୀ ଓ ଶରୀର ରେ କୌଣସି ପ୍ରକାରର ହିଂସା ଆଚାରଣ କରିବେ ନାହିଁ।ସବୁ ବେଳେ ସତ୍ୟ କହିବେ, ଚୋରି କରିବେ ନାହିଁ, କାମ କ୍ରୋଧ ଓ ଲୋଭ ଠାରୁ ନିଜକୁ ଦୂରରେ ରଖିବେ। ଏବଂ ଅହି କର୍ମ କରିବେ ଯାହା ଦ୍ୱାରା ସମସ୍ତ ପ୍ରାଣୀ ଜଗତ ପ୍ରସନ୍ନ ଓ ମଙ୍ଗଳମୟ ହୋଇ ପାରିବେ। ଏଥିରୁ ଆମେ ବୁଝିବା କଥା ଯେ ସମାଜ ରେ ମଣିଷ କେଉଁ ପ୍ରକାର ଜୀବନ ଯାପନ କରିବା କଥା। ଆମେ ଆଜି ମଧ୍ୟ ଅନେକ ସାଧୁ ମହାତ୍ମା ଙ୍କ ବିଷୟ ରେ ଶୁଣିଥାଉ। ଆମର ଜାତିର ଜନକ ମହାତ୍ମା ଗାନ୍ଧୀଙ୍କୁ ବିଶ୍ୱ ସମ୍ମାନ ଦେଉଛି କେବଳ ତାଙ୍କର ମହାନ ସ୍ୱଭାବ ପାଇଁ। ମହାତ୍ମା ଗାନ୍ଧୀଙ୍କ ଦେଶ ରେ ଜନ୍ମ ନେଇଥିବାରୁ ଆମେ ନିଜକୁ ଗୌରବାନ୍ୱିତ ମନେ କରୁ। ସମାଜରେ ଯଦିକିଛି ଭେଦଭାବ ସୃଷ୍ଟି ହୋଇଛି ତାହା ହେଉଛି ଅପରି ପକ୍ୱ ମଣିଷ କୃତ। ଏବଂ ସମାଜର ଜାତି ବର୍ଣ୍ଣ ଜନିତ ଭେଦଭାବ ବିରୁଦ୍ଧ ରେ ସବୁବେଳେ ମହା ପୁରୁଷ ମାନେ ସ୍ୱର ଉତ୍ତୋଳନ କରିଛନ୍ତି। ମହାତ୍ମା ଗାନ୍ଧୀ ଅସ୍ପୃଶ୍ୟତା କୁ ଗୋଟିଏ ଅପରାଧ ବୋଲି କହିଛନ୍ତି। ରାମ କୃଷ୍ଣ ପରମହଂସ ହରିଜନ ଘରକୁ ଯାଇ ନିଜ ମୁଣ୍ଡର ଲମ୍ବା ଲମ୍ବା ବାଳ ରେ ତାର ଘରକୁ ଝାଡୁ କରି ଦେଇଛନ୍ତି। ସାହିତ୍ୟ ପାଇଁ ନୋବେଲ ପୁରସ୍କାର ପାଇଥିବା ଗୁରୁଦେବ ରବୀନ୍ଦ୍ର ନାଥ ଟେଗୋର ମଧ୍ୟ ଅସ୍ପୃଶ୍ୟତା ବିରୋଧ ରେ କବିତା ଲେଖିଥିଲେ। ଅସ୍ପୃଶ୍ୟତା ନା ହିନ୍ଦୁ ଧର୍ମର ନା ସନାତନ ଧର୍ମର ସୃଷ୍ଟି ଏହା କ୍ଷମତା ଶିଳଅଜ୍ଞାନୀଙ୍କ ଦ୍ୱାରା ପ୍ରଚଳନ କରିଥିବା ବ୍ୟବସ୍ଥା। ତେଣୁ ଏଥିପାଇଁ କୌଣସି ଧର୍ମ କୁ ଆକ୍ଷେପ କରିବା ମଧ୍ୟ ମୂର୍ଖତା।

**ବ୍ରହ୍ମପୁର, ଖୋଡ଼ାସିଙ୍ଗ କଳିଙ୍ଗନଗର,**
**ମୋବାଇଲ୍: ୭୨୦୫୧୦୦୮୩୯**

# ମାଲିକ ଆମର ପର ବୋଲକରା



**ଦିପ୍ତିମୟୀ ନାୟକ**

ପ୍ରତ୍ୟେକ କର୍ମଚାରୀଙ୍କ ମନରେ ମାଲିକଙ୍କ ପ୍ରତି ସମ୍ମାନ ଥାଏ। ସେଥିପାଇଁ ସେମାନେ ନିଜ ମାଲିକଙ୍କୁ ଭଗବାନ ବୋଲି ଭାବିଥାନ୍ତି କାରଣ ତାଙ୍କ ମାଲିକଙ୍କ ପାଇଁ ହିଁ ତାଙ୍କର ଚାରି ପ୍ରାଣୀ କୁଟୁମ୍ବ ଚଳୁଥାନ୍ତି। ମାଲିକ ହେବା ବି କୌଣସି ଛୋଟ କଥା ନୁହେଁ କାରଣ ମାଲିକ ହିଁ ଏକମାତ୍ର ଲୋକ ଯିଏ କର୍ମଚାରୀଙ୍କ ସମସ୍ୟା ବୁଝନ୍ତି ଏବଂ ସେମାନଙ୍କର ଦାବି ପୂରଣ କରନ୍ତି। ମାଲିକଙ୍କର ବିଚାରଧାରା ମଧ୍ୟ ଭିନ୍ନ ହୋଇଥାଏ। ମାଲିକ ସବୁ କର୍ମଚାରୀଙ୍କୁ ସମାନ ଦୃଷ୍ଟିରେ ମଧ୍ୟ ଦେଖିଥାନ୍ତି। ତେବେ ସବୁ ମାଲିକ ସମାନ ନୁହଁନ୍ତି। ସବୁ ମାଲିକ କର୍ମଚାରୀଙ୍କ ଦାବି ପୂରଣ କରନ୍ତିନି କି ନିରପେକ୍ଷ ବିଚାର ମଧ୍ୟ କରନ୍ତିନି। କାହିଁକି ନା ଆଜିର କିଛି ମାଲିକ ପରବୋଲକରା ଅଛନ୍ତି। ଯେଉଁମାନେ ପରବୁଦ୍ଧିରେ ଚାଲନ୍ତି ସେମାନଙ୍କୁ ଆମେ ପରବୁଦ୍ଧିଆ କିମ୍ବା ପରବୋଲକରା କହିଥାଉ। ଅବଶ୍ୟ ମାଲିକଙ୍କୁ ଏମିତି କହିବା ଉଚିତ ନୁହେଁ କିନ୍ତୁ କିଛି କର୍ମଚାରୀ ଯେତେବେଳେ ବିନା କାରଣରେ ଦୋଷୀ ହୁଅନ୍ତି। ଭୁଲ ନଥାଇ ତାଙ୍କର ପ୍ରତ୍ୟେକଟି କଥା ଭୁଲ ହୁଏ। ମାଲିକଙ୍କର ନିରପେକ୍ଷ ବିଚାର ହୁଏନି କେବଳ ଜଣେ କର୍ମଚାରୀଙ୍କ କଥାକୁ ପ୍ରାଧାନ୍ୟ ଦେଇ ଯେତେବେଳେ ଅନ୍ୟ ଜଣେ କର୍ମଚାରୀଙ୍କ କଥା ଶୁଣିବା ପାଇଁ ପ୍ରସ୍ତୁତ ନଥାନ୍ତି ସେତେବେଳେ ଗୋଟେ ସାଧାରଣ କର୍ମଚାରୀଟିଏ ମଧ୍ୟ ବାଧ୍ୟ ହୁଏ କହିବା ପାଇଁ ମାଲିକ ଆମର ପରବୋଲକରା।

ଏହି ପରବୋଲକରା ଶବ୍ଦଟି ହୁଏତ ସେ ତାଙ୍କ ମାଲିକ ଆଗରେ ପାଟି ଖୋଲି କହି ପାରେନି କାହିଁକି ନା ଯଦି ସେ ମାଲିକ ମୁହଁରେ ଜବାବ ଦେବ ତାହାଲେ ତାଙ୍କ ଚାକିରୀଟା ଯିବ। ଚାକିରୀଗଲେ ତାଙ୍କ ପରିବାର ଚଳିବ କେମିତି। ଏହିସବୁକୁ ଦୃଷ୍ଟିରେ ରଖି ମାଲିକ ଆଗରେ ନୀରବ ରହିଯାଏ କିନ୍ତୁ ଅଶାନ୍ତି ମନରେ ଅନ୍ୟ ଜଣ କର୍ମଚାରୀଙ୍କ ଆଗରେ କହୁଥାଏ ମାଲିକ ଆମର ପରବୋଲକରା ଜଣଙ୍କ କଥା ଭଲରେ ଶୁଣୁଛନ୍ତି ଆଉ ଜଣକୁ ଚୁପ ରହିବାକୁ କହୁଛନ୍ତି। ଯଦି କଥାକୁ ଚୁପ କରିବାର ଥିଲା ତାହେଲେ ଜଣକ କଥା ଶୁଣି ଅନ୍ୟ ଜଣେ କର୍ମଚାରୀଙ୍କ କଥାକୁ କାହିଁକି ଅଣଦେଖା କରାଗଲା।

ଠିକ ସେମିତି କିଛି ଦିନ ତଳେ ଜଣେ କର୍ମଚାରୀଙ୍କ ସହ ମୋର ଦେଖା ହୋଇଥିଲା। ତାଙ୍କ ମନର କଥାକୁ ଟିକେ ଶୁଣିବାକୁ ସୁଯୋଗ ମିଳିଥିଲା। ତେବେ ତାଙ୍କ ମନ ଏତେ ଅଶାନ୍ତ ଥିଲା ଯେ ତାଙ୍କର ପ୍ରତ୍ୟେକ କଥାରେ ସତେ ଯେମିତି ମାଲିକଙ୍କ ପାଇଁ କିଛି ଭଲ କଥା ନଥିଲା। ରହିବ ବା କେମିତି ମାଲିକ ଯଦି ନିରପେକ୍ଷ ବିଚାର କରିଥାନ୍ତେ ତାହେଲେ କଣ ଏହି କର୍ମଚାରୀ ଜଣକ ନିଜ ମନର କଥାକୁ ଅନ୍ୟ ଆଗରେ ଖୋଲିକି କହିଥାନ୍ତେ କି ତାଙ୍କ ଆଖି ଲୁହ ଛଳଛଳ ହୋଇଥାନ୍ତା। ତାଙ୍କର କଥାଟି ଥିଲା ସେ ଯେତେବେଳେ ନିଜ କାର୍ଯ୍ୟ କରନ୍ତି ସେତେବେଳେ ତାଙ୍କୁ ଅନ୍ୟମାନେ ଜାଣି ଜାଣି ହଇରାଣ କରନ୍ତି ଆଉ ସେ ଯେତେବେଳେ



କୁହନ୍ତି କାହିଁକି ତୁମେ ମୋ କାମରେ ବାଧା ଦେଉଛ ନିଜ କାମ କର ଆଉ ଜଣେ କର୍ମଚାରୀ କୁହନ୍ତି ତମେ କାମ ଠିକରେ କରୁନ ସାରଙ୍କ ଆଗରେ କହିବି। ଏମିତି ବାରମ୍ବାର ସବୁବେଳେ ତାଙ୍କ ଭିତରେ ଝଗଡା ହୁଏ ଆଉ ମାଲିକଙ୍କ ଯାଏ କଥା ମଧ୍ୟ ଯାଏ କିନ୍ତୁ ମାଲିକଙ୍କୁ ଅନ୍ୟ ଜଣେ କର୍ମଚାରୀ ହାତରେ ରଖିଥାଏ ନିଜ କଥା ଯାଦୁରେ ମାଲିକର ପ୍ରିୟପାତ୍ର ହୋଇଥାଏ। ମାଲିକ କେବଳ ଜଣଙ୍କ କଥା ଶୁଣନ୍ତି ଆଉ ଜଣଙ୍କ କଥାକୁ ହେ ଛାଡ଼ ବୋଲି କହି କୁଆଡେ ଚାଲିଯାଆନ୍ତି ଆଉ ବେଳେବେଳେ ଅଫିସକୁ ଆସି ଅନ୍ୟ ଜଣେ କର୍ମଚାରୀଙ୍କ କାମକୁ ନଦେଖି ଗର୍ଜନ କରନ୍ତି ଯେମିତି ଏହି କର୍ମଚାରୀ ଜଣକ କିଛି କାମ କରନ୍ତିନି ଆଉ ଅନ୍ୟଜଣେ କର୍ମଚାରୀ ଯେମିତି ସେହି ଅଫିସକୁ ମୁଣ୍ଡେଇ ରଖିଥାନ୍ତି କିନ୍ତୁ ଦିନ ଏମିତି ଆସିଲା ପରବୁଦ୍ଧିରେ ବାଟ ଚାଲୁଥିବା ମାଲିକଙ୍କ ଅଫିସ ଅନେକ କ୍ଷତି ସହିଲା ଆଉ ଶେଷରେ ମାଲିକ ସେହି ଅଫିସର କର୍ମଚାରୀ ମାନଙ୍କୁ ସଠିକ ସମୟରେ ଦରମା ଦେଇପାରିଲେନି ଆଉ ସେହି କର୍ମଚାରୀ ଜଣକ ସେଠାରୁ ଚାକିରୀ ଛାଡିଦେଲେ ଆଉ ଅନ୍ୟଜଣେ କର୍ମଚାରୀ ସେଠି ଥାଇ ତାଙ୍କର ସେମିତି କାର୍ଯ୍ୟ ଜାରି ରଖିଲେ ଆଉ କିଛି ଦିନ ପରେ ପୁଣି ଲୋକଙ୍କୁ ସଠିକ ଭାବରେ ଦରମା ତ ମିଳିଲା କିନ୍ତୁ ମାଲିକଙ୍କ ମନରେ ଅବଶୋଷ ରହିଲା ଆଉ ମାଲିକ ସେହି କର୍ମଚାରୀଙ୍କ ପାଖକୁ ଆସିଲେ ତମ କାର୍ଯ୍ୟଦକ୍ଷତା ଆଗରେ ସତରେ ମୁଁ ହାର ମାନିଗଲି ତମେ ପ୍ରମାଣ କରିକି ଦେଖେଇଦେଲ ଯେ ତମ କାର୍ଯ୍ୟ ଉପରେ ସନ୍ଦେହ କରିବାର କୌଣସି କଥା ନଥିଲା। ଅନ୍ୟ କଥାରେ ପଡିଲି ଆଉ ତୁମ ଭଳି କର୍ମଚାରୀଙ୍କୁ ଅଣଦେଖା କରିଲି ହେଲେ ଆଜି ମୁଁ ଜାଣିଲି ଏହି ଅଫିସର ସଠିକ କର୍ମଚାରୀ କିଏ ଥିଲେ।

ତେବେ ପ୍ରତ୍ୟେକ ମାଲିକ ମଧ୍ୟ ଭାବିବା ଉଚିତ। ସେମାନେ ସାଧାରଣ କର୍ମଚାରୀରୁ ହିଁ ମାଲିକ ହୋଇଛନ୍ତି କେହି ହଠାତ ମାଲିକ ହୋଇଯାଇନାହାଁନ୍ତି। ତେଣୁ ନିଜକୁ ସେହି କର୍ମଚାରୀଙ୍କ ଜାଗାରେ ରଖି ମାଲିକଙ୍କ କଥା ଭାବନ୍ତୁ। କାରଣ ଆପଣ ଯେତେବେଳେ ଗୋଟେ ସାଧାରଣ କର୍ମଚାରୀ ଥିଲେ ସେତେବେଳେ କଣ ଆପଣଙ୍କ ମାଲିକ ଆପଣଙ୍କୁ ଏମିତି ଅଣଦେଖା କରୁଥିଲେ। ଯଦି ଆପଣଙ୍କ ମାଲିକ ଆପଣଙ୍କୁ ଏମିତି ଅଣଦେଖା କରୁନଥିଲେ ତାହାଲେ ଆପଣ କାହିଁକି ଗୋଟେ ମାଲିକ ହୋଇ ଗୋଟେ ସାଧାରଣ କର୍ମଚାରୀଙ୍କୁ ଅଣଦେଖା କରୁଛନ୍ତି। ନିଜର ପୂର୍ବବସ୍ଥାକୁ ମନେ ପକାଇ ଅନ୍ୟର କର୍ମକୁ ସମ୍ମାନ ଜଣାନ୍ତୁ। ନିରପେକ୍ଷ ବିଚାର କରନ୍ତୁ କାରଣ ଆପଣଙ୍କ ବିଚାର ହିଁ ଆପଣଙ୍କୁ ଦିନେ ମାଲିକ ପଦବୀ ଠାରୁ ଆପଣଙ୍କ ଶ୍ରେଷ୍ଠ ବିଚାରଧାରା ଆପଣଙ୍କର ଶ୍ରେଷ୍ଠ ମାଲିକ ହୋଇଯିବ। ଯଦି ନିଜର ବିଚାଧାରା ଅନ୍ୟ ଉପରେ ନିର୍ଭର କରୁଥିବ ତେବେ ନିଶ୍ଚିନ୍ତ ଭାବରେ ଆପଣଙ୍କୁ ଆଜୀବନ କାଳ ଗୋଟେ ପରବୋଲକରା ଶୁଣିବାକୁ ମିଳୁଥିବ। ନିଜ ଆତ୍ମସମ୍ମାନ ସଙ୍କଟାପନ୍ନ ଅବସ୍ଥାରେ ରହିଥିବ ଅବଶ୍ୟ ଟଙ୍କା ଖର୍ଚ୍ଚ ଚାଲିଥିବ କର୍ମଚାରୀଙ୍କ ପଛରେ କିନ୍ତୁ ନିଜ ଆତ୍ମସମ୍ମାନ ନଥିବ ଆପଣଙ୍କ ପାଖରେ। ତେଣୁ ଆପଣ ବିଚାର କରନ୍ତୁ ଆପଣ ଆପଣଙ୍କ ବୁଦ୍ଧିରେ ବାଟ ଚାଲିବେ ନା ଅନ୍ୟ ବୁଦ୍ଧିରେ ବାଟ ଚାଲି ଅନ୍ୟକୁ ଛୋଟ କରି ନିଜେ ସେହି ଛୋଟ ମଣିଷଟିଏ ହୋଇଯିବେ।

**ଅନ୍ଧାରୁଆ, ଭୁବନେଶ୍ୱର**
**ମୋବାଇଲ୍: ୯୦୯୦୬୬୧୫୮୬**

# ବ୍ୟବହାର ସର୍ତ୍ତରେ ଜୀବନ

**ବିଭୁପ୍ରସାଦ ନାଥ**

ଏତେ ବଡ ବିଶାଳ ସଂସାର କିନ୍ତୁ ସର୍ତ୍ତରେ ବିତୁଛି ଜୀବନ। ଆଜି ଜୀବନର ପ୍ରତ୍ୟେକ ମୂହୁର୍ତ୍ତରେ ମଣିଷ କୌଣସି ବି ନିଷ୍ପତ୍ତି ନେବା ପୂର୍ବରୁ ହାନି, ଲାଭର ନିକିତିରେ ପ୍ରତ୍ୟେକ ମୂହୁର୍ତ୍ତରେ ତଉଲୁଥାଏ। ଯଦି ଏଠି ସମ୍ପର୍କରେ ହାନିଲାଭ, ବଞ୍ଚିବାରେ ହାନିଲାଭ, ସ୍ୱିକାରୋକ୍ତିରେ ହାନିଲାଭ ଦେଖାଯାଏ। ତେବେ ଏ ଜୀବନ ସର୍ତ୍ତରେ ବିତୁନାହିଁ ତ! ମୁଁ ହାରିଗଲେ ଦୋଷ ଅନ୍ୟର, ମୁଁ ଜିତିଗଲେ ସବୁ ଶ୍ରେୟ ମୋର, ଏଭଳି ମାନସିକତା ବ୍ୟକ୍ତିର ମାନବିକତାକୁ କୁଠାରଘାତ କରୁନି ତ!

ଆମେ ସମସ୍ତେ କୋଉଠି ନା କୋଉଠି ଆଜି ସର୍ତ୍ତରେ ବନ୍ଧା। ଏଠି ସମ୍ପର୍କ ବି ସର୍ତ୍ତରେ ଗଢ଼ାଯାଏ। ଲାଭକ୍ଷତିର ସମୀକ୍ଷା କରି ସମ୍ପର୍କକୁ ମଧ୍ୟ ଲୀନ କରିଦିଆଯାଏ। "ମୁଁ ବଞ୍ଚିବି ହେଲେ ବିନା ସର୍ତ୍ତରେ"। ଏଭଳି ଦମ୍ଭୋକ୍ତି ପ୍ରକାଶ କରିବାର ଶକ୍ତି କାହାର ବି ଆଜିର ସମାଜରେ ନାହିଁ। ଯେଉଁଠି ବେରୋଜଗାର ପୁଅ ବାପାମାଙ୍କ ପାଇଁ ବୋଝ, ଯେଉଁଠି ଆକସ୍ମିକ ବିକଳାଙ୍ଗ ହୋଇପଡ଼ିଥିବା ସ୍ୱାମୀସ୍ତ୍ରୀ ପାଇଁ କାଳ ସେଇଠି ଜୀବନ କେବଳ ବ୍ୟବହାର ସର୍ତ୍ତରେ। ଯଦି ଗଛ ଫଳଶୂନ୍ୟ ତେବେ ସେ ମାଲିକ ପାଇଁ ଅଲୋଡ଼ା, ଯଦି ହଡା ବଳଦ ତେବେ ସେ ମାଲିକର ବୋଝ। ମଣିଷର ସ୍ୱାର୍ଥ ଆଜି ମାନବିକତାର ଶିଖରରେ ବସି ନିଜର କରାଳ ଚିତ୍କାର କରୁଛି।

ଇତିହାସ ସାକ୍ଷୀ ରହିଛି ଏ ଭାରତ ଭୂଖଣ୍ଡରେ ଅନେକ ଘଟଣା ଘଟିଛି ଯେଉଁ ଘଟଣାକୁ ଅବଲୋକନ କଲେ ଜଣାପଡେ ଯେ ସର୍ତ୍ତରେ ଜୀବନ ଓ ପ୍ରେମମୟ ଜୀବନର ମହତ୍ତ୍ୱ କେତେ? ରାଣୀ ପଦ୍ମାବତୀ, ଚିତ୍ତୋଡ ଗଡ଼ର ରାଣୀ ଚାହିଁଥିଲେ ସେଦିନ ଆଲ୍ଲାଉଦ୍ଦିନ ଖିଲଜୀ ସହ ବିବାହ କରି ବାକି ଜୀବନ ଖୁବ୍ ଆନନ୍ଦରେ ବିତେଇ ପାରିଥାନ୍ତେ। କିନ୍ତୁ ସେ ତାହା ନ କରି ନିଜ ଜୀବନକୁ ଅଗ୍ନୀ ଗର୍ଭରେ ଲୀନ କରିଦେଇଥିଲେ। ପ୍ରାଶ୍ଚାତ୍ୟ ସଭ୍ୟତା କେବଳ ଆମକୁ ଗ୍ରାସ କରିନି ଆମ ସମସ୍ତଙ୍କୁ ପଙ୍ଗୁ, ବିକଳାଙ୍ଗ ଓ ବ୍ୟଭିଚାରୀ କରିଦେଉଛି। ଆମେ ସମସ୍ତେ ପାଠୁଆ, ଅଭାବଠାରୁ ଜୀବନ ଅନେକ ଦୂରରେ ତଥାପି ବୁଝାମଣାରେ ଅଭାବ। ଏଠି ପତ୍ନୀ ନିଜର ପତି ଉପରେ ନଜର ଆଧିପତ୍ୟ ବିସ୍ତାର କରିବାକୁ ଚାହେଁ ତ, ପତି ମଧ୍ୟ ନିଜର ଆଧିପତ୍ୟ ବିସ୍ତାର କରିବାକୁ ଚାହୁଁଥାଏ। ଯଦି ପରିବାର ଏକ ରାଜ୍ୟ ହୁଏ ନିଶ୍ଚିତ ଭାବରେ ପରିବାର ମଧ୍ୟ ଏକ ଶାସନ ବ୍ୟବସ୍ଥା ରହିଥାଏ। ଯଦି ଏ ଶାସନ ବ୍ୟବସ୍ଥା ଓ ଜୀବନଶୈଳୀ ପ୍ରଜାତନ୍ତ୍ରବିହୀନ, ତେବେ ସମସ୍ୟା ସୃଷ୍ଟି ହେବା ସ୍ୱାଭାବିକ।

ଆମେ ସମସ୍ତେ ଆଜି ନିୟମ ଗଠନ କରିବାକୁ ପସନ୍ଦ କରୁ କିନ୍ତୁ ଅନୁପାଳନରେ ଆମେ ସମସ୍ତେ ପଛୁଆ। ଜୀବନର ଗୁରୁତ୍ୱପୂର୍ଣ୍ଣ



ପ୍ରସଙ୍ଗରେ ଆଲୋଚନା କରିବାକୁ ଆମ ପାଖରେ ଆଜି ସମୟ ନାହିଁ। ଅନେକ ଲୋକ ହଁରେ ହଁ ଭରି ଦିଅନ୍ତି ସତ ହେଲେ ପ୍ରସଙ୍ଗର ନିଦାନ କରିବା କାହାର ବି ଲକ୍ଷ୍ୟ ନଥାଏ।

ଜୀବନ ଆରମ୍ଭରୁ ସର୍ତ୍ତର ଆଗମନ ହୋଇଥାଏ। ପୁଅଟିଏ ଜନ୍ମନେଲେ ତା ଉପରେ ପରିବାରର ବୋଝ, ରୋଜଗାରର ବୋଝ ଏମିତି ଅନେକ ବୋଝ ଲଦି ଦିଆଯାଏ। ଯଦି ଏ ବୋଝରୁ କେହି ତ୍ରାହି ବା ମୁକ୍ତି ପାଇବାକୁ ଚେଷ୍ଟାକରେ ତେବେ ସେ ଭୀରୁ ଉପାଧିରେ ଭୂଷିତ ହୋଇଥାଏ। ଜୀବନରେ ବେଳେ ବେଳେ ଏହା ମଧ୍ୟ ଅନୁଭବ ହୁଏ ଯେପରି ଜୀବନର ଏକ ସର୍ତ୍ତ। ଏହାକୁ ଅନୁପାଳନ କରିବାକୁ ହିଁ ହେବ। ନ ହେଲେ ଜୀବନର ରଙ୍ଗ ମଞ୍ଚରେ ଏକ ମୂଲ୍ୟହୀନ କଳାକାର ଯାହାର ବଞ୍ଚିବା ମରିବା ସହିତ ସମାନ।

ଆଜି ପ୍ରତ୍ୟେକ ସମ୍ପର୍କ ସର୍ତ୍ତରେ। ଉପାର୍ଜନ, ବ୍ୟବହାର, ଆମଦାନୀ ସର୍ତ୍ତରେ ଯେମିତି ସମ୍ପର୍କ ଗଢ଼ିଉଠିଛି। ତଥାପି ଏ ସମ୍ପର୍କ କିଛି ମିଛହସରେ, କିଛି ଭୁଲା କଥାରେ, କିଛି ପ୍ରଲୋଭନରେ ଏବଂ କିଛି ମିଥ୍ୟା ପ୍ରତିଶ୍ରୁତିରେ ବଞ୍ଚି ରହିଛି।

ଏ ପୃଥିବୀର ବିରାଟ ସଭ୍ୟତାର ବିନାଶ କେବେ ତାହା ମୁଁ ଜାଣେନା କେବଳ ଏତିକି ଜଣେ ମାନବ ସଭ୍ୟତା ଏବେ ଧ୍ୱଂସାଭିମୁଖୀ। ଯଦି ଏହିଭଳି ମାନବ ସଭ୍ୟତା ନିଜର ଗତିକୁ ଆଗକୁ ବଢ଼ାଏ, ତେବେ ଏହାର ଆୟୁଷ ଖୁବ୍ କମ୍। ମଦ, ମାଂସ, ବ୍ୟଭିଚାରର ଶାସନ ଆଢୁଆଳରେ ବଞ୍ଚୁଥିବା ମଣିଷ ନିଶ୍ଚିତ ଭାବରେ କଠୋର ଦଣ୍ଡ ଭୋଗ କରିବ।

ସମାଜ ଓ ସଂସ୍କୃତିଠାରୁ ଦୂରେଇ ଆମେ ଯେଉଁ ଉଦାହରଣ ସୃଷ୍ଟି କରୁଛେ ଏହା କାଳସର୍ପର ରୂପନେଇ କେତେବେଳେ ଯେ ଆମକୁ ଦଂଶନ କରିବ ତାହାକୁ ବିଚାର କରିବା ଦରକାର। ମଣିଷର ଉପସ୍ଥିତିକୁ କେବେହେଲେ ତୁଚ୍ଛ ମଣିବା ଉଚିତ ନୁହେଁ। ମଣିଷ, ଯାହାର ଦୁଇଟି ହାତ, ଦୁଇଟି ଗୋଡ଼, ଏବଂ ଦୁଇଟି ଆଖି ଏଭଳି ରୂପ ପ୍ରକୃତରେ ବିରଳ। ଜଣେ ମଣିଷ ହିଁ ଆଉ ଏକ ମଣିଷର ହୃଦୟର ଗଭୀରତମ ପ୍ରଦେଶକୁ ପହଞ୍ଚିପାରେ ଏବଂ ମନୋବ୍ୟଥାକୁ ବୁଝିପାରେ। ମାନବ ଏକ ସମ୍ବଳ, ବ୍ୟବହାର ଉଦ୍ଦେଶ୍ୟରେ ହିଁ ସମ୍ବଳ କ୍ଷୁର୍ଣ୍ଣ ହୋଇଥାଏ। ଧନକୁ ଅର୍ଜନ କରିବା ଅତି ସହଜ ହେଲେ ମାନବ ସମ୍ବଳକୁ ଅର୍ଜନ କରିବା ବହୁ କଷ୍ଟ। ତେଣୁ ବ୍ୟବହାରକାରୀମାନେ ସଚେତନ ହୁଅନ୍ତୁ। ମଣିଷ ବ୍ୟବହାର ସାମଗ୍ରୀ ନୁହେଁ। ଏହିଭଳି ଭ୍ରାନ୍ତଧାରଣାରୁ ନିଜକୁ ମୁକ୍ତ ରଖନ୍ତୁ। ସର୍ତ୍ତରେ ଜୀବନର ଆୟୁଷ ଖୁବ୍ କମ୍। ତେଣୁ ସର୍ତ୍ତବିହୀନ ଜୀବନ ଜିଇବା ଶିଖନ୍ତୁ। ବ୍ୟବହାର ସର୍ତ୍ତରେ ସମ୍ପର୍କ ମୂଲ୍ୟହୀନ। ଏହାକୁ ବିଚାର କରିବା ଦରକାର।

**ବିଜୟୱାଡ଼ା, ଆନ୍ଧ୍ରପ୍ରଦେଶ**
**ମୋବାଇଲ୍: ୭୮୫୫୯୭୯୬୨୦**

# ଆହୁରି ଶକ୍ତିଶାଳୀ ହେବ ତିନି ସେନା

## ୩୨ ହଜାର କୋଟିର ଡ୍ରୋନ୍ କିଣାଯିବ

ନୂଆଦିଲ୍ଲୀ, ୧୫।୧୦: ଆହୁରି ଦୃଢ଼ ହେବ ତିନି ସେନାର ଶକ୍ତି। ଭାରତ ସରକାର ଆମେରିକା ସହ ଏକ ବଡ଼ ଚୁକ୍ତି କରିଛନ୍ତି। ଦେଶକୁ ଆସିବ ଆମେରିକାର ଶକ୍ତିଶାଳୀ ପ୍ରିଡେଟର ଏମ୍‌କ୍ୟୁ ୯-ବି ଡ୍ରୋନ୍। ଏଥିପାଇଁ ଭାରତ ସରକାର ଆମେରିକା ସହ ୩୨ ହଜାର କୋଟି ଟଙ୍କାର ଡିଲ୍ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କିଛି ଦିନ ତଳେ ଆମେରିକା ଗସ୍ତ କରି ଫେରିବା ପରେ ଏହି ଖବର ସାମ୍ନାକୁ ଆସିଛି। ୩୧ଟି ପ୍ରିଡେଟର ଆଣିବା ପାଇଁ ଭାରତ ଏବଂ ଆମେରିକା ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷର ହୋଇଛି। ଆମେରିକାର ସାମରିକ ଏବଂ କର୍ପୋରେଟ୍ ଅଧିକାରୀଙ୍କ ଟିମ୍ ଭାରତ ସରକାରଙ୍କଗ ସହ ଆଜି ଏହି ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି। ଏହା ବ୍ୟତୀତ ଡ୍ରୋନର ରକ୍ଷଣାବେକ୍ଷଣ ଏବଂ ମରାମତି ପାଇଁ ଭାରତରେ କେନ୍ଦ୍ର ସ୍ଥାପନ ପାଇଁ ମଧ୍ୟ ଚୁକ୍ତି ହୋଇଛି।

ମୋଟ ୩୧ଟି ଡ୍ରୋନ୍ ମଧ୍ୟରୁ ୧୫ ଟି ନୌସେନାକୁ, ଆଠଟି ଡ୍ରୋନ୍ ସ୍ଥଳସେନା ଏବଂ ବାୟୁସେନାକୁ ଦିଆଯିବ। ବିଶେଷ ସୂତ୍ରରୁ ପ୍ରକାଶ ରିପୋର୍ଟ ଅନୁସାରେ, ଏହି ଡିଲ୍ ଆଉ ୨,୫୦୦ କୋଟି ଟଙ୍କା ବୃଦ୍ଧି ପାଇପାରେ। ଅର୍ଥାତ୍ ୩୪,୫୦୦ କୋଟି ଟଙ୍କାର ଡ୍ରୋନ୍ ଆସିବାର ସମ୍ଭାବନା ରହିଛି। ଏସବୁ ଡ୍ରୋନ୍ ଚେନ୍ନାଇ ନିକଟ ଆଇଏନ୍ଏସ୍ ରାଜଲି,



ଗୁଜରାଟର ପୋରବନ୍ଦର, ଉତ୍ତରପ୍ରଦେଶର ସରସବା ଏବଂ ଗୋରଖପୁର ସମେତ ଚାରିଟି ସ୍ଥାନରେ ନିୟୋଜିତ ହୋଇପାରେ। ତେବେ ଏହି ଡ୍ରୋନ୍ ଖୁବ୍ ଶକ୍ତିଶାଳୀ। ଏହା ୧୯୦୦ କିଲୋମିଟର ଉପରୁ ନଜର ରଖିବାର କ୍ଷମତା ରଖିଛି। ଏଥିସହ ଘଣ୍ଟା ପ୍ରତି ୪୮୦ କିଲୋମିଟର ବେଗରେ ମଧ୍ୟ ଉଡିପାରେ। ଏହା ସବୁଠାରୁ ଅତ୍ୟାଧୁନିକ ଡ୍ରୋନ୍। ଆମେରିକା ଏହି ଡ୍ରୋନ୍ ସାହାଯ୍ୟରେ ଓସମା ବିନ୍ ଲାଡେନର ସନ୍ଧାନ କରିଥିଲା। ଏହି ଡ୍ରୋନ୍ ଆକ୍ରମଣରେ ମଧ୍ୟ ଅଲ କାଏଦା ଲିଡର୍ ଅଲ ଜାୱାହାରୀ ନିପାତ ହୋଇଥିଲା।

- ପ୍ରିଡେଟର ଡ୍ରୋନ୍ ୨,୧୦୦ କେଜିର ଓଜନ ବହନ କରି ଉଡ଼ିପାରିବ
- ଦୀର୍ଘ ୪୦ ଘଣ୍ଟା ଧରି ଅବିରତ ଭାବେ ଉଡ଼ିବାର କ୍ଷମତା ରଖିଛି
- ଯେକୌଣସି ପାଣିପାଗରେ ଜଳ, ସ୍ଥଳ ଏବଂ ବାୟୁରେ କାର୍ଯ୍ୟକ୍ଷମ ହେବ
- ସ୍ୱୟଂଚାଳିତ ଭାବେ ବନ୍ଦ ଏବଂ ଲ୍ୟାଣ୍ଡିଂ କରିପାରିବ
- କୌଣସି ଆକ୍ରମଣ କିମ୍ବା ଗୁପ୍ତଚର ସନ୍ଧାନ ମଧ୍ୟ କରିପାରିବ ପ୍ରିଡେଟର

# ୪୦% ଅଧିକ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ମେଡିକାଲ ଆଡମିଶନ୍

ନୂଆଦିଲ୍ଲୀ, ୧୫।୧୦: ଭିନ୍ନକ୍ଷମ ଛାତ୍ରଙ୍କ ମେଡିକାଲ ପାଠ ପଢ଼ା ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଶୁଣାଇଛନ୍ତି ସୁପ୍ରିମକୋର୍ଟ। ପାଟି ଲାଗୁଥିବା ପିଲା ବା ବାକ୍ ଶକ୍ତିରେ ୪୦%ରୁ ଅଧିକ ଅକ୍ଷମ ଥିବା ପିଲା ମେଡିକାଲ ପଢିପାରିବେ। ସେମାନଙ୍କୁ ଡାକ୍ତରୀ ପଢାରୁ କେହି ରୋକି ପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଜଣେ ଛାତ୍ର ମେଡିକାଲ ପାଇବା ପରେ ମଧ୍ୟ ବାକ୍ ଶକ୍ତିରେ ୪୪ରୁ ୪୫ ପ୍ରତିଶତ ଅକ୍ଷମତା କାରଣରୁ ତାଙ୍କୁ ଆଡମିଶନ ପାଇଁ ବାରଣ କରିଥିଲେ କଲେଜ କର୍ତ୍ତୃପକ୍ଷ। ଏନେଇ ସେ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ସର୍ବୋଚ୍ଚ ଅଦାଲତର ଜଷ୍ଟିସ ବିଆର ଗଭାଇ ଏବଂ କେଭି ବିଶ୍ୱନାଥନଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଜି ଏ ଉପରେ ଶୁଣାଣି କରି ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି।



୪୦%ରୁ ଅଧିକ ଅକ୍ଷମତା ଥିବା ପିଲାଙ୍କୁ ମେଡିକାଲ ଆଡମିଶନକୁ ବାରଣ କରିପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ସୁପ୍ରିମକୋର୍ଟ ଆହୁରି କହିଛନ୍ତି ଯେ, ସେମାନଙ୍କ ମେଡିକାଲ କଲେଜରେ ଆଡମିଶନ ପାଇଁ ପ୍ରତିବନ୍ଧକ ରହିବା ଉଚିତ୍ ନୁହେଁ। କେବଳ ଦିବ୍ୟାଙ୍ଗ ମାତ୍ରା ନିର୍ଦ୍ଧାରିତ କରି ପ୍ରାର୍ଥୀଙ୍କୁ ମେଡିକାଲ ପାଠ୍ୟକ୍ରମରୁ ରେକାଯାଇ ପାରିବନାହିଁ। ଏଥିପାଇଁ ପ୍ରାର୍ଥୀଙ୍କୁ ବିଭିନ୍ନ ଦିଗରୁ ଯାଞ୍ଚ କରାଯିବା ଉଚିତ। ଯଦି ଡିଜାବିଲିଟି ଆସେସମେଣ୍ଟ ବୋର୍ଡକୁ ନୀରିକ୍ଷଣ ପରେ ଲାଗେ କି ଏହି ଅକ୍ଷମତା କାରଣରୁ ଜଣେ ପ୍ରାର୍ଥୀ ମେଡିକାଲ ପାଠ୍ୟକ୍ରମ ସମାପ୍ତ କରିବାରେ ଅସମର୍ଥ ହେବେ, ତେବେ ତାଙ୍କୁ ଆଡମିଶନ ପାଇଁ ବାରଣ କରାଯାଇପାରିବ। ନ୍ୟାସନାଲ ମେଡିକାଲ କାଉନସିଲ (ଏନ୍ଏମ୍ସି) ଏ ଉପରେ ସଠିକ୍ ନିଷ୍ପତ୍ତି ନେବ, ଆମେ ଆଶା କରୁଛି ବୋଲି ସୁପ୍ରିମକୋର୍ଟ କହିଛନ୍ତି। ପ୍ରକାଶ ଥାଉକି ଏନ୍ଏମ୍ସି ନିୟମ ଅନୁସାରେ, କଥା କହିବାରେ ୪୦ ପ୍ରତିଶତରୁ ଅଧିକ ଅକ୍ଷମ ଥିଲେ ଛାତ୍ରଛାତ୍ରୀଙ୍କୁ ମେଡିକାଲ ଆଡମିଶନ ଉପରେ ବାରଣ କରାଯାଇଥିଲା।

### ଏସ୍‌ସିଓ ସମିଟ

# ପାକିସ୍ତାନରେ ଜୟଶଙ୍କର



ନୂଆଦିଲ୍ଲୀ, ୧୫।୧୦: ପାକିସ୍ତାନରେ ପହଞ୍ଚିଛନ୍ତି ଭାରତର ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର। ଶାଙ୍ଘାଇ ସହଯୋଗ ସଂଗଠନ ବା ଏସ୍‌ସିଓ ସମ୍ମିଳନୀରେ ସେ ଯୋଗଦେବେ। ଇସଲାମାବାଦର ନୁରଖାନ ଏୟାରପୋର୍ଟରେ ପହଞ୍ଚିବା ପରେ ତାଙ୍କୁ ପାକ୍ ଅଧିକାରୀମାନେ ସ୍ୱାଗତ କରିଥିଲେ। ଦୀର୍ଘ ୯ ବର୍ଷ ପରେ ଏହା ହେବ ଭାରତୀୟ ବୈଦେଶିକ ମନ୍ତ୍ରୀଙ୍କ ପ୍ରଥମ ପାକିସ୍ତାନ ଗସ୍ତ।

ଦୀର୍ଘ ବର୍ଷ ଧରି ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ସମ୍ପର୍କରେ ଲାଗି ରହିଥିବା ଉତ୍ତେଜନା ମଧ୍ୟରେ ଏହା ହେଉଛି ଭାରତର ପ୍ରଥମ ଉଚ୍ଚସ୍ତରୀୟ ପାକିସ୍ତାନ ଗସ୍ତ। ଇସଲାମାବାଦରେ ପହଞ୍ଚିବା ପରେ ଜୟଶଙ୍କର ଏସସିଓ ସଦସ୍ୟ ଦେଶମାନଙ୍କୁ ସ୍ୱାଗତ କରିବା ପାଇଁ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫଙ୍କ ଦ୍ୱାରା ଆୟୋଜିତ ଏକ ସମ୍ବର୍ଦ୍ଧନା ଉତ୍ସବରେ ଯୋଗଦେବେ। ଏଥିସହ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ସହ ସେ ରାତ୍ରୀ ଭୋଜନ କରିବା କାର୍ଯ୍ୟକ୍ରମ ମଧ୍ୟ ରହିଛି। ଗତ କିଛି ବର୍ଷ ଧରି ଦୁଇ ପଡୋଶୀ ଦେଶ ମଧ୍ୟରେ ଚାଲିଥିବା ତିକ୍ତତା ମଧ୍ୟରେ ଭାରତରୁ ପାକିସ୍ତାନକୁ ଏହା ପ୍ରଥମ ଉଚ୍ଚ ସ୍ତରୀୟ ଗସ୍ତ ହେବ।ଜୟଶଙ୍କରଙ୍କ ପାକିସ୍ତାନ ଗସ୍ତ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି। ଜୟଶଙ୍କର ନିକଟରେ କହିଥିଲେ ଯେ, 'ଯେ କୌଣସି ପଡୋଶୀ ଦେଶ ପରି ଭାରତ ମଧ୍ୟ ପାକିସ୍ତାନ ସହ ଭଲ ସମ୍ପର୍କ ରିଖିବାକୁ ଚାହିଁବ। କିନ୍ତୁ, ସୀମା ଆତଙ୍କବାଦକୁ ଅଣଦେଖା କରି ଏହା କରାଯାଇପାରିବ ନାହିଁ।'

ପ୍ରାୟ ନଅ ବର୍ଷ ପରେ ପ୍ରଥମ ଥର ପାଇଁ ଭାରତର ବୈଦେଶିକ ମନ୍ତ୍ରୀ ପାକିସ୍ତାନ ଗସ୍ତ କରିବେ। ଜୟଶଙ୍କର ୨୪ ଘଣ୍ଟାରୁ ବି କମ୍ ସମୟ ପାକିସ୍ତାନରେ ରହିବେ। ଏହାପୂର୍ବରୁ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଭାବେ ସୁଷମା ସ୍ୱରାଜ ଶେଷ ଥର ପାଇଁ ପାକିସ୍ତାନ ଗସ୍ତ କରିଥିଲେ। ୨୦୧୫ ଡିସେମ୍ବରରେ ଆଫଗାନିସ୍ତାନ ସମ୍ପର୍କିତ ଏକ ସମ୍ମିଳନୀରେ ଯୋଗଦେବା ପାଇଁ ସେ ଇସଲାମାବାଦ ଯାଇଥିଲେ।

# ଦଶମ ଓ ଦ୍ୱାଦଶ ବୋର୍ଡ ପରୀକ୍ଷା ପାଇଁ ୭୫% ଉପସ୍ଥାନ ବାଧ୍ୟତାମୂଳକ

ନୂଆଦିଲ୍ଲୀ, ୧୫।୧୦: ସିବିଏସଇ ଦଶମ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ପାଇଁ ୭୫ ପ୍ରତିଶତ ଉପସ୍ଥାନ ବାଧ୍ୟତାମୂଳକ। ୨୦୨୫ ବୋର୍ଡ ପରୀକ୍ଷା ଦେଉଥିବା ଛାତ୍ରଛାତ୍ରୀଙ୍କ ପାଇଁ ଏହି ନିୟମ ଲାଗୁ ହେବ। କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ- ସିବିଏସଇ ଏନେଇ ବିଜ୍ଞପ୍ତି ଜାରି କରିଛି। ବୋର୍ଡ ଗାଇଡଲାଇନ ଅନୁସାରେ, ଛାତ୍ରଛାତ୍ରୀ ବିଦ୍ୟାଳୟରେ ୭୫ ପ୍ରତିଶତ ଉପସ୍ଥାନ ଥିଲେ ହିଁ ପରୀକ୍ଷା ପାଇଁ ଯୋଗ୍ୟ ହେବେ। ସମସ୍ତ ସିବିଏସଇ ଅନୁବନ୍ଧିତ ସ୍କୁଲ ପ୍ରିନ୍ସିପାଲମାନଙ୍କୁ ଏନେଇ ନିର୍ଦ୍ଦେଶନାମା ଜାରି କରାଯାଇଛି। କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ବା ସିବିଏସଇ ଏହାର ସଦ୍ୟ ପ୍ରକାଶିତ ବିଜ୍ଞପ୍ତି ମାଧ୍ୟମରେ ବିଦ୍ୟାଳୟଗୁଡ଼ିକୁ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ଉପରେ ଧ୍ୟାନ ଦେବାକୁ କହିଛନ୍ତି। ଫେବ୍ରୁଆରି ୧୫ରୁ ସିବିଏସ୍ଇ ବୋର୍ଡ ପରୀକ୍ଷା ଆରମ୍ଭ ହେବାକୁ ଯାଉଥିବା ବେଳେ ଯେଉଁମାନେ ଉପସ୍ଥାନ ତଥା ଅନ୍ୟାନ୍ୟ ଦୃଷ୍ଟିରୁ ଯୋଗ୍ୟ ବିବେଚିତ ହେବେ କେବଳ ସେହିମାନଙ୍କ ପାଖକୁ ଆଡମିଟ୍ କାର୍ଡ ପଠାଯିବ। ଏନେଇ ଜାନୁୟାରୀ ୭ ପୂର୍ବରୁ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ଯଦି କୌଣସି ପିଲାଙ୍କର ଉପସ୍ଥାନ କମ୍ ହୋଇଥାଏ, ତେବେ ସେମାନେ ଏହାର ଉପଯୁକ୍ତ କାରଣ ଦସ୍ତାବିଜ ସହ ଜାନୁୟାରି ୭ ପୂର୍ବରୁ କର୍ତ୍ତୃପକ୍ଷଙ୍କୁ ଜଣାଇବେ। ଏହି ସମୟସୀମା ପରେ କୌଣସି ଆବେଦନକୁ ବିଚାରକୁ ନିଆଯିବ ନାହିଁ। ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପାଇଁ ଉଭୟ ଥିଓରୀ ଏବଂ ପ୍ରାକ୍ଟିକାଲ ପରୀକ୍ଷାରେ ପାସ୍ କରିବାକୁ ହେବ। ଉଭୟ ଦଶମ ଓ ଦ୍ୱାଦଶ ଶ୍ରେଣୀରେ ଏହି ନିର୍ଦ୍ଦେଶନାମାର ଦୃଢ଼ କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦେବାକୁ କୁହଯାଇଛି। ଏଥି ସହିତ ଅଭିଭାବକମାନଙ୍କୁ ଏନେଇ ଅବଗତ କରିବା ନେଇ ମଧ୍ୟ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।

# ବିବାହ ମଣ୍ଡପ ଏବଂ ବାରରେ ଚଢ଼ାଉ କରୁଛି ୟୁକ୍ରେନ ସେନା

କିଭ, ୧୫।୧୦: ୟୁକ୍ରେନ ଏବଂ ରୁଷ ଯୁଦ୍ଧକୁ ଅଢ଼େଇ ବର୍ଷ ପୂରିଥିଲେ ବି ଶାନ୍ତିର ବାଟ ବାହାରି ପାରିନି। ଏବେ ମଧ୍ୟ ଦୁଇ ଦେଶ ଆକ୍ରମଣ ଜାରି ରଖିଛନ୍ତି। ମାତ୍ର ଏହି ଯୁଦ୍ଧ ମଧ୍ୟରେ ୟୁକ୍ରେନ ସୈନ୍ୟ ଶତ୍ରୁ ପକ୍ଷଙ୍କ ସହ ଲଢ଼ିବା ପରିବର୍ତ୍ତେ ବାର୍, ରେସ୍ତୋରାଁ, ବିବାହ ମଣ୍ଡପରେ ଚଢ଼ାଉ କରୁଛି। ଏହା ପଛରେ ଏକ ମୁଖ୍ୟ କାରଣ ରହିଛି।

କାରଣ ହେଲା, ସୈନ୍ୟମାନେ ଚାକିରି ଛାଡ଼ି ପ୍ରେମିକାଙ୍କୁ ବିବାହ କରି ସୁଖରେ ସଂସାରେ କରୁଛନ୍ତି। ସେମାନେ ଆଉ ସେନାକୁ ଫେରୁ ନାହାନ୍ତି। ଫଳରେ ଧୀରେ ଧୀରେ ସେନାରେ ସୈନ୍ୟଙ୍କ ସଂଖ୍ୟା ହ୍ରାସ ପାଇଚାଲିଛି। ଲୋକବଳ ବୃଦ୍ଧି କରିବା ପାଇଁ ୟୁକ୍ରେନ ସେନା ବର୍ତ୍ତମାନ ବାର୍, ରେସ୍ତୋରାଁ, ବିବାହ ମଣ୍ଡପ ଏବଂ ବଡ଼ ବଡ଼ ହୋଟେଲରେ ତଦନ୍ତ କରୁଛି। ରାଜଧାନୀ କିଭର କିଛି ପ୍ରସିଦ୍ଧ ରେସ୍ତୋରାଁ, ବାର୍, ନାଇଟକ୍ଲବ୍ ଏବଂ ବିବାହ ମଣ୍ଡପରେ ସେନା ଚଢ଼ାଉ କରିବାର ଦୃଶ୍ୟ ଦେଖିବାକୁ ମିଳୁଛି। ତେବେ ୟୁକ୍ରେନ ସେନାରେ କେତେ ସଂଖ୍ୟାରେ ସୈନ୍ୟ ହ୍ରାସ ପାଇଛନ୍ତି ତାହା ଏହି ଚଢ଼ାଉରୁ ଜଣାପଡୁଛି।



ସେପଟେ ସୈନ୍ୟଙ୍କ ସଂଖ୍ୟା ହ୍ରାସ ପାଇଥିବାରୁ ସରକାର ସେନା ନିଯୁକ୍ତିରେ କେତେକ କଟକଣାକୁ ମଧ୍ୟ କୋହଳ କରିଛନ୍ତି। ଏଥିସହ ପୂର୍ବରୁ ନିଯୁକ୍ତି ପାଇଁ ବୟସ ସୀମା ୨୭ ଥିବାବେଳେ ଏହାକୁ ୨୫ ବର୍ଷକୁ ହ୍ରାସ କରାଯାଇଛି। ସେହିପରି ୧୮ରୁ ୬୦ ବର୍ଷର ପୁଅମାନଙ୍କୁ ଦେଶ ଛାଡ଼ି ଯାଇପାରିବେ ନାହିଁ ବୋଲି ନିର୍ଦ୍ଦେଶ ଦିଆଯାଇଛି। ପ୍ରକାଶ ଥାଉକି, ୨୦୨୨ ଫେବ୍ରୁଆରୀରେ ୟୁକ୍ରେନ ଉପରେ ଆକ୍ରମଣ କରିଥିଲା ରୁଷ। ବର୍ତ୍ତମାନ ସୁଦ୍ଧା ୧୦ ହଜାର ୫୮୨ ଜଣ ନାଗରିକଙ୍କ ମୃତ୍ୟୁ ଘଟି ଥିବାବେଳେ ଅନେକ ଆହତ ହୋଇଛନ୍ତି। ସୈନ୍ୟଙ୍କ ମୃତ୍ୟୁ ସାଙ୍ଗକୁ ଅନ୍ୟ କିଛି ସୈନ୍ୟ ସେନା ଚାକିରି ଛାଡ଼ି ବାହା ହୋଇ ଘର ସଂସାର କରୁଛନ୍ତି। ତେଣୁ ବାଧ୍ୟତାମୂଳକ ଭାବେ ଦେଶର ନାଗରିକଙ୍କୁ ସେନାରେ ଭର୍ତ୍ତି କରାଯାଉଛି। ଯେଉଁମାନେ ସେନା ଛାଡ଼ି ପଳାଇ ଆସୁଛନ୍ତି ସେମାନଙ୍କୁ ଖୋଜିବା ପାଇଁ ବିବାହ ମଣ୍ଡପ, ବାର୍ ଏବଂ କ୍ଲବରେ ଚଢ଼ାଉ କରାଯାଉଛି।

### ଜେଏମ୍ଏମ୍‌ର ଅଭିଯୋଗ

# ନିର୍ବାଚନ କମିଶନ ବିଜେପିର କାଠ କଣ୍ଢେଇ



ରାଞ୍ଚି, ୧୫।୧୦: ଭାରତର ନିର୍ବାଚନ କମିସନର ବିଜେପିର କାଠ କଣ୍ଢେଇ ବୋଲି ଅଭିଯୋଗ କରିଛି ଜେଏମ୍ଏମ୍। ଝାଡ଼ଖଣ୍ଡ ବିଧାନସଭା ଲାଗି ଆଜି ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣା କରାଯାଇଥିଲା ବେଳେ ଏ ସମ୍ପର୍କରେ ବିଜେପି କିପରି ଆଗୁଆ ଜାଣିଲା ବୋଲି ଦଳ ପ୍ରଶ୍ନ କରିଛି। ପୂର୍ବରୁ ବିଜେପି ନେତାମାନେ ନିର୍ବାଚନ ଆୟୋଗ ଆଜି ତାରିଖ ଘୋଷଣା କରିବା କଥା ଜାଣିଥିଲେ ବୋଲି ଜେଏମ୍ଏମ୍ ନେତା ମନୋଜ ପାଣ୍ଡେ ଅଭିଯୋଗ ଆଣିଛନ୍ତି। ଏଥିସହ ସେ ନିର୍ବାଚନ ଆୟୋଗଙ୍କୁ ବିଜେପି ହାତର କାଠ କଣ୍ଢେଇ କହି ଟାର୍ଗେଟ୍ କରିଛନ୍ତି। ଗତକାଲି ବିଜେପିର ଶୀର୍ଷ ନେତୃତ୍ୱ ମହାରାଷ୍ଟ୍ର ଓ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନକୁ ନେଇ ବିଳମ୍ବିତ ରାତି ଯାଏ ବୈଠକ କରିଥିଲେ। ଆଉ ଏହି ବୈଠକରେ ନିର୍ବାଚନ ସଂକ୍ରାନ୍ତୀୟ ରଣନୀତି ପ୍ରସ୍ତୁତି ହୋଇଛି। ଗତକାଲି ସକାଳେ ପ୍ରଥମେ ସୂଚନା ମିଳିଥିଲା ଯେ, ଅପରାହ୍ଣରେ ନିର୍ବାଚାନ କମିଶନର ଏହି ଦୁଇ ରାଜ୍ୟ ପାଇଁ ତାରିଖ ଘୋଷଣା କରିପାରନ୍ତି। କିନ୍ତୁ ବିଜେପିର ବୈଠକ ଶେଷ ହେବା ପରେ ପରେ ନିର୍ବାଚନ କମିଶନର ଆଜି ଅପରାହ୍ଣ ୩ଟା ୩୦ରେ ତାରିଖ ଘୋଷଣା କରିବାକୁ ଯାଉଛନ୍ତି। ବିଜେପିର ବୈଠକ ଓ ନିର୍ବାଚନ କମିଶନରଙ୍କ ତାରିଖ ଘୋଷଣା ସମୟକୁ ନେଇ ଏବେ ପ୍ରଶ୍ନ ଉଠାଇଛି ଝାଡ଼ଖଣ୍ଡର ଶାସକ ଦଳ।

ମନୋଜ ପାଣ୍ଡେ କହିଛନ୍ତି, 'ଆମେ ସବୁବେଳେ ନିର୍ବାଚନ ପାଇଁ ପ୍ରସ୍ତୁତ ଅଛୁ। କିନ୍ତୁ ଆଜି ନିର୍ବାଚନ ଘୋଷଣା ହେବାକୁ ଯାଉଛି ଏବଂ ଗତକାଲି ବିଜେପି ନେତାମାନେ ଏହି ବିଷୟରେ ଜାଣିଥିଲେ। ଏହା ଏକ ଗୁରୁତର ବିଷୟ। ବିଜେପି ନେତାଙ୍କ ଇସାରାରେ ନିର୍ବାଚନ କମିଶନ କାମ କରନ୍ତି କି? ଗତକାଲି ହିମନ୍ତ ବିଶ୍ୱ ଶର୍ମା ଆଜି ନିର୍ବାଚନ ତାରିଖ ଘୋଷଣା ହେବାକୁ ଯାଉଛି ବୋଲି ଏକ ବୟାନରେ କହିଥିଲେ। କୌଣସି କମିଶନଙ୍କୁ ଏହିପରି କାଠକଣ୍ଢେଇ କରି ରଖିବା ଏକ ଗୁରୁତର ବିଷୟ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ରାଜ୍ୟର ସମସ୍ତ ୮୧ଟି ଆସନରେ ହେବ। ଝାଡ଼ଖଣ୍ଡ ବିଧାନସଭାର କାର୍ଯ୍ୟକାଳ ଜନୁଆରୀ ୫ରେ ଶେଷ ହେବ।

### କାନାଡାର ଅଭିଯୋଗ

# ଲରେନ୍ସ ବିଷ୍ଣୋଇ ଭାରତୀୟ ଏଜେଣ୍ଟଙ୍କ ସହ ହାତ ମିଳାଇଛି



ଓଟାୱା, ୧୫।୧୦: ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ସହ ମିଶି କାମ କରୁଛନ୍ତି ଭାରତୀୟ ଏଜେଣ୍ଟ। ଭାରତ କାନାଡାରୁ ନିଜର କୂଟନୀତିଜ୍ଞଙ୍କୁ ଫେରାଇ ଆଣିବା ନିଷ୍ପତ୍ତିର କିଛି ଘଣ୍ଟା ପରେ ଏଭଳି କିଛି ଗୁରୁତର ଅଭିଯୋଗ ଆଣିଛି କାନାଡା ପୁଲିସ। ଭାରତ ସରକାରଙ୍କ ଏଜେଣ୍ଟମାନେ କାନାଡାରେ ଆତଙ୍କ ବିସ୍ତାର କରିବା ପାଇଁ ଲରେନ୍ସ ବିଷ୍ଣୋଇ ସହ ମିଶି କାମ କରୁଥିବା ଆର୍‌ସିଏମ୍‌ପି ତଥା ରୟାଲ କନେଡିୟନ୍ ମାଉଣ୍ଟେଡ୍ ପୁଲିସ ଅଭିଯୋଗ କରିଛି।

ମିଡିଆ ରିପୋର୍ଟ ଅନୁସାରେ ଆର୍‌ସିଏମ୍‌ପିର ଆସିଷ୍ଟାଣ୍ଟ କମିଶନର ବ୍ରିଗିଟ୍ ଗୌବିନ ଅଭିଯୋଗ କରିଛନ୍ତି, 'ଆମେ ଦେଖିଛୁ ଯେ ସଂଗଠନ ଅପରାଧ ତତ୍ତ୍ୱର ବ୍ୟବହାର କରାଯାଉଛି ଏବଂ ଏଥିପାଇଁ ଏକ ବିଶେଷ ଗ୍ୟାଙ୍ଗ ଦାୟୀ। ବିଷ୍ଣୋଇ ଗ୍ୟାଙ୍ଗ ଭାରତର ଏଜେଣ୍ଟମାନଙ୍କ ସହିତ ଜଡିତ ଅଛି।' ସେ ଆହୁରି କହିଛନ୍ତି, ଯେ, ସେପ୍ଟେମ୍ବର ୨୦୨୩ଠାରୁ ବର୍ତ୍ତମାନ ସୁଦ୍ଧା ସେ ୧୩ ଜଣ ଲୋକଙ୍କୁ ତାଙ୍କ ଜୀବନ ପ୍ରତି ବିପଦ ଥିବା ଚେତାବନୀ ଦେଇଛନ୍ତି। ସେ କହିଛନ୍ତି, 'ହତ୍ୟା ମାମଲାରେ ପାଖାପାଖି ୮ ଜଣଙ୍କୁ ଗିରଫ କରାଯାଇଛି। ଏଥିସହ ଅତି କମରେ ୨୨ ଜଣଙ୍କୁ ବଟି ଆଦାୟ ଅଭିଯୋଗରେ ଗିରଫ କରାଯାଇଛି। ଏହି ଲୋକଙ୍କ ମଧ୍ୟରୁ କେତେକଙ୍କର ଭାରତ ସରକାରଙ୍କ ସହ ସମ୍ପର୍କ ରହିଛି।

ଅନ୍ୟପଟେ ଆରସିଏମ୍ପି କମିଶନର ମାଇକ ଦୁହିମ କହିଛନ୍ତି ଯେ ଏହି ସପ୍ତାହରେ ଫେଡେରାଲ ପୁଲିସର ଡେପୁଟି କମିଶନର ମାର୍କ ଫ୍ଲିନି ତାଙ୍କ ଭାରତୀୟ ପ୍ରତିପକ୍ଷଙ୍କ ସହ ସାକ୍ଷାତ କରିବାକୁ ଚେଷ୍ଟା କରିଥିଲେ। ହିଂସାବାଦୀ ଉଗ୍ରବାଦ ଉପରେ ଆଲୋଚନା କରିବା ସହ କାନାଡାରେ ଅପରାଧିକ ଗତିବିଧିରେ ଭାରତ ସରକାରଙ୍କ ଏଜେଣ୍ଟ ସାମିଲ ଥିବା ନେଇ ପ୍ରମାଣ ଉପସ୍ଥାପନ କରିବାକୁ ସେ ଚେଷ୍ଟା କରିଥିଲେ। ତେବେ ତାଙ୍କର ଏହି ପ୍ରୟାସଗୁଡ଼ିକ ବୃଥା ଥିଲା। ତେଣୁ ଡେପୁଟି କମିଶନର ଫ୍ଲିନ୍ ଜାତୀୟ ସୁରକ୍ଷା ଏବଂ ଗୁପ୍ତଚର ପରାମର୍ଶଦାତା ନାଥାଲି ଡ୍ରୁଇନ୍, ବୈଦେଶିକ ବ୍ୟାପାର ମନ୍ତ୍ରୀ ଡେଭିଡ୍ ମୋରିସନ୍ ଏବଂ ଭାରତ ସରକାରଙ୍କ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି।

ସେପଟେ ଭାରତର କାନାଡାର ଏହି ଅଭିଯୋଗକୁ ଖଣ୍ଡନ କରିଛି। ଏହାକୁ ଭିତ୍ତିହୀନ ବୋଲି କହିଛି। ଏଥିସହ ଏହାର ଜବାବରେ କଡ଼ା ପଦକ୍ଷେପ ନେବାକୁ ତା' ପାଖରେ ମଧ୍ୟ ଅଧିକାର ଥିବା ଭାରତ ଚେତାବନୀ ଦେଇଛି।

# ଜେଲରେ ଥାଇ ବି ବିଷ୍ଣୋଇ ଅପରାଧ ଘଟାଉଛି

ମୁମ୍ବାଇ, ୧୫।୧୦: ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ। ଏବେ ସବୁଠି ଚର୍ଚ୍ଚାରେ ରହିଛି ଏହି ନାଁ। ଏହି ନାଁକୁ ନେଇ ଚାରିଆଡେ ଥରହର। ପ୍ରତିଟି ବ୍ୟକ୍ତିଙ୍କ ପାଟିରେ ରହିଛି ଲରେନ୍ସ ବିଷ୍ଣୋଇର ନାଁ। ଲରେନ୍ସ ବିଷ୍ଣୋଇ ଏବେ ଅହମଦାବାଦର ସାବରମତି ଜେଲରେ ଅଛି। ଜେଲ୍‌ରେ ଥିବା ସତ୍ତ୍ୱେ ବି କମୁନି ତା'ର ଆତଙ୍କ।

ନିକଟରେ ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ତଥା ଏନସିପି ନେତା ବାବା ସିଦ୍ଦିକିଙ୍କୁ ହତ୍ୟା କରାଯାଇଛି। ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ଏଥିପାଇଁ ନିଜକୁ ଦାୟୀ କରିଛି। ଜେଲରେ ରହିବା ପରେ ମଧ୍ୟ ତା'ର କେହି କିଛି କରିପାରୁ ନାହାନ୍ତି। ମୁମ୍ବାଇ ପୁଲିସ ଏହି ଗ୍ୟାଙ୍ଗଷ୍ଟାରର କଷ୍ଟଡି ତଥା ହେପାଜତକୁ ନେବାକୁ ଚାହୁଁଛି କିନ୍ତୁ ନେଇ ପାରୁନାହିଁ। କାରଣ ପୁଲିସର ହାତ ବାନ୍ଧି ଦେଇଛି ଗୃହ ମନ୍ତ୍ରଣାଳୟର ନିର୍ଦ୍ଦେଶ। ସୂତ୍ରରୁ ପ୍ରକାଶ ଯେ, ଧାରା ୨୬୮ ଅଧିନରେ ଗୃହ ମନ୍ତ୍ରଣାଳୟ ତରଫରୁ ଏକ ନିର୍ଦ୍ଦେଶ ଜାରି କରାଯାଇଥିଲା। ଯେ କୌଣସି ଏଜେନ୍ସି କିମ୍ବା ରାଜ୍ୟ ପୁଲିସ ଏକ ବର୍ଷ ଧରି ଲରେନ୍ସ ବିଷ୍ଣୋଇକୁ ହେପାଜତକୁ ନେଇ ପାରିବେ ନାହିଁ। ଏନେଇ ୩୦ ଅଗଷ୍ଟ ୨୦୨୩ରେ ପ୍ରଥମ ଆଦେଶ ଦିଆଯାଇଥିଲା। ଏହା ପଛର କାରଣ ଥିଲା ଯେ ତାକୁ ଜେଲକୁ ନେବା ଆଣିବା କରିବା ସମୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡିପାରେ। ଯଦିଓ ଏଜେନ୍ସିମାନେ ଲରେନ୍ସ ବିଷ୍ଣୋଇକୁ ହେପାଜତକୁ ନେଇ ପାରିବେ ନାହିଁ, ସେମାନେ ନିଶ୍ଚିତ ଭାବରେ ତାକୁ ପଚରାଉଚରା କରିପାରିବେ। ତେବେ ଗୃହ ମନ୍ତ୍ରଣାଳୟର ଏହି ଆଦେଶର ସମୟସୀମା ୩୦ ଅଗଷ୍ଟ ୨୦୨୪ ପର୍ଯ୍ୟନ୍ତ ଥିଲା। ସୂଚନାନୁସାରେ, ଏହି ଆଦେଶକୁ ଆଉ ଏକ ବର୍ଷ ପାଇଁ ବୃଦ୍ଧି କରାଯାଇଛି। ତେଣୁ ଏଭଳି ପରିସ୍ଥିତିରେ ବର୍ତ୍ତମାନ ମୁମ୍ବାଇ ପୁଲିସ ଚାହିଁଲେ ବି ଲରେନ୍ସର କଷ୍ଟଡି ନେଇପାରିବ ନାହିଁ। ଲରେନ୍ସ ଭଳି କୁଖ୍ୟାତ ଗ୍ୟାଙ୍ଗଷ୍ଟରକୁ ଦଣ୍ଡ ଦେବା ପାଇଁ ପୁଲିସ ତାକୁ ହେପାଜତକୁ ଆଣି ପଚରାଉଚରା କରିବା ଉଚିତ। ଫଳରେ ପ୍ରତ୍ୟେକ ତଥ୍ୟ ସଂଗ୍ରହ କରାଯାଇପାରିବ। କିନ୍ତୁ ୨୦୨୩ ମସିହାରେ ଦିଆଯାଇଥିବା ଗୃହ ମନ୍ତ୍ରଣାଳୟର ନିର୍ଦ୍ଦେଶ ଯୋଗୁ ମୁମ୍ବାଇ ପୁଲିସର ହାତ ସମ୍ପୂର୍ଣ୍ଣ ଭାବେ ବନ୍ଧା ହୋଇଛି। ତେଣୁ ଲରେନ୍ସର କଷ୍ଟଡି ପାଇଁ ମୁମ୍ବାଇ ପୋଲିସକୁ ଆହୁରି ଅଧିକ ସମୟ ଅପେକ୍ଷା କରିବାକୁ ପଡିପାରେ।



# ସଲମାନଙ୍କୁ ମିଳିଲା 'ୱାଇ ପ୍ଲସ୍' ସିକ୍ୟୁରିଟି



ମୁମ୍ବାଇ,୧୫।୧୦: ବାବା ସିଦ୍ଦିକିଙ୍କ ମୃତ୍ୟୁ ପରେ ବଲିଉଡର ଶ୍ରେଷ୍ଠ ଅଭିନେତା ସଲମାନ ଖାନଙ୍କ ସୁରକ୍ଷା ବୃଦ୍ଧି କରାଯାଇଛି। ମୁମ୍ବାଇ ପୋଲିସ ଏବେ ସଲମାନଙ୍କ ସୁରକ୍ଷା ଉପରେ ନଜର ରଖିବ। ସୂଚନାନୁସାରେ, ସଲମାନ ଖାନଙ୍କୁ 'ୱାଇ-ପ୍ଲସ' ସୁରକ୍ଷା ମିଳିଛି। ବର୍ତ୍ତମାନ ଏହି ସୁରକ୍ଷା ପାଇଁ ଏକ ଯାନ ଯୋଗାଇ ଦିଆଯାଇଛି । ଏହି ଗାଡି ସଲମାନ ଖାନଙ୍କ କାର୍ ସହିତ ଆସିବ। ସଲମାନ ଖାନଙ୍କ ସହ ରହୁଥିବା ସମସ୍ତ କନଷ୍ଟେବଳଙ୍କୁ ସମସ୍ତ ପ୍ରକାର ଅସ୍ତ୍ରଶସ୍ତ୍ର ବ୍ୟବହାରରେ ତାଲିମ ଦିଆଯିବ।

ସଲମାନ ଖାନଙ୍କ ସୁରକ୍ଷା ଏଥିପାଇଁ ବୃଦ୍ଧି କରାଯାଇଛି କାରଣ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍ କହିଛି ଯେ, ସଲମାନ ଖାନଙ୍କ ସହ ସମ୍ପର୍କ ଥିବାରୁ ସେ ବାବା ସିଦ୍ଦିକିଙ୍କୁ ହତ୍ୟା କରାଯାଇଛି। ତେଣୁ ସଲମାନ ଖାନଙ୍କ ଜୀବନ ମଧ୍ୟ ବିପଦରେ ରହିଛି। ଗତ କିଛି ବର୍ଷ ମଧ୍ୟରେ ସଲମାନ ଖାନ ଲରେନ୍ସ ବିଷ୍ଣୋଇଠାରୁ ଅନେକ ଧମକ ପାଇଛନ୍ତି। ମୁମ୍ବାଇ ରାସ୍ତାରେ ଶନିବାର ରାତିରେ ଏନସିପି ନେତା ବାବା ସିଦ୍ଦିକିଙ୍କୁ ହତ୍ୟା କରାଯାଇଥିଲା। ପୋଲିସ ସନ୍ଦେହ କରୁଛି ଯେ ବିଷ୍ଣୋଇ ଗ୍ୟାଙ୍ଗ ବାବା ସିଦ୍ଦିକିଙ୍କୁ ହତ୍ୟା କରିଛି। ଏହି ହତ୍ୟା ପାଇଁ ବିଷ୍ଣୋଇ ଗ୍ୟାଙ୍ଗ ମଧ୍ୟ ଦାୟୀ ବୋଲି ସୋସିଆଲ ମିଡିଆ ମାଧ୍ୟମରେ କହିଛି। ବାବା ସିଦ୍ଦିକି ସଲମାନ ଖାନଙ୍କ ସହ ଅତି ନିକଟତର ଥିବାରୁ ବିଷ୍ଣୋଇ ଗ୍ୟାଙ୍ଗ ସିଦ୍ଦିକିଙ୍କୁ ହତ୍ୟା କରିଥିବା ସନ୍ଦେହ କରାଯାଉଛି। ଅନ୍ୟପକ୍ଷରେ ସଲମାନ ଖାନ ବିଷ୍ଣୋଇ ଗ୍ୟାଙ୍ଗର ଟାର୍ଗେଟରେ ମଧ୍ୟ ରହିଛନ୍ତି। ସଲମାନ କ୍ରମାଗତ ଭାବରେ ବିଷ୍ଣୋଇ ଗ୍ୟାଙ୍ଗଠାରୁ ଧମକ ପାଉଛନ୍ତି ଏବଂ କିଛି ମାସ ପୂର୍ବେ ଏହି ଗ୍ୟାଙ୍ଗ ମୁମ୍ବାଇର ସଲମାନ ଖାନଙ୍କ ଘର ବାହାରେ ଗୁଳି ଚଳାଇଥିଲା ଖବର ଆସିଥିଲା।

### ହକି ଇଣ୍ଡିଆ ଲିଗ୍ ଖେଳାଳି ନିଲାମ

# ହର୍‌ମନପ୍ରୀତ ସବୁଠୁ ଦାମୀ



**ଭୁବନେଶ୍ୱର, ୧୫।୧୦:** ନୂଆଦିଲ୍ଲୀରେ ଅନୁଷ୍ଠିତ ବହୁ ପ୍ରତୀକ୍ଷିତ ହକି ଇଣ୍ଡିଆ ଲିଗ୍ ଖେଳାଳି ନିଲାମରେ ଭାରତୀୟ ଦଳର ଅଧିନାୟକ ହର୍ମନପ୍ରୀତ ସିଂହ ସବୁଠୁ ଦାମୀ ଖେଳାଳି ହୋଇଛନ୍ତି। ତାଙ୍କୁ ସୁରମା ହକି କ୍ଲବ୍ ୭୮ ଲକ୍ଷ ଟଙ୍କାରେ କିଣି ସମସ୍ତଙ୍କୁ ଚକିତ କରି ଦେଇଛି। ସେହିଭଳି ଯୁବ ତାରକା ଅଭିଷେକଙ୍କୁ ଦ୍ୱିତୀୟ ଦାମୀ ଖେଳାଳି ଭାବେ ବେଙ୍ଗଲ ଟାଇଗର୍ସ ୭୨ ଲକ୍ଷ ଟଙ୍କାରେ କିଣିଛି। ଅନ୍ୟମାନଙ୍କ ମଧ୍ୟରେ ହାର୍ଦିକ ସିଂହଙ୍କୁ ୟୁପି ରୁଦ୍ରସ୍ ୭୦ ଲକ୍ଷ, ଯୁଗରାଜ ସିଂହଙ୍କୁ ବେଙ୍ଗଲ ଟାଇଗର୍ସ ୪୮ ଲକ୍ଷ ଏବଂ ଅରାଇଜିତ ସିଂହ ହୁଣ୍ଡାଲ ତଥା ଭାରତୀୟ ଦଳର ପୂର୍ବତନ ଅଧିନାୟକ ମନପ୍ରୀତ ସିଂହଙ୍କୁ ଟିମ୍ ଗୋନାସିକା ୪୨ ଲକ୍ଷ ଟଙ୍କା ଲେଖାଏଁରେ

**ପିଲେଟ୍ ଦାମୀ ବିଦେଶୀ, ଅମିତ ୪୮ ଲକ୍ଷ**

କିଣି ନେଇଛି। ଏହି ଦଳ ମଧ୍ୟ ଭାରତୀୟ କନିଷ୍ଠ ହକି ଦଳର ଅଧିନାୟକ ଅମୀର ଅଲୀଙ୍କୁ ନେବାକୁ ୩୪ ଲକ୍ଷ ଟଙ୍କା ଖର୍ଚ୍ଚ କରିଛି। ଅନ୍ୟପକ୍ଷରେ ଘରୋଇ ରକ୍ଷଣଭାଗ ଖେଳାଳିଙ୍କ ମଧ୍ୟରେ ଓଡ଼ିଆ ତାରକା ଅମିତ ରୋହିଦାସଙ୍କୁ ସର୍ବାଧିକ ୪୮ ଲକ୍ଷ ଟଙ୍କାରେ ନେଇଛି ତାମିଲନାଡୁ ଡ୍ରାଗନ୍ସ। ଭେଟେରାନ୍ ଓଡ଼ିଆ ତାରକା ତଥା ଅଲିମ୍ପିଆନ୍ ବୀରେନ୍ଦ୍ର ଲାକ୍ରାଙ୍କୁ ଟିମ୍ ଗୋନାସିକା କିନ୍ତୁ ମାତ୍ର ୧୦ ଲକ୍ଷ ଟଙ୍କାରେ କିଣିଛି। ଓଡ଼ିଶା ଦଳ କଳିଙ୍ଗ ଲାନସର୍ସ ଦିଲପ୍ରୀତ ସିଂହଙ୍କୁ ୩୪ ଲକ୍ଷ, ଗୋଲ୍ ରକ୍ଷକ କ୍ରିଶନ ବାହାଦୂର ପାଠକଙ୍କୁ ୩୨ ଲକ୍ଷ ଏବଂ ବବି ସିଂହ ଧାମିଙ୍କୁ ୨୦ ଲକ୍ଷ ଟଙ୍କା ଖର୍ଚ୍ଚ କରି ନିଜ ଦଳରେ ସାମିଲ କରିଛି। କଳିଙ୍ଗ ଲାନସର୍ସ ତାର ସବୁଠୁ ଦାମୀ ଖେଳାଳି ଭାବେ ଭାରତୀୟ ରକ୍ଷଣଭାଗ ଖେଳାଳି ସଂଜୟ ଏବଂ ନେଦରଲାଣ୍ଡ୍ସର ଥିଏରି ବ୍ଲିଙ୍କମ୍ୟାନଙ୍କୁ ୩୮ ଲକ୍ଷ ଟଙ୍କାରେ କ୍ରୟ କରିଛି।

ବିଦେଶୀ ଖେଳାଳିଙ୍କ ମଧ୍ୟରେ ଜର୍ମାନୀର ଗୋଞ୍ଜାଲୋ ପିଲେଟ୍‌ଙ୍କୁ ସର୍ବାଧିକ ୬୮ ଲକ୍ଷ ଟଙ୍କାରେ ହାଇଦ୍ରାବାଦ ତୁଫାନ୍ସ ଦଳ କିଣିଛି। ଅନ୍ୟତମ ଦାମୀ ବିଦେଶୀ ଖେଳାଳି ଭାବେ ନେଦରଲାଣ୍ଡ୍ସର ଜିପ ଜାନେସନ୍ ୫୪ ଲକ୍ଷ ଟଙ୍କାରେ ତାମିଲନାଡୁ ଡ୍ରାଗନ୍ସକୁ ବିକ୍ରି ହୋଇଛନ୍ତି। ବେଲଜିୟମ୍‌ର ଭିକ୍ଟର ୱେଗନେଜ୍‌ଙ୍କୁ ସୁରମା ହକି କ୍ଲବ୍ ୪୦ ଲକ୍ଷରେ କିଣିଛି। ଦୁଇ ଦିନିଆ ନିଲାମର ପ୍ରଥମ ଦିନରେ ୫୪ଜଣ ଖେଳାଳି କିଣାବିକା ହୋଇଥିଲେ। ଦ୍ୱିତୀୟ ଦିନରେ ପାଖାପାଖି ୧୪୦ ଖେଳାଳିଙ୍କୁ ବିଭିନ୍ନ ଦଳ କିଣିଛନ୍ତି। ଓଡ଼ିଶା ଖେଳାଳିଙ୍କ ମଧ୍ୟରେ ନୀଲମ ସଞ୍ଜୀପ ଖେସ୍ ୧୭ ଲକ୍ଷ (ଟିମ୍ ଗୋନାସିକା), ଶିଳାନନ୍ଦ ଲାକ୍ରା ୨୧ ଲକ୍ଷ (ହାଇଦ୍ରାବାଦ ତୁଫାନ୍ସ), ଅନମୋଲ ଏକ୍କା ୯.୨ ଲକ୍ଷ (ଟିମ୍ ଗୋନାସିକା), ଦୀପସାନ ତିର୍କି ୬.୬ ଲକ୍ଷ (ଟିମ୍ ଗୋନାସିକା), ଅମନଦୀପ ଲାକ୍ରା ୯ ଲକ୍ଷ (ତାମିଲନାଡୁ ଡ୍ରାଗନ୍ସ), ଆନନ୍ଦ ଲାକ୍ରା ୫ ଲକ୍ଷ (ତାମିଲନାଡୁ ଡ୍ରାଗନ୍ସ), ମୁକେଶ ଟପ୍ପୋ ୫ ଲକ୍ଷ (କଳିଙ୍ଗ ଲାନସର୍ସ), ରୋଶନ ମିଞ୍ଜ ୨ ଲକ୍ଷ (କଳିଙ୍ଗ ଲାନର୍ସ), ସାହିଲ କୁମାର ନାୟକ ୨ ଲକ୍ଷ (କଳିଙ୍ଗ ଲାନସର୍ସ) ଟଙ୍କାରେ ବିକ୍ରି ହୋଇଥିଲେ। ତେବେ ସୁମନ ବେକ୍‌ଙ୍କ ଭଳି ଖେଳାଳି ବିକ୍ରି ନହେବା ଓଡ଼ିଆ ହକିପ୍ରେମୀଙ୍କୁ ନିରାଶ କରିଥିଲା।

ସୂଚନାଯୋଗ୍ୟ ଯେ ୮ ଦଳକୁ ନେଇ ଖେଳାଯିବାକୁ ଥିବା ହକି ଇଣ୍ଡିଆ ପୁରୁଷ ଲିଗ୍‌ରେ ପ୍ରତ୍ୟେକ ଦଳକୁ ୨୪ଜଣ ଖେଳାଳି ରଖିବାର ଅନୁମତି ମିଳିଛି। ସେଥିମଧ୍ୟରୁ ୧୬ଜଣ ଘରୋଇ ଖେଳାଳି ହେବା ଦରକାର। ପୁଣି ସେହି ୧୬ଜଣଙ୍କ ମଧ୍ୟରୁ ଅନ୍ୟୂନ ୪ଜଣ ଭାରତୀୟ କନିଷ୍ଠ ସ୍ତରୀୟ ହକି ଖେଳିଥିବା ବାଧ୍ୟତାମୂଳକ। ଏହାର ନିଲାମ ଲାଗି ୪୦୦ରୁ ଅଧିକ ଭାରତୀୟ ଏବଂ ୧୫୦ ବିଦେଶୀ ଖେଳାଳି ନାମ ପଞ୍ଜୀକରଣ କରିଥିଲେ। ୨୫୦ ଅଣଅନ୍ତର୍ଜାତୀୟ ଖେଳାଳି ମଧ୍ୟ ନିଲାମ ପ୍ରକ୍ରିୟାରେ ସାମିଲ ଥିଲେ। ହକି ଇଣ୍ଡିଆ ଲିଗ୍ ଚଳିତବର୍ଷ ଡିସେମ୍ବର ୨୮ରୁ ଆରମ୍ଭ ହୋଇ ଫେବ୍ରୁଆରି ୧ ତାରିଖରେ ଶେଷ ହେବ। ହକି ଇଣ୍ଡିଆ ଲିଗ୍‌ରେ ଓଡ଼ିଶା ସରକାରଙ୍କ ମାଲିକାନାରେ ଥିବା କଳିଙ୍ଗ ଲାନ୍‌ସର୍ସ ଦଳ ନିଜ ପାଇଁ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିଲା। ଗୋଟିଏ ଋତୁ ବିଳମ୍ବରେ ପଦାର୍ପଣ କରିଥିଲେ ମଧ୍ୟ ଲାନସର୍ସ ୨୦୧୬ରେ ଉପବିଜେତା ହେବା ପରେ ୨୦୧୭ରେ ବିଜେତା ହୋଇ ନିଜ ପ୍ରଶଂସକଙ୍କ ସଂଖ୍ୟାକୁ ବହୁଗୁଣା ବଢ଼ାଇଥିଲା। ଏହା ମଧ୍ୟ ସରକାରୀ ମାଲିକାନାରେ ଥିବା ଦେଶର ପ୍ରଥମ ପେସାଦାର କ୍ରୀଡ଼ା ଦଳ ଥିଲା। ଚଳିତବର୍ଷ ପାଖାପାଖି ୭ବର୍ଷର ବ୍ୟବଧାନ ପରେ ନୂଆ ରୂପ ଓ ରଙ୍ଗରେ ଫେରୁଥିବା ହକି ଇଣ୍ଡିଆ ଲିଗ୍‌ରେ ଓଡ଼ିଶା ଭିତ୍ତିକ କଳିଙ୍ଗ ଲାନସର୍ସ ଦଳର ନାଁ ଥିଲେ ମଧ୍ୟ ମାଲିକାନା ବଦଳି ଯାଇଛି। ଘରୋଇ କଂପାନି ବେଦାନ୍ତ ଏହାକୁ କିଣିଛି। ତେବେ 'ଟିମ୍ ଗୋନାସିକା' ନାଁରେ ଥିବା ବିଶାଖାପାଟଣା ଦଳକୁ ଓଡ଼ିଶାର ପ୍ରତିଷ୍ଠିତ ବ୍ୟବସାୟୀ ତାରିଣୀ ପ୍ରସାଦ ମହାନ୍ତି କିଣି ଓଡ଼ିଶା ହକିପ୍ରେମୀଙ୍କ ଆଶା ଆକାଂକ୍ଷାକୁ ପୂରଣ କରିଛନ୍ତି। ବୈତରଣୀ ନଦୀର ଉତ୍ପତ୍ତିସ୍ଥଳୀ ଭାବେ ପରିଚିତ କେନ୍ଦୁଝରର 'ଗୋନାସିକା' ନାମରେ ନାମିତ ଏହି ଦଳ, ହକି ପ୍ରତି ଓଡ଼ିଶା ତଥା ଓଡ଼ିଆଙ୍କ ଭଲପାଇବାର ଅନ୍ୟତମ ପ୍ରତୀକ ହେବାକୁ ଯାଉଛି। ସୂଚନା ଅନୁସାରେ ଶ୍ରୀ ମହାନ୍ତିଙ୍କର ମାଇନିଂ, ହୋଟେଲ ଏବଂ ଅନ୍ୟାନ୍ୟ ବ୍ୟବସାୟ ଥିଲା ବେଳେ ପ୍ରଥମ ଥର ଲାଗି ସେ ପେସାଦାର କ୍ରୀଡ଼ାର ଏକ ଦଳ କିଣିଛନ୍ତି। ସେ ମଧ୍ୟ ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିର ଉପସଭାପତି ଦାୟିତ୍ୱରେ ରହିସାରିଛନ୍ତି। ଟିମ୍ ଗୋନାସିକା ସହ ମହିଳା ହକି ଇଣ୍ଡିଆ ଲିଗ୍‌ରେ ରାଉରକେଲା ଭିତ୍ତିକ 'ଓଡ଼ିଶା ୱାରିୟର୍ସ' ଦଳ ଖେଳିବାକୁ ଯାଉଛି। ତେବେ ଏହାର ମାଲିକାନା ନୋଏଡାର ନଭୋୟମ ସ୍ପୋର୍ଟସ ଭେଞ୍ଚର ପ୍ରାଇଭେଟ୍ ଲିମିଟେଡ୍ ନାମକ ଏକ କଂପାନି ହାତରେ ଥିବା ଜଣାପଡ଼ିଛି।



### ବର୍ଡର-ଗାଭାସ୍କର ଟ୍ରଫି

## ବିରାଟଙ୍କ ଖେଳକୁ ମୁଁ ଉପଭୋଗ କରେ: ଷ୍ଟାର୍କ

**ନୂଆଦିଲ୍ଲୀ, ୧୫।୧୦:** ଆସନ୍ତା ନଭେମ୍ବର ୨୨ରୁ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ବର୍ଡର-ଗାଭାସ୍କର ଟେଷ୍ଟ ସିରିଜ ଆରମ୍ଭ ହେବ। ଭାରତୀୟ ଟିମ ଏଥିପାଇଁ ଅଷ୍ଟ୍ରେଲିଆ ଗସ୍ତ କରିବ। ଏହି ବର୍ଡର-ଗାଭାସ୍କର ଟ୍ରଫିରେ ରନ ମେସିନ ବିରାଟ କୋହଲି ଓ ଅଷ୍ଟ୍ରେଲିଆର ବାମହାତୀ ଦ୍ରୁତ ବୋଲର ମିଚେଲ ଷ୍ଟାର୍କଙ୍କ ଲଢ଼େଇକୁ ସମସ୍ତେ ଅପେକ୍ଷା କରି ରହିଛନ୍ତି।

ବିରାଟ ଓ ଷ୍ଟାର୍କ ୧୯ଟି ଇନିଂସରେ ମୁହାଁମୁହିଁ ହୋଇଛନ୍ତି ଓ ଟେଷ୍ଟ ଫର୍ମାଟରେ ଭାରତର କିଙ୍ଗ ସବୁବେଳେ ବାମହାତୀ ଦ୍ରୁତ ବୋଲରଙ୍କ ବିରୋଧରେ ନିଜର ଦବଦବା ଦେଖାଇଛନ୍ତି। ଯଦିଓ ହେଡ ଟୁ ହେଡରେ ବିରାଟଙ୍କ ପଲା ଭାରି ରହିଛି, ତଥାପି ଷ୍ଟାର୍କ ସିରିଜ ପୂର୍ବରୁ ବଡ଼ କଥା କହିଛନ୍ତି। ବିରାଟଙ୍କ ସହ ମୈଦାନରେ ହେଉଥିବା ଲଢ଼େଇକୁ ସେ ଉପଭୋଗ କରନ୍ତି ବୋଲି ଷ୍ଟାର୍କ ମତ ରଖିଛନ୍ତି।

### ବିସିସିଆଇର ବଡ଼ ନିଷ୍ପତ୍ତି

## କ୍ରିକେଟରୁ ହଟିଲା ଇମ୍ପାକ୍ଟ ପ୍ଲେୟାର ନିୟମ



**ନୂଆଦିଲ୍ଲୀ, ୧୫।୧୦:** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଇମ୍ପାକ୍ଟ ପ୍ଲେୟାର ନିୟମକୁ ଉଚ୍ଛେଦ କରିବାକୁ ଏକ ଆଶ୍ଚର୍ଯ୍ୟଜନକ ନିଷ୍ପତ୍ତି ନେଇଛି। ଆଗାମୀ ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫିରେ ଇମ୍ପାକ୍ଟ ପ୍ଲେୟର ନିୟମ କୌଣସି ପ୍ରକାରେ ଲାଗୁ ହେବ ନାହିଁ ବୋଲି ସମସ୍ତ ରାଜ୍ୟ କ୍ରିକେଟ ଆସୋସିଏସନକୁ ନୋଟିସ୍ ପଠାଯାଇଛି। କିନ୍ତୁ ଇଣ୍ଡିଆନ୍ ପ୍ରିମିୟର ଲିଗର ପରବର୍ତ୍ତୀ ସଂସ୍କରଣ ଅର୍ଥାତ୍ ଆଇପିଏଲ୍ ୨୦୨୫ରେ ଏହାର ବ୍ୟବହାର ଉପରେ କୌଣସି ପ୍ରତିବନ୍ଧକ ନାହିଁ। ବିସିସିଆଇ ରାଜ୍ୟଗୁଡ଼ିକୁ ପଠାଯାଇଥିବା ନୋଟିସ୍ରେ ଲେଖିଛି, ଦୟାକରି ଧ୍ୟାନ ଦିଅନ୍ତୁ ଯେ ବିସିସିଆଇ ଚଳିତ ଘରୋଇ ସିଜନରୁ ଇମ୍ପାକ୍ଟ ପ୍ଲେୟାର ରୁଲ୍ ହଟାଇବାକୁ ନିଷ୍ପତ୍ତି ନେଇଛି। ଆଇପିଏଲର ଗତ ସିଜନରେ ରୋହିତ ଶର୍ମା ଏବଂ ବିରାଟ କୋହଲିଙ୍କ ଭଳି ଶୀର୍ଷ ଖେଳାଳି ମାନେ ମଧ୍ୟ ଇମ୍ପାକ୍ଟ ପ୍ଲେୟାର ନିୟମକୁ ବିରୋଧ କରିଛନ୍ତି। ସେହିପରି ଗତ ସିଜନରେ ମହମ୍ମଦ ସିରାଜ କହିଥିଲେ, ଏହି ନିୟମ ଲାଗୁ ହେବା ପରେ ଆଇପିଏଲରେ ବୋଲରଙ୍କ ପାଇଁ ଆଉ କିଛି ବାକି ନାହିଁ। ଅଲରାଉଣ୍ଡର ଖେଳାଳିଙ୍କ କ୍ୟାରିୟର ନଷ୍ଟ ହେବାର କାରଣ କୁହାଯାଉଥିବାରୁ ଏହି ନିୟମକୁ ମଧ୍ୟ ସମାଲୋଚନା କରାଯାଇଥିଲା। ଏସବୁ ସତ୍ତ୍ୱେ ଅଧିକାଂଶ ଆଇପିଏଲ୍ ଦଳର ମାଲିକ ଏବଂ ପ୍ରସାରଣକାରୀ କହିଛନ୍ତି ଯେ ଏହି ନିୟମ ଲାଗୁ ହେବା ଦ୍ୱାରା ଟୁର୍ଣ୍ଣାମେଣ୍ଟ ଅଧିକ ରୋମାଞ୍ଚକର ଏବଂ ପ୍ରତିଯୋଗିତାମୂଳକ ହୋଇଛି। ଏବେ ଇମ୍ପାକ୍ଟ ପ୍ଲେୟର ରୁଲକୁ ଭାରତୀୟ ଘରୋଇ କ୍ରିକେଟରୁ ହଟାଇ ଦିଆଯାଇଛି, କିନ୍ତୁ ଆଇପିଏଲ ୨୦୨୫ ପରେ ମଧ୍ୟ ଏହି ନିୟମ ଲିଗ୍ ରେ ଜାରି ରହିବ କି ନାହିଁ ତାହା ଦେଖିବା ଆକର୍ଷଣୀୟ ହେବ। ବର୍ତ୍ତମାନ ଏହା ନିଶ୍ଚିତ ଯେ ଆଇପିଏଲର ପରବର୍ତ୍ତୀ ସିଜନରୁ ଇମ୍ପାକ୍ଟ ପ୍ଲେୟର ନିୟମ କୌଣସି ସ୍ଥାନକୁ ଯିବ ନାହିଁ। ଏହାବ୍ୟତୀତ ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫି ଉପରେ ନଜର ପକାଇଲେ ବିସିସିଆଇ ଘରୋଇ ଟି-୨୦ କ୍ରିକେଟରେ ଗୋଟିଏ ଓଭରରେ ୨ଟି ବାଉନ୍ସର ବଲ୍ ନିୟମକୁ ପୁଣି ଥରେ ଲାଗୁ କରିଛି।



## କୋହଲି ଇତିହାସର ଅନ୍ୟତମ ଶ୍ରେଷ୍ଠ ଖେଳାଳି: ବାବର୍ ଆଜମ୍

**ଇସଲାମବାଦ୍,୧୫।୧୦:** ବାବର ଆଜମଙ୍କୁ ଟେଷ୍ଟ ଦଳରୁ ବାଦ୍ ଦିଆଯିବା ପରେ ପାକିସ୍ତାନ କ୍ରିକେଟରେ ହଇଚଇ ସୃଷ୍ଟି ହୋଇଛି। ନିକଟରେ ଫଖର ଜମାନ ବାବରଙ୍କୁ ବିରାଟଙ୍କ ସହ ତୁଳନା କରିଥିଲେ, କିନ୍ତୁ ବର୍ତ୍ତମାନ ପାକିସ୍ତାନ ଦଳର ପୂର୍ବତନ ଅଧିନାୟକ ବାବର ନିଜେ ବିରାଟ କୋହଲିଙ୍କ ତୁଳନାରେ ଏକ ବଡ ବୟାନ ଦେଇଛନ୍ତି। ଏକ ଗଣମାଧ୍ୟମ ସାକ୍ଷାତକାରରେ ବାବର ଆଜମଙ୍କୁ ପଚରାଯାଇଥିଲା ଯେ, ତାଙ୍କୁ କାହିଁକି ସବୁବେଳେ ବିରାଟ କୋହଲିଙ୍କୁ ନେଇ ପ୍ରଶ୍ନ ପଚରାଯାଏ ଏବଂ କାହିଁକି ତାଙ୍କୁ ବିରାଟଙ୍କ ସହ ତୁଳନା କରାଯାଏ। ଏହାର ଜବାବରେ ବାବର ହସି ହସି ଉତ୍ତର ଦେଇଥିଲେ, ଆମ ଦୁହିଁଙ୍କୁ ତୁଳନା କରିବା ଲୋକଙ୍କ କାମ ହୋଇଗଲାଣି। ମୋ ମନରେ ବିରାଟ କୋହଲି ଇତିହାସର ଅନ୍ୟତମ ଶ୍ରେଷ୍ଠ ଖେଳାଳି, ମୁଁ ମଧ୍ୟ ତାଙ୍କ ଠାରୁ ବହୁତ ପଛରେ ଅଛି ଏବଂ ବହୁତ କିଛି ହାସଲ କରିବାର ଅଛି । ମୁଁ ତାଙ୍କ ଭଳି ମୋ ଦଳ ପାଇଁ ମ୍ୟାଚ୍ ବିଜେତା ହେବାକୁ ଚେଷ୍ଟା କରିବି। ଉଭୟ ବାବର ଆଜମ ଓ ବିରାଟ କୋହଲି ୨୦୨୪ରେ ରନ୍ ପାଇଁ ସଂଘର୍ଷ କରୁଛନ୍ତି। ଗୋଟିଏ ପଟେ ବାବର ଆଜମ ଶେଷ ୧୮ ଟେଷ୍ଟ ଇନିଂସରେ ୫୦ ରନ୍ ଛୁଇଁପାରିନାହାନ୍ତି। ୨୦୨୨ ଡିସେମ୍ବରରେ ନ୍ୟୁଜିଲାଣ୍ଡ ବିପକ୍ଷରେ ତାଙ୍କର ଶେଷ ଟେଷ୍ଟ ଶତକ ଆସିଥିଲା। ଏହି ଖରାପ ସମୟ ମଧ୍ୟରେ ସେ ପାକିସ୍ତାନ ଦିନିକିଆ ଓ ଟି-୨୦ ଦଳର ଅଧିନାୟକପଦ ଛାଡିଛନ୍ତି। ଅନ୍ୟପକ୍ଷରେ ବିରାଟ କୋହଲିଙ୍କ ପାଇଁ ମଧ୍ୟ ୨୦୨୪ ବର୍ଷ ବିଶେଷ ଭଲ ନ ଥିଲା। ୨୦୨୩ ଡିସେମ୍ବରରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଟେଷ୍ଟ ମ୍ୟାଚ୍ ରେ ତାଙ୍କର ଶେଷ ଶତକ ଆସିଥିଲା। ଏହାପରେ ବିରାଟ ୭ଟି ଟେଷ୍ଟ ଇନିଂସ ଖେଳିଛନ୍ତି, ଯେଉଁଥିରେ ସେ ମାତ୍ର ଗୋଟିଏ ଅର୍ଦ୍ଧଶତକ ହାସଲ କରିବାରେ ସକ୍ଷମ ହୋଇଛନ୍ତି। ୨୦୨୪ରେ ବିରାଟ ଟେଷ୍ଟ ମ୍ୟାଚରେ ମାତ୍ର ୧୫୭ ରନ୍ କରିଛନ୍ତି। ଉଭୟ ବାବର ଏବଂ କୋହଲି ବର୍ତ୍ତମାନ ସେମାନଙ୍କ କ୍ୟାରିୟରର ଖରାପ ସମୟ ସହ ସଂଘର୍ଷ କରୁଛନ୍ତି।

### ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦଳ ବୁଡ଼ାଇଲା...

ଦେଖିଲେ। ସିଏ ଏବେ ବିଜେଡି ସଭାପତିଙ୍କର ରାଜନୈତିକ ପରାମର୍ଶଦାତା ସାଜିଛନ୍ତି। ତାଙ୍କୁ ବି ଏହି ଚଉକିରେ ବସାଇବରେ ପୁତୁରାଙ୍କ ହାତ ଥିବା କୁହାଯାଉଛି। ପୁତୁରାଙ୍କର ଆଉଜଣେ ଦାଦା ବି ସମଦଶା ଭୋଗିଛନ୍ତି। ଦାଦା ଜଣଙ୍କ ହେଲେ ପୂର୍ବତନ ଅର୍ଥମନ୍ତ୍ରୀ ତଥା କେନ୍ଦ୍ରାପଡା ବିଧାୟକ ଶଶୀଭୂଷଣ ବେହେରା। କେନ୍ଦ୍ରାପଡାରେ ତାଙ୍କ ନାମରେ କିଛି ଅଭିଯୋଗ ନଥିଲା କି କେହିଁ ଆସି ରାଜଧାନୀରେ ଫେରାଦ ହୋଇନଥିଲେ। ହେଲେ ଶେଷ ମୁହୂର୍ତ୍ତରେ ତାଙ୍କୁ ଟିକଟ ମିଳିଲା ନାହିଁ। ତାଙ୍କୁ ଟିକଟ ନଦେବାପାଇଁ ପୁତୁରା ଆଣ୍ଡ କୋଙ୍କ ପ୍ରରୋଚନାରେ କୁଆଡେ ଦାଦାଙ୍କ ଘରେ ପାରିବାରିକ କଳି ସୃଷ୍ଟି ଓ ମାମଲା ରୁଜୁ ହୋଇଥିବା ଚର୍ଚ୍ଚା ହେଉଛି। ଏ ଚର୍ଚ୍ଚାକୁ ଖୋରାକ ଯୋଗାଇଛି ଦାଦାଙ୍କ ଟିକଟ କଟିବା ଓ ଦାଦାଙ୍କ ପରିବାର ମାମଲାରେ ଛନ୍ଦି ହେବାବେଳେ ପୁତୁରାଙ୍କ ନିରବତା। ତେବେ ଅନ୍ୟମାନେ ବିଷ ଓଗାଳୁଥିବାବେଳେ ଦାଦା ଆଜିଯାଏ ପୁତୁରା କିମ୍ବା ତାଙ୍କ ବିରାଦିରୀଙ୍କ ବିପକ୍ଷରେ ପଦୁଟିଏ ହେଲେ କିଛି କହିନାହାନ୍ତି। ଭର୍ତ୍ତୃହରିଙ୍କ ଭଳି ଆଉଜଣେ ସାଂସଦ ଅନୁଭବ ମହାନ୍ତିଙ୍କୁ ବି ଏମିତି ଅବସ୍ଥା କରାଗଲା ସିଏ ବାଧ୍ୟହୋଇ ଦଳ ଛାଡିଲେ। ଯଦିଓ ସିଏ ନିର୍ବାଚନ ଲଢ଼ିଲେ ନାହିଁ କିନ୍ତୁ ତାଙ୍କ ହାତରେ ଏବେ ବି ଯୁବବର୍ଗର ଭୋଟ ରହିଛି। ଯୁବକ ଯୁବତୀମାନଙ୍କର ସିଏ ଏବେ ବି ପ୍ରଥମ ପସନ୍ଦ। ଅନୁଭବଙ୍କୁ ବିଜେଡିରୁ ଦୂରେଇବା ପଛରେ କାହାର ହାତ ରହିଛି ଓ ତାଙ୍କ ସୁନା ସଂସାର ଭାଙ୍ଗିବା ପଛର ନାୟକ କିଏ ତାହାର ଚର୍ଚ୍ଚା ଏବେ ବି ବିଜେଡିରେ ଥମି ନାହିଁ। ଅମର ଯିବାପରେ ଏବେ ପୁତୁରାଙ୍କ ଆଉଜଣେ ଦାଦା ପ୍ରସନ୍ନ ପାଟ୍ଟଶାଣୀ ବିଷ ଓଗାଳିବାରେ ଲାଗିଛନ୍ତି। ଯଦିଓ ପାଟ୍ଟଶାଣୀଙ୍କ ତୀର ପାଣ୍ଡିଆନଙ୍କ ଆଡେ ଯାଉଛି ତଥାପି ପାଟ୍ଟଶାଣୀଙ୍କୁ ଦଳରେ କୋଣଠେସା କରାଯିବାବେଳେ ପୁତୁରା ବି ନିରବ ରହିଥିଲେ। ତାଙ୍କ ନିରବତାକୁ ନେଇ ଏବେ ପୁଣିଥରେ ଚର୍ଚ୍ଚା ଆରମ୍ଭ ହୋଇଛି। ମାଳ ମାଳ ନେତାଙ୍କୁ ଦାଦା ଡାକି ଲୋକଙ୍କ ଆଗରେ ପାଦ ଛୁଉଁଥିବା ପୁତୁରା ସାଂଗଠନିକ ସମ୍ପାଦକ ପଦରେ ରହି କାହିଁକି ସୁରକ୍ଷା ଦେଇପାରୁ ନାହାନ୍ତି ତାହା ଏବେ ଆଲୋଚନାର ବିଷୟ ପାଲଟିଛି। ପୁତୁରା ସୁରକ୍ଷା ଦେଇପାରୁ ନାହାନ୍ତି ନା ଜାଣିଶୁଣି ଦାଦା ମାନଙ୍କୁ ଦଳରୁ ଯିବାପାଇଁ ବ୍ୟବସ୍ଥା କରୁଛନ୍ତି ସେ ନେଇ ଦଳର ଗୋଟିଏ ଗୋଷ୍ଠି ତର୍ଜମା କରୁଥିବାବେଳେ ଆଉ ଗୋଟିଏ ଗୋଷ୍ଠି ଦାଦାମାନଙ୍କର ହାଲତ ଦେଖି ବେଳ ଥାଉଁ ଥାଉଁ ପୁତୁରାଙ୍କଠାରୁ ଦୂରେଇବାକୁ ସଜବାଜ ହେଲେଣି।

### ଘରେ ସ୍ତ୍ରୀ ପିଲା...

ଥାନା ଛାଡି ଅଧିକାଂଶ ସମୟ ଲଭରଙ୍କ ଚାମ୍ବରେ କଟାଉଥିଲେ। ଏକା ସାଙ୍ଗେ ରେଷ୍ଟୁରାଣ୍ଟ ଯାଉଥିଲେ। ପିଭିଆରରେ ମୁଭି ମଧ୍ୟ ଦେଖୁଥିଲେ। ଅଲ ଡ୍ୟାଟ ଜାଜରୁ ସପିଂ କରୁଥିଲେ। ଦୁହେଁ ଦୁହିଁଙ୍କ ପାଇଁ ବ୍ରାଣ୍ଡେଡ୍ କପଡା କିଣୁଥିଲେ। ସମ୍ପର୍କ ଏତେ ନିବିଡ ହୋଇଯାଇଥିଲା ଯେ କିଛି ଦିନ ତଳେ ଦୁଇ ପରିବାର ଏକାଠି ହୋଇ ରାଜ୍ୟ ବାହାରକୁ ବୁଲିବାକୁ ମଧ୍ୟ ଯାଇଥିଲେ। ଲଭର ବାର୍ଡ ଭଳି ହାତକୁ ହାତ ଧରି ଫଟୋ ଉଠାଇଥିଲେ ଓ ସେସବୁକୁ ସୋସାଆଲ ମିଡିଆରେ ମଧ୍ୟ ଛାଡିଥିଲେ। ହେଲେ କିଛିଦିନ ତଳେ ମ୍ୟାଡାମଙ୍କର ଜିଲ୍ଲା ବାହାରକୁ ବଦଳି ହେଇଯାଇଛି। ଯେଉଁଥିପାଇଁ କୁଆଡେ ଦୁହିଁଙ୍କ ମନ ଭାରି ଖରାପ। ସେପଟେ ଦୁଇ ଆଇଆଇସିଙ୍କ ପରକୀୟା ବିଷୟରେ ପରିବାର ଜାଣିବା ପରେ କିଛି ଦିନ ହେଲା ଖଣ୍ଡ ପ୍ରଳୟ ହୋଇଛି। ଯଦି ଆଗକୁ ଏଭଳି ପର ଭାଡ଼ିରେ ପସିବେ, ତେବେ ରାଜେଶ ପଣ୍ଡିତଙ୍କ ଅବସ୍ଥା ଭୋଗିବାକୁ ପଡିପାରେ ବୋଲି ପୋଲିସ ବିଭାଗ ଉପର ମହଲରୁ ମଧ୍ୟ ଚେତାଇ ଦିଆଯାଇଛି। ଗୋଟିଏ ପଟେ ଗଡ୍ ଫାଦରଙ୍କ ବଦଳି ହେବା, ଅନ୍ୟପଟେ ବିଭିନ୍ନ କାରଣରୁ ପ୍ରେମରେ ବାଧା ସୃଷ୍ଟି ହେବା ଘଟଣାକୁ ସହଜରେ ହଜମ କରିପାରିନାହାନ୍ତି ଆଇଆଇସି ଜଣକ।

### ଅମର ବଡ...

ଯୋଗ୍ୟତା ହେଉଛି ସିଏ ପୂର୍ବତନ ସାଂସଦ ଅନୁଭବ ମହାନ୍ତିଙ୍କର ପୂର୍ବତନ ପତ୍ନୀ। ଅନୁଭବଙ୍କ ସହିତ ଦୀର୍ଘ ମାମଲା ପରେ ଦୁଇଜଣଙ୍କ ମଧ୍ୟରେ ଛାଡପତ୍ର ହୋଇ ସାରିଛି। ବର୍ଷା-ଅନୁଭବଙ୍କ ପାରିବାରିକ କାଣ୍ଡକୁ ସାରା ଓଡିଶା ଦେଖିଛି ଓ ଅନେକ ଏହାକୁ ପସନ୍ଦ ବି କରିନାହାନ୍ତି। ଏଭଳି ଜଣେ ଅଭିନେତ୍ରୀଙ୍କୁ ବିଜେଡିର କେଉଁ ମାମଲତକାରମାନେ ନେଇ ଯାଜପୁର ଜିଲ୍ଲାରେ ପ୍ରାର୍ଥୀକଲେ ତାହାର ରହସ୍ୟ ଏବେ ବି ଅନେକ ଭେଦିପାରୁ ନାହାନ୍ତି। ବର୍ଷାଙ୍କ ଆର୍ବିଭାବ ଓ ଅମରଙ୍କ ନିରବତାର ପ୍ରଭାବ କିଭଳି ଯାଜପୁର ଜିଲ୍ଲାରେ ପଡିଲା ତାହା ରାଜ୍ୟବାସୀ ଦେଖିଛନ୍ତି। ବିଜେଡିରେ ଏଭଳି ବର୍ଷା ରାଜନୀତିର ପ୍ରଭାବ ବି ସମଗ୍ର ଉପକୂଳ ଜିଲ୍ଲାରେ ପଡିଥିବା କୁହାଯାଉଛି। ଖୋଦ ବିଜେଡିର ଗୋଟିଏ ଗୋଷ୍ଠି ବର୍ଷାଙ୍କ ପ୍ରାର୍ଥୀ ହେବାକୁ ସହଜରେ ହଜମ କରିପାରୁନଥିଲେ ବି ଭୟରେ ତୁଣ୍ଡ ଖୋଲୁନଥିଲେ। ଏବେ କିନ୍ତୁ କଇଁଛ ବେକ କାଢିବା ଭଳି ଆଗକୁ ଆସି ଆଲୋଚନା ଆରମ୍ଭ କରିଛନ୍ତି। ତେବେ ଆଲୋଚନାର ବିଷୟବସ୍ତୁ ହେଉଛି ଅମର ବଡ ନା ବର୍ଷା ବଡ। ଯାହାଙ୍କୁ ପ୍ରାର୍ଥୀ କରି ଦଳ ଯାଜପୁର ସମେତ ସମଗ୍ର ଉପକୂଳରେ ଲୋକହସା ହେଲା ତାଙ୍କୁ ପୁଣିଥରେ ଯାଜପୁରରେ ବିଜେଡି କାର୍ଯ୍ୟକ୍ରମରେ ସାମିଲ କରିବା ଏବେ ବର୍ଷାଙ୍କ ରାଜନୈତିକ ଉଚ୍ଚତା ମାପିବାକୁ ଖୋରାକ ଯୋଗାଇଥିବାବେଳେ ବିଜେଡିର ପ୍ରତିଷ୍ଠାତା ସଦସ୍ୟ ଅମର କିନ୍ତୁ ବଡଚଣା ରାଜନୀତିରେ ଏବେ ବି ଅଚଳ ମହାମେରୁ ବୋଲି ତାଙ୍କ ସମର୍ଥକମାନେ କହୁଛନ୍ତି।

### ୪ ଜଣଙ୍କ...

ପୁଅଝିଅଙ୍କୁ ହରାଇ ଭାଙ୍ଗି ପଡ଼ିଛନ୍ତି। ସେହିପରି କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ଅନ୍ତର୍ଗତ ବିଲାଟ ଗାଁରେ ଅଘଟଣ। ଦୁଇ ସାଙ୍ଗ ନଦୀକୁ ଗାଧୋଇବାକୁ ଯାଇ ନଦୀରେ ବୁଡି ମୃତ୍ୟୁ ଘଟିଥିବା ଜଣାପଡିଛି। ବିଲାଟ ଗାଁର ନେହା ଦୁର୍ଗା (୧୭) ଓ ରିଙ୍କି ହରିଜନ (୧୫) ଗାଁ ନିକଟସ୍ଥ ସାନ୍ଦୁଲ ନଦୀକୁ ଗାଧୋଇକୁ ଯାଇ ବୁଡ଼ି ଯାଇଥିଲେ । ପାଖରେ ଥିବା ଗାଁ ଲୋକ ତାଙ୍କ ପରିବାରକୁ ଖବର ଦେଇଥିଲେ। ପରେ ଦମକଳ କେନ୍ଦ୍ରକୁ ଖବର ଦିଆଯାଇଥିଲା । ଘଟଣା ସ୍ଥଳରେ ଅଗ୍ନିଶମ ବିଭାଗ ପହଞ୍ଚି ଦୁଇ ଜଣଙ୍କ ମୃତ ଶରୀର ଉଦ୍ଧାର କରିଥିଲେ। ପରେ ନର୍ଲା ପୁଲିସ ମୃତ ଶରୀରକୁ ଜବତ କରି ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତରିତ କରିଥିଲେ । ଦୁଇ ସାଙ୍ଗଙ୍କ ମୃତ୍ୟୁ ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ୱାୟନାଡ଼ରୁ ଲଢ଼ିବେ...

ରାଜୀବ କୁମାରଙ୍କ ଘୋଷଣା ଅନୁଯାୟୀ, ୱାୟନାଡ ଲୋକସଭା ଆସନରେ ଉପନିର୍ବାଚନ ନଭେମ୍ବର ୧୩ରେ ଅନୁଷ୍ଠିତ ହେବ। ଏଥିପାଇଁ ଗ୍ୟାଜେଟ ନୋଟିଫିକେସନ ୧୮ ଅକ୍ଟୋବରରେ ପ୍ରକାଶ ପାଇବ। ନାମାଙ୍କନ ଶେଷ ତାରିଖ ଅକ୍ଟୋବର ୨୫ ରହିଥିବା ବେଳେ ପ୍ରତ୍ୟାହାର ପାଇଁ ଅକ୍ଟୋବର ୩୦କୁ ଧାର୍ଯ୍ୟ କରାଯାଇଛି। ନଭେମ୍ବର ୨୩ରେ ଭୋଟ ଗଣତି ସହ ଫଳାଫଳ ପ୍ରକାଶ ପାଇବ। ଏହାବାଦ ୪୮ ବିଧାନସଭା ଆସନରେ ମଧ୍ୟ ଉପ ନିର୍ବାଚନ ନଭେମ୍ବର ୧୩ରେ ଅନୁଷ୍ଠିତ ହେବ। ନାନ୍ଦେଦ ଲୋକସଭା ଓ ଉତ୍ତରାଖଣ୍ଡର ଗୋଟିଏ ବିଧାନସଭା ଆସନରେ ନଭେମ୍ବର ୨୦ରେ ଭୋଟଗ୍ରହଣ କରାଯିବ। ଏହି ଆସନରେ ନଭେମ୍ବର ୨୩ରେ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ।

### ମହାରାଷ୍ଟ୍ର ଓ ଝାଡ଼ଖଣ୍ଡ...

ସେହିଦିନ ସନ୍ଧ୍ୟାସୁଦ୍ଧା ସମସ୍ତ ଆସନର ଫଳାଫଳ ପ୍ରକାଶ ପାଇବ ବୋଲି ଆଶା କରାଯାଉଛି। ନଭେମ୍ବର ୨୫ ସୁଦ୍ଧା ପୁରା ନିର୍ବାଚନ ପ୍ରକ୍ରିୟା ଶେଷ ହେବ। ଅନ୍ୟପକ୍ଷରେ ୮୨ ଆସନ ବିଶିଷ୍ଟ ଝାଡ଼ଖଣ୍ଡ ବିଧାନସଭା ଲାଗି ଦୁଇଟି ପର୍ଯ୍ୟାୟରେ ନଭେମ୍ବର ୧୩ ଓ ୨୦ରେ ଭୋଟ ଗ୍ରହଣ କରାଯିବ। ଝାଡ଼ଖଣ୍ଡ ଏକ ମାଓ ଉପଦ୍ରୁତ ରାଜ୍ୟ ହୋଇଥିବାରୁ ସେଠାରୁ ସୁରକ୍ଷା ଦୃଷ୍ଟି କୋଣରୁ ଦୁଇଟି ପର୍ଯ୍ୟାୟରେ ଭୋଟ ଗ୍ରହଣ କରାଯିବ। ନଭେମ୍ବର ୨୩ରେ ମହାରାଷ୍ଟ୍ର ସହିତ ଝାଡ଼ଖଣ୍ଡର ଭୋଟ ଗଣତି କରାଯିବ। ଗତ ନିର୍ବାଚନରେ ଝାଡ଼ଖଣ୍ଡରେ ଜେଏମଏମ ନେତୃତ୍ୱାଧିନ ମେଣ୍ଟ ୪୭ ଆସନରେ ବିଜୟୀ ହୋଇ ଶାସନ କ୍ଷମତାକୁ ଆସିଥିଲା। ଜେଏମଏମ ସହିତ କଂଗ୍ରେସ ଓ ଆରଜେଡି ମଧ୍ୟ ମେଣ୍ଟରେ ରହିଛନ୍ତି। ଏଥର ବି ଏହି ମେଣ୍ଟ ସହିତ ବିଜେପି-ଜେଡିୟୁ ମେଣ୍ଟ ମଧ୍ୟରେ ମୁକାବିଲା ହେଉଛି। ଗତ ଥର ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ବିଜେପି-ଶିବସେନା ମେଣ୍ଟ ସଂଖ୍ୟା ଗରିଷ୍ଠତା ହାସଲ କରିଥିଲେ ମଧ୍ୟ ନେତୃତ୍ୱ ବିବାଦକୁ ନେଇ ଶିବସେନା ମେଣ୍ଟରୁ ଓହରିଯାଇ ଏନସିପି ଓ କଂଗ୍ରେସ ସହ ହାତ ମିଳାଇ ସରକାର ଗଠନ କରିଥିଲା। ଉଦ୍ଧବ ଠାକରେ ହୋଇଥିଲେ ମୁଖ୍ୟମନ୍ତ୍ରୀ। ବିଧାନସଭାରେ ବିଜେପି ସର୍ବାଧିକ ଆସନ ପାଇ ବିରୋଧୀ ଦଳ ଆସନରେ ବସିଥିଲା। ପରେ ଶିବସେନା ବିଧାୟକ ଦଳରେ ବିଭାଜନ ହେବା ଫଳରେ ଉଦ୍ଧବ ଠାକରେ ସରକାର ଭାଙ୍ଗି ଯାଇଥିଲା। ବିଭାଜିତ ଶିବସେନା ବିଧାୟକ ଦଳର ନେତା ଏକନାଥ ସିନ୍ଦେ ହୋଇଥିଲେ ମୁଖ୍ୟମନ୍ତ୍ରୀ। ପରେ ଶରଦ ପାୱାରଙ୍କ ନେତୃତ୍ୱାଧିନ ଏନ୍‌ସିପିରେ ମଧ୍ୟ ବିଭାଜନ ହୋଇଥିଲା ଏବଂ ଅଜିତ ପାୱାରଙ୍କ ନେତୃତ୍ୱରେ ଏନସିପିର ବିଭାଜିତ ଗୋଷ୍ଠୀ ସିନ୍ଦେ ସରକାରରେ ସାମିଲ ହୋଇଥିଲେ। ଏବେ ବି ଏହି ସରକାର ଚାଲିଛି। ଗତ ଲୋକସଭା ନିର୍ବାଚନରେ ଏହି ମେଣ୍ଟ ଏକାଠି ଲଢ଼ିଥିଲେ ମଧ୍ୟ ବିଶେଷ ସଫଳତା ପାଇନଥିଲା। ଏଥର ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ବିଜେପି-ଶିବସେନା (ସିନ୍ଦେ)-ଏନସିପି (ଅଜିତ) ମେଣ୍ଟ ସହିତ କଂଗ୍ରେସ-ଏନସିପି ( ଶରଦ)-ଶିବସେନା (ଠାକରେ)ମେଣ୍ଟର ମୁକାବିଲା ହେବ। ଏହି ନିର୍ବାଚନରେ ବିଜେପି ହରିୟାନା ସିଫଳତାକୁ ଦୋହରାଇବାକୁ ଲକ୍ଷ୍ୟ ରଖିଛି। କିନ୍ତୁ ମହାରାଷ୍ଟ୍ରରେ ଶରଦ ପାୱାର ଏକ ବଡ଼ ଫ୍ୟାକ୍ଟର। ଶରଦ ପାୱାରଙ୍କ ଗୋଟିଚାଳନା ଉପରେ ମହାଅଘାଡ଼ିର ସଫଳତା ଅନେକାଂଶରେ ନିର୍ଭରଶୀଳ। ଅନ୍ୟ ପକ୍ଷରେ ମହାରାଷ୍ଟ୍ରରେ ଏଥର ମୁଖ୍ୟମନ୍ତ୍ରୀ ପଦ ଅକ୍ତିଆର କରିବାକୁ ଲକ୍ଷ୍ୟ ରଖିଥିବା ବିଜେପି ମୋଦିଙ୍କ ଉପରେ ଅନେକାଂଶରେ ନିର୍ଭରଶୀଳ। ଉଲ୍ଲେଖଯୋଗ୍ୟ, ମହାରାଷ୍ଟ୍ର ବିଧାନସଭାର କାର୍ଯ୍ୟକାଳ ନଭେମ୍ବର ୨୬ ଓ ଝାଡ଼ଖଣ୍ଡ ବିଧାନସଭାର କାର୍ଯ୍ୟକାଳ ୨୦୨୫ ଜାନୁଆରୀ ୫ରେ ଶେଷ ହେବ। ମୁଖ୍ୟ ନିର୍ବାଚନ କମିଶନର ତାରିଖ ଘୋଷଣା ବେଳେ ହରିୟାଣା ଏବଂ ଜାମ୍ମୁ କାଶ୍ମୀର ମତଦାତାଙ୍କୁ ନିର୍ବାଚନରେ ସଶକ୍ତ ପ୍ରଦର୍ଶନ ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି ଯେ ଜାମ୍ମୁ କାଶ୍ମୀର ଜନତା ଗଣତନ୍ତ୍ରର ଉତ୍ସବକୁ ଐତିହାସିକ କରିଛନ୍ତି।

### ସୀମା ଜଗିବେ...

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଧାନର କଟନୀ-ଛଟଣି ବନ୍ଦ କରିବା ପାଇଁ ଚାଷୀମାନେ ଯେପରି କେବଳ ଏଫ୍ଏକ୍ୟୁ ମାନର ଧାନ ମଣ୍ଡିକୁ ଆଣିବେ, ସେଥିପାଇଁ ବ୍ୟାପକ ସଚେତନତା ଅଭିଯାନ କରିବା ଆବଶ୍ୟକ। ବିଶେଷକରି ଚାଷୀମାନଙ୍କ ହ୍ୱାଟ୍‌ସଆପ୍ ଗ୍ରୁପରେ ସେମାନଙ୍କୁ ବାରମ୍ବାର ଏ ସଂପର୍କରେ ସୂଚନା ଦେବାକୁ ସେ ପରାମର୍ଶ ଦେଇଥିଲେ। ଏଫ୍ଏକ୍ୟୁ ଧାନ ପରୀକ୍ଷାରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ରକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଧାନର ମାନ ନିର୍ଣ୍ଣୟରେ ମଣ୍ଡି ପରିଚାଳନା ଅଧିକାରୀମାନଙ୍କୁ ଉତ୍ତରଦାୟୀ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକର ନିଷ୍ପତ୍ତି ଅନୁଯାୟୀ, ମଣ୍ଡି ପରିଚାଳନା ପାଇଁ ପ୍ରତ୍ୟେକ ମଣ୍ଡିରେ ଜଣେ ଜଣେ ମଣ୍ଡି ପରିଚାଳନା ଅଧିକାରୀ ରହିବେ ଏବଂ ପ୍ରତ୍ୟେକ ଚାରି, ପାଞ୍ଚଟି ମଣ୍ଡିକୁ ନେଇ ଜଣେ ସୁପରଭାଇଜର ରହିବେ। ଏହା ସହିତ ଗୋଟିଏ କେନ୍ଦ୍ରିୟ ଡ୍ୟାସ ବୋର୍ଡ ଜରିଆରେ ମଣ୍ଡିରେ ହେଉଥିବା ସବୁ କାର୍ଯ୍ୟକ୍ରମର ମନିଟରିଂ କରାଯିବ। କ୍ୱାଲିଟି କାଉନସିଲ୍ ଅଫ ଇଣ୍ଡିଆ ସହାୟତାରେ ଧାନ ସଂଗ୍ରହ ବ୍ୟବସ୍ଥାର ତଦାରଖ କରାଯିବ। ଆଲୋଚନାରୁ ଜଣା ଯାଇଥିଲା ଯେ ଓଡିଶାରେ ଧାନ ମୂଲ୍ୟ ବୃଦ୍ଧି ପାଇଥିବାରୁ ବାହାର ରାଜ୍ୟରୁ ଓଡିଶାକୁ ଧାନ ଆସିବାର ସମ୍ଭାବନା ବୃଦ୍ଧି ପାଇଛି। ତେଣୁ ଜିଲ୍ଲାପାଳମାନେ ସବୁ ସୀମାବର୍ତ୍ତୀ ଅଞ୍ଚଳରେ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ନିୟୋଜନ ପାଇଁ ବ୍ୟବସ୍ଥା କରିଛନ୍ତି। ସିସିଟିଭି କିମ୍ବା ସ୍ମାର୍ଟ କ୍ୟାମେରା ମାଧ୍ୟମରେ ସୀମାବର୍ତ୍ତୀ ରାଜ୍ୟ ସହ ଯୋଡୁଥିବା ମୁଖ୍ୟରାସ୍ତା ଗୁଡିକର ୨୪ ଘଣ୍ଟିଆ ମନିଟରିଂ କରାଯିବ। ମାନ ନିର୍ଣ୍ଣୟ କରିବା ପାଇଁ ୨୦୦ ବୃହତ ମଣ୍ଡିରେ ସ୍ୱୟଂଚାଳିତ ଶସ୍ୟ ବିଶ୍ଳେଷକର ବ୍ୟବସ୍ଥା କରାଯାଇଥିବା ବେଳେ ଛୋଟ ମଣ୍ଡିରେ ମାନୁଆଲ ଶସ୍ୟ ବିଶ୍ଳେଷକ ବ୍ୟବସ୍ଥା ମଧ୍ୟ କରାଯିବ। ଧାନର ପରୀକ୍ଷା ନିରୀକ୍ଷା କରି ପ୍ରମାଣପତ୍ର ଦେବା ପାଇଁ ପ୍ରତ୍ୟେକ ଧାନ ସଂଗ୍ରହ କେନ୍ଦ୍ରରେ କ୍ୱାଲିଟି ଆନାଲିଷ୍ଟ ଓ କ୍ୱାଲିଟି ସୁପରଭାଇଜର୍ ନିୟୋଜିତ ହେବେ। ବୈଠକରେ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ଆଇନ, ଅବକାରୀ ଏବଂ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଏହା ସହିତ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ପୋଲିସ୍ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ ଏବଂ କୃଷି, ସମବାୟ, ଖାଦ୍ୟ ଯୋଗାଣ, ପରିବହନ ଓ ଅନ୍ୟ ବିଭାଗର ପ୍ରମୁଖ ସଚିବମାନେ ଉପସ୍ଥିତ ଥିଲେ। ବୈଠକରେ ସବୁ ଜିଲ୍ଲାର ଜିଲ୍ଲାପାଳମାନେ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ।

# ସେପ୍ଟେମ୍ବରରେ ଖୁଚୁରା ମୁଦ୍ରାସ୍ଫୀତି ୫.୪୯%



ଭୁବନେଶ୍ୱର,୧୫।୧୦: ପନିପରିବା ମୂଲ୍ୟରେ ବ୍ୟାପକ ବୃଦ୍ଧି ହେତୁ ଖୁଚୁରା ମୁଦ୍ରାସ୍ଫୀତି ହାରରେ ତୀବ୍ର ବୃଦ୍ଧି ଘଟିଛି। ଗତ ୯ମାସ ମଧ୍ୟରେ ସର୍ବୋଚ୍ଚ ସ୍ତରରେ ଖୁଚୁରା ମୁଦ୍ରାସ୍ଫୀତି ହାର ପହଞ୍ଚିଛି। ୨୦୨୪ ସେପ୍ଟେମ୍ବର ପାଇଁ ପ୍ରକାଶିତ ଗ୍ରାହକ ମୂଲ୍ୟ ସୂଚକାଙ୍କ (ସିପିଆଇ ଇଣ୍ଡେକ୍ସ) ଅନୁଯାୟୀ, ସେପ୍ଟେମ୍ବରରେ ଖୁଚୁରା ମୁଦ୍ରାସ୍ଫୀତି ହାର ୫% ଅତିକ୍ରମକରି ୫.୪୯%ରେ ପହଞ୍ଚିଛି। ତେବେ ଅଗଷ୍ଟରେ ଖୁଚୁରା ମୁଦ୍ରାସ୍ଫୀତି ହାର ୩.୬୫% ଥିବାବେଳେ ଜୁଲାଇରେ ୩.୫୪ ପ୍ରତିଶତ ଥିଲା। ଏହି କ୍ରମରେ ଖୁଚୁରା ମୁଦ୍ରାସ୍ଫୀତି ଆର୍‌ବିଆଇର ଟଲରାନ୍ସ ବ୍ୟାଣ୍ଡକୁ ୪% ଅତିକ୍ରମ କରିଛି। ପରିସଂଖ୍ୟାନ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ଖୁଚୁରା ମୁଦ୍ରାସ୍ଫୀତି ତଥ୍ୟ ଅନୁସାରେ ଗ୍ରାମାଞ୍ଚଳରେ ଖୁଚୁରା ମୁଦ୍ରାସ୍ଫୀତି ହାର ୫.୮୭% ଏବଂ ସହରାଞ୍ଚଳରେ ଏହା ୫.୦୫% ରହିଛି। ମନ୍ତ୍ରଣାଳୟ କହିଛି, ହାଇ ବେସ୍ ଇଫେକ୍ଟ ଏବଂ ପାଗ ଯୋଗୁ ଏହା ଘଟିଛି। ସେପ୍ଟେମ୍ବରରେ ଖାଦ୍ୟ ମୁଦ୍ରାସ୍ଫୀତି ହାରରେ ମଧ୍ୟ ବହୁତ ବୃଦ୍ଧି ଘଟି ଏହା ୯.୨୪ ପ୍ରତିଶତରେ ପହଞ୍ଚିଛି। ଗ୍ରାମାଞ୍ଚଳରେ ଖାଦ୍ୟ ମୁଦ୍ରାସ୍ଫୀତି ହାର ୯.୦୮ ପ୍ରତିଶତ ଏବଂ ସହରାଞ୍ଚଳରେ ଏହା ୯.୫୬ ପ୍ରତିଶତ ରହିଛି। ଅଗଷ୍ଟରେ ଖାଦ୍ୟ ମୁଦ୍ରାସ୍ଫୀତି ହାର ୫.୬୬% ଥିଲା। ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ ପାଇଥିବା ହୋଲ୍‌ସେଲ ମୁଦ୍ରାସ୍ଫୀତି ତଥ୍ୟ ଅନୁଯାୟୀ ହୋଲ୍‌ସେଲ ମୁଦ୍ରାସ୍ଫୀତି ହାରରେ ବୃଦ୍ଧି ଘଟିଛି। ପରିସଂଖ୍ୟାନ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ଖୁଚୁରା ମୁଦ୍ରାସ୍ଫୀତି ତଥ୍ୟ ଅନୁଯାୟୀ ସେପ୍ଟେମ୍ବରରେ ପନିପରିବା ମୁଦ୍ରାସ୍ଫୀତି ହାରରେ ବହୁ ବୃଦ୍ଧି ଘଟିଛି। ଅଗଷ୍ଟରେ ପନିପରିବାର ମୁଦ୍ରାସ୍ଫୀତି ହାର ୧୦.୭୧% ଥିଲା। ଏହା ସେପ୍ଟେମ୍ବରରେ ୩୫.୯୯% ରହିଛି। କ୍ଷୀର ଏବଂ ଏହାର ଆନୁଷଙ୍ଗିକ ଦ୍ରବ୍ୟର ମୁଦ୍ରାସ୍ଫୀତି ହାର ମଧ୍ୟ ବୃଦ୍ଧି ପାଇଛି ଏବଂ ଅଗଷ୍ଟରେ ଏହା ୨.୯୮% ଥିବାବେଳେ ସେପ୍ଟେମ୍ବରରେ ୩.୦୩% ରହିଛି। ଡାଲିର ମୁଦ୍ରାସ୍ଫୀତି ହ୍ରାସ ପାଇଛି ଏବଂ ଅଗଷ୍ଟରେ ୧୩.୬୦% ତୁଳନାରେ ଏହା ୯.୮୧%କୁ ଖସି ଆସିଛି। ଶସ୍ୟ ଏବଂ ଆନୁଷଙ୍ଗିକ ଦ୍ରବ୍ୟର ମୁଦ୍ରାସ୍ଫୀତି ହାର ମଧ୍ୟ ହ୍ରାସ ପାଇଛି ଏବଂ ସେପ୍ଟେମ୍ବରରେ ୬.୮୪% ରହିଛି ଯାହା ଅଗଷ୍ଟରେ ୭.୩୧% ଥିଲା। ଚିନିର ମୁଦ୍ରାସ୍ଫୀତି ହାର ୩.୪୬%କୁ ହ୍ରାସ ପାଇଛି । ସେହିପରି ଅଣ୍ଡାର ମୁଦ୍ରାସ୍ଫୀତି ହାର ୬.୩୧%କୁ ହ୍ରାସ ପାଇଛି। ମାଂସ ଏବଂ ମାଛର ମୁଦ୍ରାସ୍ଫୀତି ହାର ୨.୬୬% କୁ ଖସି ଆସିଛି।




## ଜିଓର ତ୍ରୈମାସିକ ନେଟ୍ ଲାଭ ୬୫୩୯ କୋଟି

ମୁମ୍ବାଇ,୧୫।୧୦: ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ୍ ପକ୍ଷରୁ ଚଳିତ ଆର୍ଥିକ ବର୍ଷର ୨ୟ ତ୍ରୈୟମାସର ପରିଚାଳନାଗତ ଏବଂ ଆର୍ଥିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଡିଜିଟାଲ କ୍ଷେତ୍ରରେ କମ୍ପାନୀ ଚଳିତ ବର୍ଷ ଜୁଲାଇରୁ ସେପ୍ଟେମ୍ବର ମଧ୍ୟରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଛି। ସେହିଭଳି ଜିଓ ପ୍ଲାଟ୍‌ଫର୍ମସର ନେଟ୍ ଲାଭ ପୂର୍ବ ବର୍ଷ ସମାନ ତ୍ରୈୟମାସ ତୁଳନାରେ ୨୩.୪% ବୃଦ୍ଧି ନେଟ୍ ଲାଭ ୬୫୩୯ କୋଟି ଟଙ୍କାରେ ପହଞ୍ଚିଥିବା କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଏପରିକି ଜିଓ ପ୍ଲାଟ୍‌ଫର୍ମର ତ୍ରୈମାସିକ ମୋଟ ରାଜସ୍ୱ ପୂର୍ବ ବର୍ଷର ସମାନ ଅବଧି ତୁଳନାରେ ୧୭.୭% ବୃଦ୍ଧି ପାଇ ୩୭,୧୧୯ କୋଟି ଟଙ୍କା ହୋଇଛି। ଏହି ତ୍ରୈୟମାସରେ ଜିଓର ଗ୍ରାହକ ସଂଖ୍ୟାରେ ପୂର୍ବ ବର୍ଷ ସମାନ ସମୟ ତୁଳନାରେ ୪.୨% ବୃଦ୍ଧି ସହିତ ସେପ୍ଟେମ୍ବର ଶେଷ ସୁଦ୍ଧା ଜିଓର ମୋଟ ଗ୍ରାହକ ସଂଖ୍ୟା ୪୭.୮୮ କୋଟି ହୋଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ସେହିପରି ୧୪.୮ କୋଟି ଗ୍ରାହକ ଜିଓ ୫ଜି ନେଟ୍ ୱର୍କ ଆପଣାଇବା ସହିତ ୫ଜି କ୍ଷେତ୍ରରେ ଜିଓ ଏହାର ଅଗ୍ରଣୀ ସ୍ଥିତିକୁ ଆହୁରି ସୁଦୃଢ଼ କରିଛି। ଏହି ତ୍ରୈୟମାସରେ ଜିଓ ନେଟ୍‌ୱର୍କରେ ଡାଟା ଟ୍ରାଫିକ ପୂର୍ବ ବର୍ଷ ସମାନ ସମୟ ତୁଳନାରେ ୨୪% ବୃଦ୍ଧି ପାଇ ୪୫ ବିଲିୟନ ଜିବି ହୋଇଥିବାବେଳେ ଭଏସ ଟ୍ରାଫିକ ୬.୪% ବୃଦ୍ଧି ସହିତ ୧.୪୨ ଟ୍ରିଲିୟନ ମିନିଟ ରହିଥିବା ଜଣାପଡିଛି। ଅପରପକ୍ଷରେ ୫ଜି ଏବଂ ହୋମ୍ ବ୍ରଡ୍‌ବ୍ୟାଣ୍ଡ ଉପଭୋକ୍ତା ସଂଖ୍ୟାରେ ବୃଦ୍ଧି ସହିତ ଗ୍ରାହକ ପ୍ରତି ମାସିକ ଡାଟା ବ୍ୟବହାର ୩୧ଜିବିକୁ ବୃଦ୍ଧି ପାଇଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଏହି ତ୍ରୈୟମାସରେ ଜିଓ ୨.୮ନିୟୁତରୁ ଉଦ୍ଧର୍ବ ଜିଓ ଏୟାର ଫାଇବର ଗ୍ରାହକଙ୍କ ସହିତ ବିଶ୍ୱର ଦ୍ରୁତତମ ଅଭିବୃଦ୍ଧିଶୀଳ ଫିକ୍ସଡ ୱେର୍‌ଲେସ ଅପରେଟର ହୋଇଛି। ଜିଓର ପ୍ରତି ଗ୍ରାହକ ପିଛା ମାସିକ ରାଜସ୍ୱ ୧୯୫.୧ ଟଙ୍କାକୁ ବୃଦ୍ଧି ପାଇଛି। ଚଳିତ ଆର୍ଥିକ ବର୍ଷର ୨ୟ ତ୍ରୈୟମାସରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ୍‌ର ମୋଟ ରାଜସ୍ୱ ପୂର୍ବ ବର୍ଷ ସମାନ ଅବଧି ତୁଳନାରେ ସାମାନ୍ୟ ବୃଦ୍ଧି ସହିତ ୨୫୮୦୨୭ କୋଟି ଟଙ୍କା ହୋଇଥିବା କମ୍ପାନୀ ପକ୍ଷରୁ ପ୍ରକାଶ କରାଯାଇଛି।ସେହିଭଳି ରିଲାଏନ୍ସ ରିଟେଲର ତ୍ରୈମାସିକ ମୋଟ ରାଜସ୍ୱ ୭୬୩୦୨ କୋଟି ଟଙ୍କା ରହିଥିବାବେଳେ ତୈଳ, ରସାୟନ ଏବଂ ଉତ୍ତୋଳନ କ୍ଷେତ୍ରର ମୋଟ ରାଜସ୍ୱ ପୂର୍ବ ବର୍ଷ ତୁଳନାରେ ୫.୧% ବୃଦ୍ଧି ପାଇ ୧୫,୫୮୦ କୋଟି ଟଙ୍କା ହୋଇଥିବା କମ୍ପାନୀ ପକ୍ଷରୁ ପ୍ରକାଶ କରାଯାଇଛି।

# ବିଶ୍ୱବ୍ୟାଙ୍କ ରିପୋର୍ଟ: ୨୬ ଗରିବ ଦେଶର ସ୍ଥିତି ଗମ୍ଭୀର



**ୱାସିଂଟନ, ୧୫।୧୦:** ବିଶ୍ୱର ୨୬ଟି ଦେଶ ଅତ୍ୟନ୍ତ ଗମ୍ଭୀର ସ୍ଥିତିରେ ରହିଛନ୍ତି। ୨୦୦୬ ପରେ ସେମାନଙ୍କ ଋଣ ଯଥେଷ୍ଟ ଅଧିକ ଥିବା ବେଳେ ସେମାନଙ୍କ ପ୍ରତି ପ୍ରାକୃତିକ ବିପର୍ଯ୍ୟୟ ଓ ଅନ୍ୟାନ୍ୟ ବିପଦ ରହିଛି। ଏହି ଦେଶଗୁଡ଼ିକରେ ବିଶ୍ୱର ୪୦ ପ୍ରତିଶତ ଗରିବ ଲୋକ ବାସ କରୁଥିବା ବିଶ୍ୱବ୍ୟାଙ୍କର ଏକ ରିପୋର୍ଟରୁ ଜଣାପଡ଼ିଛି।

ରିପୋର୍ଟରେ କୁହାଯାଇଛି ଯେ କୋଭିଡ୍ ମହାମାରୀ ପୂର୍ବରୁ ଏହି ଦେଶଗୁଡ଼ିକର ଆର୍ଥିକ ସ୍ଥିତି ଯାହା ଥିଲା ଏବେ ତା'ଠାରୁ ଅଧିକ ଖରାପ ରହିଛି। ସେମାନେ ଆହୁରି ଗରିବ ହୋଇଯାଇଛନ୍ତି। ବିଶ୍ୱର ଅନ୍ୟ ପ୍ରାନ୍ତରେ କିନ୍ତୁ ସୁଧାର ଘଟିଛି। ବିଶ୍ୱବ୍ୟାଙ୍କ ଓ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍)ର ବାର୍ଷିକ ବୈଠକ ପୂର୍ବରୁ ଜାରି ହୋଇଥିବା ଏହି ରିପୋର୍ଟରେ କୁହାଯାଇଛି ଯେ ଉତ୍କଟ ଦାରିଦ୍ର୍ୟ ଦୂରୀକରଣ ଉଦ୍ୟମ ପ୍ରତି ଏହା ଏକ ଶକ୍ତ ଧକ୍କା। ଏହି ଗରିବ ଦେଶଗୁଡ଼ିକୁ ଯୋଗାଇବା ଲାଗି ବିଶ୍ୱବ୍ୟାଙ୍କ ପକ୍ଷରୁ ଆନ୍ତର୍ଜାତିକ ବିକାଶ ସଂଘ (ଆଇଡିଏ) ଜରିଆରେ ୧୦,୦୦୦ କୋଟି ଡଲାର ଯୋଗାଡ଼ କରିବାକୁ ଉଦ୍ୟମ କରୁଛି। ବିଶ୍ୱବ୍ୟାଙ୍କ ଜଣାଇଛି ଯେ ଏହି ୨୬ଟି ଗରିବ ଦେଶର ମୁଣ୍ଡପିଛା ଆୟ ୧୧୪୫ ଡଲାରରୁ କମ୍ ଥିବା ବେଳେ ସେମାନେ ମୁଖ୍ୟତଃ ଆଇଡିଏ ଦେଉଥିବା ଅନୁଦାନ ଓ ସୁଧ ମୁକ୍ତ ଋଣ ଉପରେ ଅତ୍ୟଧିକ ନିର୍ଭରଶୀଳ ହୋଇପଡ଼ିଛନ୍ତି। ସେମାନଙ୍କ ଜିଡିପିକୁ ଋଣ ଅନୁପାତ ୭୨ ପ୍ରତିଶତକୁ ବୃଦ୍ଧି ପାଇଛି ଯାହା ୧୮ ବର୍ଷ ମଧ୍ୟରେ ସର୍ବାଧିକ। ଏହି ଦେଶଗୁଡ଼ିକ ତାଲିକାରେ ଇଥିଓପିଆ, କଙ୍ଗୋ, ଆଫଗାନିସ୍ତାନ ଓ ୟେମେନ୍ ଭଳି ଦେଶର ନାମ ରହିଛି। ଦୁଇ ତୃତୀୟାଂଶ ଗରିବ ଦେଶରେ ଅସ୍ତ୍ରଶସ୍ତ୍ର ସଂଘର୍ଷ ଚାଲିଥିବା ବେଳେ ସାମାଜିକ ଓ ସଂସ୍ଥାଗତ ଦୁର୍ବଳତା ଯୋଗୁଁ ସେଠାରେ ଆଇନ ଶୃଙ୍ଖଳା ସ୍ଥିତି ବଜାୟ ରଖିବା ସମ୍ଭବ ହେଉନାହିଁ। ବିଶ୍ୱବ୍ୟାଙ୍କ ଅର୍ଥନୀତିଜ୍ଞ ଇନ୍ଦରମିତ୍ ଗିଲ୍ କହିଛନ୍ତି ଯେ ଗତ ପାଞ୍ଚ ବର୍ଷ ଭିତରେ ଆଇଡିଏ ଏହାର ଅଧିକାଂଶ ଆର୍ଥିକ ସହାୟତା ଏହି ନିମ୍ନ ଆୟବର୍ଗର ଦେଶଗୁଡ଼ିକୁ ଦେଉଛି। ଆଇଡିଏକୁ ମୁଖ୍ୟତଃ ପ୍ରତି ତିନି ବର୍ଷରେ ଥରେ ବିଶ୍ୱବ୍ୟାଙ୍କରୁ ପାଣ୍ଠି ମିଳିଥାଏ। ୨୦୨୧ରେ ଏହା ରେକର୍ଡ ୯୩୦୦ କୋଟି ଡଲାର ସଂଗ୍ରହ କରିଥିଲା। ତେବେ ସଭାପତି ଅଜୟ ବାଙ୍ଗାଙ୍କ ନେତୃତ୍ୱରେ ଏହା ୧୦,୦୦୦ କୋଟି ଡଲାର ସଂଗ୍ରହ କରିବାକୁ ଯୋଜନା ରଖିଛି।

## ବନ୍ଧନ ମ୍ୟୁଚୁଆଲ ଫଣ୍ଡର ନୂତନ ଉତ୍ପାଦ

ନୂଆଦିଲ୍ଲୀ,୧୫।୧୦: ବନ୍ଧନ ମ୍ୟୁଚୁଆଲ ଫଣ୍ଡ (ବିଏମ୍‌ଏଫ୍)ର ନୂତନ ଉତ୍ପାଦ 'ବନ୍ଧନ ନିଫ୍ଟି ୫୦୦ ଭାଲ୍ୟୁ ୫୦ ଇଣ୍ଡେକ୍ସ ଫଣ୍ଡ୍ ଓ ବନ୍ଧନ ନିଫ୍ଟି ୫୦୦ ମୋମେଣ୍ଟମ୍ ୫୦ଇଣ୍ଡେକ୍ସ ଫଣ୍ଡ୍‌ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହି ଓପନ୍-ଏଣ୍ଡେଡ୍ ଇଣ୍ଡେକ୍ସ ସ୍କିମ୍‌ଗୁଡିକ ଯଥାକ୍ରମେ ନିଫ୍ଟି ୫୦୦ ଭାଲ୍ୟୁ ୫୦ ଇଣ୍ଡେକ୍ସ ଓ ନିଫ୍ଟି ୫୦୦ ମୋମେଣ୍ଟମ୍ ୫୦ ଇଣ୍ଡେକ୍ସକୁ ଟ୍ରାକ୍ କରୁଛନ୍ତି। ନିଫ୍ଟି ୫୦୦ଭାଲ୍ୟୁ ୫୦ ଇଣ୍ଡେକ୍ସ ନିଫ୍ଟି ୫୦୦ୟୁନିଭର୍ସ ମଧ୍ୟରେ ୫୦ଟି ଅଣ୍ଡରଭାଲ୍ୟୁଡ୍ କମ୍ପାନୀ ଉପରେ ଗୁରୁତ୍ୱ ଦେଉଥିବାବେଳେ ନିଫ୍ଟି ୫୦୦ ମୋମେଣ୍ଟମ୍ ୫୦ଇଣ୍ଡେକ୍ସ ସେମାନଙ୍କର ସଦ୍ୟତମ ଶକ୍ତିଶାଳୀ ପ୍ରଦର୍ଶନ ଧାରା ଉପରେ ଆଧାରକରି ୫୦ଟି ଷ୍ଟକ୍ ଉପରେ ଗୁରୁତ୍ୱ ଦେଉଛି। ଏହି ନୂତନ ଫଣ୍ଡ୍ ଅଫରଗୁଡିକ ୨୦୨୪ ଅକ୍ଟୋବର ୨୪ରେ ଶେଷ ହେବ। ଏ ସମ୍ପର୍କରେ ବନ୍ଧନ ଏଏମ୍‌ସିର ସିଇଓ ବିଶାଲ କପୁର କହିଛନ୍ତି, ବନ୍ଧନ ନିଫ୍ଟି ୫୦୦ଭାଲ୍ୟୁ ୫୦ଇଣ୍ଡେକ୍ସ ଫଣ୍ଡ୍ ନିଜର ଅନ୍ତର୍ନିହିତ ମୂଲ୍ୟଠାରୁ କମ୍‌ରେ କାରବାର କରୁଥିବା ଆଉଟ୍-ଅଫ୍-ଫେଭର ଷ୍ଟକ୍‌ଗୁଡିକ ପାଇଁ ଏକ୍ସପୋଜର ପ୍ରଦାନ କରିବା ଏବଂ ସେମାନଙ୍କର ସମ୍ଭାବ୍ୟ ପୁନରୁଦ୍ଧାରରୁ ଲାଭାନ୍ୱିତ ହେବା ପାଇଁ ଲକ୍ଷ୍ୟ ରଖିଛି। ସେହିପରି ବନ୍ଧନ ନିଫ୍ଟି ୫୦୦ ମୋମେଣ୍ଟମ୍ ୫୦ ଇଣ୍ଡେକ୍ସ ଫଣ୍ଡ ସଦ୍ୟତମ ଶକ୍ତିଶାଳୀ ପ୍ରଦର୍ଶନ ଥିବା ଷ୍ଟକ୍‌ଗୁଡିକ ଉପରେ ଗୁରୁତ୍ୱ ଦେଉଛି।

## ଶେୟାର ବଜାରରେ ଉତ୍ସାହ



ମୁମ୍ବାଇ,୧୫।୧୦: ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷକରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୫୯୨ (୫୯୧.୬୯) ପଏଣ୍ଟ ବଢ଼ି ୮୧,୯୭୩ (୮୧,୯୭୩.୦୫) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୧୬୪ (୧୬୩.୭୦) ପଏଣ୍ଟ ବୃଦ୍ଧି ଘଟି ୨୫,୧୨୮ (୨୫,୧୨୭.୯୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି।

## ୧୦ ଦିନରେ ୧୩୪% ଅଭିବୃଦ୍ଧି ହାସଲ

**ନୂଆଦିଲ୍ଲୀ,୧୫।୧୦:** ଭାରତରେ ପାର୍ବଣ ଋତୁ ବ୍ୟବସାୟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଅବଧିକୁ ଚିହ୍ନିତ କରୁଛି। ଏହି ଗୁରୁତ୍ୱପୂର୍ଣ୍ଣ କର୍ପୋରେଟ ଆବଶ୍ୟକତାକୁ ସମ୍ବୋଧିତ କରି ଭାରତର ଅଗ୍ରଣୀ ବି୨ବି ଅନ୍‌ଲାଇନ ମାର୍କେଟପ୍ଲେସ୍ ଆମାଜନ ବିଜ୍‌ନେସ୍ ପକ୍ଷରୁ ଶୁଭାରମ୍ଭ କରାଯାଇଥିବା ଏକ ଉତ୍ସର୍ଗୀକୃତ କର୍ପୋରେଟ୍ ଗିଫ୍ଟିଙ୍ଗ୍ ଷ୍ଟୋର୍ ଆମାଜନ ଗ୍ରେଟ୍ ଇଣ୍ଡିଆନ ଫେଷ୍ଟିଭାଲ ସମୟରେ କେବଳ ୧୦ ଦିନରେ ୧୩୪% ଅଭିବୃଦ୍ଧି ହାସଲ କରିଛି। ଏହି ସମୟରେ ମୋଟ ଅର୍ଡରରେ ୯୫% ଓ କ୍ରୟ କରୁଥିବା ଗ୍ରାହକଙ୍କ ସଂଖ୍ୟାରେ ୧୦୭% ବୃଦ୍ଧି ଦେଖିବାକୁ ମିଳିଛି। ଏକ ବିସ୍ତୃତ ଶୃଙ୍ଖଳାର ଉପହାର ବିକଳ୍ପ ସହ ୮୫୦୦ ରୁ ଅଧିକ ଜିଏସ୍‌ଟି-ସକ୍ଷମ ଉପତ୍ପାଦ ଅନ୍ତର୍ଭୁକ୍ତ ଥିବା ଏହି ଷ୍ଟୋରରେ ଲୋକପ୍ରିୟ ଉପହାର ସାମଗ୍ରୀ ଭାବେ ମିକ୍ସର ଗ୍ରାଇଣ୍ଡର ଓ ଜୁସ୍‌ର ୫.୫ଗୁଣ ଅଭିବୃଦ୍ଧି ହାସଲ କରିଥିବା ବେଳେ କୁକର ଭଳି ଅନ୍ୟ କିଚେନୱେୟାର ୩ ଗୁଣ ବୃଦ୍ଧି ପରିଲକ୍ଷିତ ହୋଇଛି। ଏ ସମ୍ପର୍କରେ ଆମାଜନ ବିଜ୍‌ନେସ୍‌ର ନିର୍ଦ୍ଦେଶକ ସୁଚିତ ସୁବାଷ କହିଛନ୍ତି, ଚଳିତ ପାର୍ବଣ ଋତୁରେ ଆମର କର୍ପୋରେଟ ଗିଫ୍ଟିଙ୍ଗ୍ ଷ୍ଟୋରର ଉଲ୍ଲେଖନୀୟ ଅଭିବୃଦ୍ଧି ସହ ଭାରତରେ ଇ-କ୍ରୟର ଦ୍ରୁତ ଗ୍ରହଣୀୟତାକୁ ହାଇଲାଇଟ୍ କରୁଛି। ଏହି ବୃଦ୍ଧି ଅନ୍‌ଲାଇନ ଗିଫ୍ଟିଙ୍ଗ୍‌ର ସୁବିଧା ଓ ଆଧୁନିକ ବ୍ୟବସାୟଗୁଡିକର ବିକଶିତ ଆବଶ୍ୟକତାକୁ ପ୍ରତିଫଳନ କରୁଛି। ଏପରିକି ଆମେ ଆମାଜନ ବିଜ୍‌ନେସ୍‌କୁ ଏକ ଅନ୍‌ଲାଇନ ବି୨ବି ମାର୍କେଟପ୍ଲେସ୍‌ରେ ପରିଣତ କରିବାକୁ ସକ୍ଷମ ହୋଇଛୁ,ଯାହା ଭୌଗୋଳିକ ପ୍ରତିବନ୍ଧକକୁ ଦୂରକରିବା ସହ ସେଲରମାନଙ୍କୁ ଦେଶର କୋଣ ଅନୁକୋଣରେ ଗ୍ରାହକଙ୍କ ସହ ସଂଯୋଗ କରୁଛି ଏବଂ ଦେଶର ୧୦୦% ପିନ୍‌କୋଡ୍‌ରେ ସେବା ପ୍ରଦାନ କରୁଛି। ଚଳିତ ପାର୍ବଣ ଋତୁରେ ହେଡ୍‌ଫୋନ୍ ସବୁଠାରୁ ଲୋକପ୍ରିୟ ଟେକ୍ ଗିଫ୍ଟିଂ ସାମଗ୍ରୀ ଭାବେ ଉଭା ହୋଇଛି, ଯାହା ଗତ ବର୍ଷ ତୁଳନାରେ ୬% ବୃଦ୍ଧି ହାସଲ କରିଛି। ସେହିପରି ୨.୫ ଗୁଣ ବୃଦ୍ଧି ସହ ଲାପ୍‌ଟପ୍ ବ୍ୟାଗ୍ ଆଉ ଏକ ସର୍ବାଧିକ ବିକ୍ରି ବର୍ଗରେ ପରିଣତ ହୋଇଛି। ସ୍ନାକ୍ସ ଓ ସ୍ୱିଟ୍ ଗିଫ୍ଟ ହାମ୍ପର ଅନ୍ୟତମ ଲୋକପ୍ରିୟ ବର୍ଗ ହୋଇଥିବାବେଳେ ଚକୋଲେଟ୍ ୧.୭ ଗୁଣ ବୃଦ୍ଧି ସହ ସର୍ବାଧିକ ଉପହାର ଦିଆଯାଉଥିବା ବର୍ଗରେ ପରିଣତ ହୋଇଛି। ସେହିପରି ଡ୍ରାଏ ଫ୍ରୁଟ୍ ହାମ୍ପର ୩.୭ ଗୁଣ ବୃଦ୍ଧି ହାସଲ କରିଥିବା ବେଳେ ଟି ଓ କଫି ହାମ୍ପର ବର୍ଗ ୨ଗୁଣ ବୃଦ୍ଧି ହାସଲ କରିଛି। ଚଳିତ ପାର୍ବଣ ଋତୁରେ ଆମାଜନ ବିଜ୍‌ନେସ୍ କେରଳରୁ ଜମ୍ମୁ-କଶ୍ମୀର ଓ ଗୁଜରାଟରୁ ନାଗାଲାଣ୍ଡ ପର୍ଯ୍ୟନ୍ତ ଭାରତର କୋଣ ଅନୁକୋଣରେ ସେଲର ଓ କର୍ପୋରେଟଗୁଡିକ ମଧ୍ୟରେ ସଂଯୋଗକୁ ସୁଗମ କରିଛି।

# ବିଶ୍ୱ ଅର୍ଥନୀତିର ଅଭିବୃଦ୍ଧି ଇଞ୍ଜିନ ହେବ ଭାରତ: ଧର୍ମେନ୍ଦ୍ର



**ଭୁବନେଶ୍ୱର, ୧୫।୧୦:** ଜାତୀୟ ଶିକ୍ଷା ନୀତି ଭାରତୀୟ ଶିକ୍ଷା ପ୍ରଣାଳୀରେ ଏକ ବଡ଼ ପରିବର୍ତ୍ତନ ଆଣିବ। ଭାରତ ସରକାରଙ୍କ ଶିକ୍ଷା ନୀତି ସହ ଅନ୍ୟାନ୍ୟ କ୍ଷେତ୍ରରେ ସଂସ୍କାର ଭାରତକୁ ଆଗାମୀ ଦୁଇ ଦଶନ୍ଧି ମଧ୍ୟରେ ବିଶ୍ୱ ଅର୍ଥନୀତିର ଅଭିବୃଦ୍ଧି ଇଞ୍ଜିନ୍ କରାଇବ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଆଜି ନୂଆଦିଲ୍ଲୀରେ ଆମେରିକା-ଇଣ୍ଡିଆ ଷ୍ଟ୍ରାଟେଜିକ୍ ପାର୍ଟନରସିପ ଫୋରମ୍ (ୟୁଏସ୍‌ଆଇଏସ୍‌ପିଏଫ୍) ପକ୍ଷରୁ ଆୟୋଜିତ ଇଣ୍ଡିଆ ଲିଡରସିପ୍ ସମ୍ମିଟ -୨୦୨୪ କାର୍ଯ୍ୟକ୍ରମର ଫାୟାରସାଇଡ୍ ଚାଟ୍‌ରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଜାତୀୟ ଶିକ୍ଷା ନୀତି ସହ ଶିକ୍ଷା ବ୍ୟବସ୍ଥା ସମ୍ବନ୍ଧୀୟ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ଜାତୀୟ ଶିକ୍ଷା ନୀତି -୨୦୨୦ର ପ୍ରାଥମିକ କ୍ଷେତ୍ର, ଭାରତର ଶିକ୍ଷା ବ୍ୟବସ୍ଥାରେ ନୂଆ ଶିକ୍ଷା ନୀତି ଦ୍ୱାରା ହେବାକୁ ଥିବା ପରିବର୍ତ୍ତନ ଉପରେ ଶ୍ରୀ ପ୍ରଧାନ ମତ ରଖିଥିଲେ। ସେ କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କଳ୍ପନାରେ ଦେଶରେ ପ୍ରଣୟନ ହୋଇଥିବା ଜାତୀୟ ଶିକ୍ଷା ନୀତି ଏକ ଦାର୍ଶନିକ ଦସ୍ତାବିଜ୍। ଜାତୀୟ ଶିକ୍ଷା ନୀତି ଦେଶର ଯୁବପିଢ଼ିଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରାଇବା ସହ ବୈଶ୍ୱିକ ନାଗରିକରେ ପରିବର୍ତ୍ତନ କରିବ। ଯୁବଶକ୍ତିମାନେ କେବଳ ଭାରତ ନୁହେଁ ବରଂ ବିଶ୍ୱର କଲ୍ୟାଣ ଦିଗରେ ବ୍ରତୀ ରହିବେ। ଜାତୀୟ ଶିକ୍ଷା ନୀତିର ପ୍ରାଥମିକତା କ୍ଷେତ୍ର ଯଥା ଶିକ୍ଷାରେ ପ୍ରଯୁକ୍ତିବିଦ୍ୟାର ସମନ୍ୱୟ ଉପରେ ଆମର ଫୋକସ୍ ରହିଛି। ଦେଶରେ ଡିଜିଟାଲ ଶିକ୍ଷା ପରିସଂସ୍ଥାନରେ ଅଭୂତପୂର୍ବ ପରିବର୍ତ୍ତନ ହେଉଛି। ଭାରତୀୟ ଭାଷାରେ ଶିକ୍ଷାକୁ ପ୍ରୋତ୍ସାହିତ କରାଯାଉଛି। ଗବେଷଣା ଏବଂ ଇନୋଭେସନର ପରମ୍ପରାକୁ ପ୍ରୋତ୍ସାହିତ କରାଯାଉଛି। ଜାତୀୟ ଶିକ୍ଷା ନୀତି କେବଳ ଶିକ୍ଷା ନୁହେଁ ବରଂ ନିଯୁକ୍ତି ଆଧାରିତ ଶିକ୍ଷା ପ୍ରଦାନ କରିବ। ଛାତ୍ରଛାତ୍ରୀଙ୍କୁ ସ୍କିଲିଂ, ରି-ସ୍କିଲିଂ ଓ ଅପ୍ ସ୍କିଲିଂ କରାଇବ। ଆମର ଶିକ୍ଷା ନୀତି କେବଳ ଗୁଣାତ୍ମକ ନୁହେଁ ବରଂ ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ ଶିକ୍ଷା ପ୍ରଦାନ କରିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

## ଇରାନ ସହ ଇସ୍ରାଏଲ ଯୁଦ୍ଧ ପ୍ରଭାବିତ ହେବ ରପ୍ତାନି

ନୂଆଦିଲ୍ଲୀ: ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଯୁଦ୍ଧର ଭୟ ମଧ୍ୟ ରହିଛି। ଯଦି ଏହା ଘଟେ, ତେବେ ଏହା ମଧ୍ୟ ଭାରତ ଉପରେ ନକାରାତ୍ମକ ପ୍ରଭାବ ପକାଇବ। ବାସ୍ତବରେ ଭାରତ ଏବଂ ଇରାନ ମଧ୍ୟରେ ବାଣିଜ୍ୟିକ ସମ୍ପର୍କ ବହୁତ ପୁରୁଣା। ଭାରତ ବହୁ ପରିମାଣରେ ଇରାନକୁ ବାସମତି ଚାଉଳ ଏବଂ ଚା ପତ୍ର ରପ୍ତାନି କରେ। ଭାରତ ଇରାନରୁ ସୂର୍ଯ୍ୟମୁଖୀ ତେଲ ଆମଦାନୀ କରେ। ସରକାରୀ ତଥ୍ୟ ଅନୁଯାୟୀ, ଭାରତ ୨୦୨୩-୨୪ ବର୍ଷରେ ଇରାନକୁ ୬୮୦ ନିୟୁତ ଡଲାର ମୂଲ୍ୟର ବାସୁମତି ଚାଉଳ ରପ୍ତାନି କରିଥିଲା। ଭାରତ ଏଠାରେ ଉତ୍ପାଦିତ ବାସୁମତି ଚାଉଳର ମୋଟ ୧୯ ପ୍ରତିଶତ ଇରାନକୁ ରପ୍ତାନି କରେ। ଯଦି ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଯୁଦ୍ଧ ଆରମ୍ଭ ହୁଏ, ତେବେ ଏହା ଚାଉଳ ରପ୍ତାନି ଉପରେ ସିଧାସଳଖ ପ୍ରଭାବ ପକାଇବ। ଏଥି ସହିତ, ୨୦୨୩-୨୪ ବର୍ଷରେ ଇରାନକୁ ୩୨ ମିଲିୟନ ଡଲାର ମୂଲ୍ୟର ଚା ରପ୍ତାନି କରାଯାଇଥିଲା।

ଭାରତ ଇରାନରୁ ସୂର୍ଯ୍ୟମୁଖୀ ତେଲ ଆମଦାନୀ କରେ। ଯଦି ଇସ୍ରାଏଲ ଏବଂ ଇରାନ ମଧ୍ୟରେ ତିକ୍ତତା ବଢ଼ିଯାଏ, ତେବେ ସୂର୍ଯ୍ୟମୁଖୀ ତେଲ ଦେଶରେ ମହଙ୍ଗା ହୋଇପାରେ। ସେହିପରି ଭାରତ ମଧ୍ୟ କିଛିକାଂଶରେ ତୈଳ ଇରାନରୁ ଆଣିଥାଏ, ଯଦି ଯୁଦ୍ଧ ହୁଏ ତେବେ ତୈଳ ଯୋଗାଣ ଉପରେ ମଧ୍ୟ ପ୍ରଭାବ ପଡିପାରେ।

# ଭାରତର ଡାଟା ଭାରତୀୟ ଡାଟା ସେଣ୍ଟରରେ ରହିବା ଉଚିତ: ଆକାଶ ଅମ୍ବାନୀ



**ନୂଆଦିଲ୍ଲୀ, ୧୫।୧୦:** ରିଲାଏନ୍ସ ଜିଓର ଅଧ୍ୟକ୍ଷ ଆକାଶ ଅମ୍ବାନୀ ଭାରତର ଡାଟା କେବଳ ଭାରତୀୟ ଡାଟା ସେଣ୍ଟରରେ ରଖାଯିବା ସପକ୍ଷରେ ମତ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଭାରତରେ ଡାଟା ସୃଷ୍ଟି ହେବାର ଆକାର ଏବଂ ଗତି ବେଶ ଦ୍ରୁତ ଗତିରେ ବୃଦ୍ଧି ପାଇଛି ଏବଂ ଏଆଇ ସହିତ ଆହୁରି ଦ୍ରୁତ ଗତିରେ ବୃଦ୍ଧି ପାଇବ। ତେଣୁ ଦେଶରେ ଏଆଇ ଓ ମେସିନ୍ ଲର୍ନିଂ ଡାଟା ସେଣ୍ଟର ପ୍ରତିଷ୍ଠା କରିବାର ଆବଶ୍ୟକତା ରହିଛି ଏବଂ ଏଥିପାଇଁ ଭାରତୀୟ କମ୍ପାନିଗୁଡିକୁ ସରକାରଙ୍କ ପକ୍ଷରୁ ପ୍ରୋତ୍ସାହନ ମିଳିବା ଉଚିତ। ଏଥିସହିତ ଡାଟା ସେଣ୍ଟର ନୀତି ୨୦୨୦ର ଡ୍ରାଫ୍ଟକୁ ଶୀଘ୍ର ଅପଡେଟ କରିବାକୁ ସେ ସରକାରଙ୍କୁ ଅନୁରୋଧ କରିଛନ୍ତି। ଦିଲ୍ଲୀରେ ଆଜିଠାରୁ ଆରମ୍ଭ ହୋଇଥିବା ତିନିଦିନିଆ ଇଣ୍ଡିଆ ମୋବାଇଲ୍ କଂଗ୍ରେସ ୨୦୨୪ ରେ ଆକାଶ ଅମ୍ବାନୀ ଏହା କହିଛନ୍ତି।

ଆକାଶ ଅମ୍ବାନୀ କହିଛନ୍ତି ଯେ, "ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବା ପାଇଁ ଏଆଇ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଅଟେ। ଏବଂ ଜିଓ ପ୍ରତ୍ୟେକ ଭାରତୀୟଙ୍କ ପାଖକୁ ଏଆଇର ଲାଭ ପହଞ୍ଚାଇବାର ଉଦ୍ୟମ ଆରମ୍ଭ କରିଛି। ଠିକ ସେହିଭଳି ଯେପରି ଆମେ ମୋବାଇଲ୍ ବ୍ରଡବ୍ୟାଣ୍ଡ ସହିତ କରିଥିଲୁ । ସୁଲଭ ମୂଲ୍ୟରେ ଶକ୍ତିଶାଳୀ ଏଆଇ ମଡେଲ ଏବଂ ସେବା ପ୍ରଦାନ କରିବାକୁ ଆମେ ପ୍ରତିବଦ୍ଧ। ଏଥିପାଇଁ ଆମେ ଏକ ଜାତୀୟ ଏଆଇ ଭିତ୍ତିଭୂମିର ଆଧାର ପ୍ରସ୍ତୁତ କରୁଛୁ । ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱକୁ ପ୍ରଶଂସା କରି ଆକାଶ ଅମ୍ବାନୀ କହିଛନ୍ତି, "ଆଜି ଭାରତୀୟ ମୋବାଇଲ୍ କମ୍ପାନି ଏବଂ ସଫଳ ଷ୍ଟାର୍ଟ ଅପ୍ ଇକୋସିଷ୍ଟମ୍ ବଳରେ ଭାରତ ବିକଶିତ ଦେଶ ସମେତ ସମଗ୍ର ବିଶ୍ୱକୁ ଏଆଇ ସମାଧାନ ପ୍ରଦାନ କରିପାରିବ। ସରକାରଙ୍କ ଦ୍ୱାରା ଉଦ୍ୟୋଗ ଏବଂ ନବସୃଜନ ବା ଇନୋଭେସନକୁ ଆଗକୁ ବଢ଼ାଯିବା ଯୋଗୁଁ ଭାରତରେ ସବୁଠାରୁ ବଡ ଡିଜିଟାଲ୍ କ୍ରାନ୍ତି ଆସିଛି। ନୂତନ ଭାରତରେ ବ୍ୟବସାୟ ଏବେ ସମ୍ପୂର୍ଣ୍ଣ ରୂପେ ବଦଳି ଯାଇଛି। ୧୪୫ କୋଟି ଭାରତୀୟଙ୍କ ଆବଶ୍ୟକତା ଏବଂ ଆକାଂକ୍ଷା ପୂରଣ କରିବା ପାଇଁ ସରକାର ଏବଂ ଶିଳ୍ପଜଗତ ସମନ୍ୱୟରେ ଏକାଠି କାର୍ଯ୍ୟ କରୁଛନ୍ତି।

ଇଣ୍ଡିଆ ମୋବାଇଲ୍ କଂଗ୍ରେସର ମଞ୍ଚରୁ ଆକାଶ ଅମ୍ବାନୀ କହିଛନ୍ତି ଯେ ଭାରତ କେବଳ ମୋବାଇଲ୍ ଇନୋଭେସନରେ ଅଗ୍ରଣୀ ହେବ ନାହିଁ ବରଂ ଏକ ସଂଯୁକ୍ତ ତଥା ବୁଦ୍ଧିମାନ ଭବିଷ୍ୟତ ପାଇଁ ଏଆଇ ର ଶକ୍ତିକୁ ବ୍ୟବହାର କରିବ। ଏହା ଦ୍ୱାରା ମଧ୍ୟ କମ୍ପ୍ୟୁଟର ଏବଂ ଇଣ୍ଟରନେଟ୍ ଆସିବା ସମୟରେ ଘଟିଥିବା ପରି ନିଯୁକ୍ତି କ୍ଷେତ୍ରରେ ମଧ୍ୟ ବୃଦ୍ଧି ଘଟିବ।

## ବିଦ୍ୟୁତ୍ ଆଘାତରେ ଚାଷୀ ମୃତ

**ଯାଜପୁର, ୧୫।୧୦ (ସଂଚାର ବ୍ୟୁରୋ) :** ଯାଜପୁର ସଦର ଥାନା ଚଇନିପୁର ପଞ୍ଚାୟତ ସୁନ୍ଦରପୁର ଗ୍ରାମରେ ବିଦ୍ୟୁତ ଆଘାତରେ ଜଣେ ଚାଷୀଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ସ୍ଥାନୀୟ ଗ୍ରାମର ରବୀନ୍ଦ୍ର ଜେନା(୫୦)। ସେ ଆଜି ଅପରାହ୍ନରେ ସାର ପକାଇବାକୁ ବିଲକୁ ଯିବା ସମୟରେ ଚାର୍ଜ ହୋଇଥିବା ତାର ବାଡ ସଂଯୋଗରେ ଆସି ବିଦ୍ୟୁତ ଆଘାତ ରେ ମୃତ୍ୟୁବରଣ କରିଛନ୍ତି। ରବୀନ୍ଦ୍ର ଜେନାଙ୍କ ତିନି ଅବିବାହିତ ଝିଅ ଥିବା ବେଳେ ସେ ଏକ ମାତ୍ର ରୋଜଗାରିଆ ଥିଲେ। ପୂର୍ବରୁ ଏହି ତାରବାଡରେ ଜଣେ ଆହତ ହୋଇଥିଲେ। ଥାନାରେ ମଧ୍ୟ ଅଭିଯୋଗ ହୋଇଥିଲା ବେଳେ ଆଜିର ଦୁର୍ଘଟଣା ପରେ ଅସନ୍ତୋଷ ପ୍ରକାଶ ପାଇଛି। ସଦର ପୋଲିସ ମୃତ ଶରୀର କୁ ଜବତ କରି ବ୍ୟବଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି । ପୁଲିସ ତୁରନ୍ତ ଏପରି ବିଲକୁ ବିଦ୍ୟୁତ ଚାର୍ଜ କରିଥିବା ଚାଷୀ ଓ ଜମି ମାଲିକ ବିରୋଧରେ କାଯ୍ୟନୁଷ୍ଠାନ ନେବାକୁ ଦାବି ହୋଇଛି ଓ ମୃତ ଚାଷୀ ପରିବାରକୁ ସହାୟତା ଦେବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି ।

### ସ୍ୱାସ୍ଥ୍ୟ, କୃଷି ଓ ସହରାଞ୍ଚଳରେ ଥିବା ଆହ୍ୱାନର ସମାଧାନ ହେବ

# ବିକଶିତ ଭାରତ ସ୍ୱପ୍ନ ସାକାର କରିବ ଏଆଇ ଉତ୍କର୍ଷ କେନ୍ଦ୍ର

**ନୂଆଦିଲ୍ଲୀ/ଭୁବନେଶ୍ୱର, ୧୫।୧୦ (ସଂଚାର ବ୍ୟୁରୋ) :** ସ୍ୱାସ୍ଥ୍ୟସେବା, କୃଷି ଓ ସହରରେ ଥିବା ପ୍ରମୁଖ ସମସ୍ୟାର ସମାଧାନ ବାହାର କରିବା ପାଇଁ ଏଆଇ ଟେକ୍ନୋଲୋଜିକୁ ବିକଶିତ କରିବା ଦିଗରେ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ବଡ଼ ପଦକ୍ଷେପ ନିଆଯାଇଛି । କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ନୂଆଦିଲ୍ଲୀ ଠାରେ ସ୍ୱାସ୍ଥ୍ୟସେବା, କୃଷି ଏବଂ ସ୍ଥାୟୀ ସହର କ୍ଷେତ୍ରକୁ ବିଶେଷ ଦୃଷ୍ଟିରେ ରଖି ତିନୋଟି ଏଆଇ ସେଣ୍ଟର ଅଫ୍ ଏକ୍ସଲେନ୍ସ (ସିଓଇ) ପ୍ରତିଷ୍ଠା କରିବା ପାଇଁ ଘୋଷଣା କରିଛନ୍ତି ।

ମଙ୍ଗଳବାର ନୂଆଦିଲ୍ଲୀରେ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ)ରେ ଥିବା ୩ଟି ଉତ୍କର୍ଷ କେନ୍ଦ୍ର ବିଶ୍ୱର ଜନକଲ୍ୟାଣକାରୀ ମନ୍ଦିର ଭାବେ ଉଭା ହେବ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏଆଇ ଉତ୍କର୍ଷ କେନ୍ଦ୍ରର ନେତୃତ୍ୱ ଆଇଆଇଟି ଦିଲ୍ଲୀ ଏବଂ ଏମ୍ସ ଦିଲ୍ଲୀ ନେବ । କୃଷି କ୍ଷେତ୍ରରେ ଏଆଇ ଉତ୍କର୍ଷ କେନ୍ଦ୍ରର ନେତୃତ୍ୱ ଆଇଆଇଟି ରୋପାର ନେବ ଏବଂ ଆଇଆଇଟି କାନପୁର ସ୍ଥାୟୀ ସହର(ସଷ୍ଟେନେବଲ ସିଟି) କ୍ଷେତ୍ରରେ ଏଆଇ ଉତ୍କର୍ଷ କେନ୍ଦ୍ରକୁ ପରିଚାଳିତ କରିବ । ବିଶ୍ୱ ଏଆଇ ଦୃଶ୍ୟପଟ୍ଟରେ ଭାରତର ପରିଚୟକୁ ସୁଦୃଢ଼ କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଆଗାମୀ ଦିନରେ ଏହି ଉତ୍କର୍ଷ କେନ୍ଦ୍ର ଗୁଡିକ ବିଶ୍ୱର ସାର୍ବଜନୀନ ନୀତିର ଏକ ପ୍ରମୁଖ ଉପାଦାନ ହେବ ଏବଂ ବିଶ୍ୱର ସମାଧାନ ପ୍ରଦାନକାରୀ ରାଷ୍ଟ୍ର ଭାବରେ ଉଭା ହେବ ।

କେନ୍ଦ୍ରମନ୍ତ୍ରୀ ଆହୁରି କହିଛନ୍ତି ଯେ 'ବିକଶିତ ଭାରତ'ର ସ୍ୱପ୍ନକୁ ସାକାର କରିବା ପାଇଁ ଏହି ତିନୋଟି ଉତ୍କର୍ଷ କେନ୍ଦ୍ରକୁ ଅଗ୍ରଣୀ




ଶିକ୍ଷାନୁଷ୍ଠାନ, ଶିଳ୍ପ ଅଂଶୀଦାର ଏବଂ ଷ୍ଟାର୍ଟଅପମାନେ ନେତୃତ୍ୱ ପ୍ରଦାନ କରିବେ । ସେମାନେ ଆନ୍ତଃବିଭାଗୀୟ ଗବେଷଣା କରିବା ସହ ଅତ୍ୟାଧୁନିକ ଆପ୍ଲିକେସନ୍ ବିକଶିତ କରିବେ ଏବଂ ଏହି ତିନୋଟି କ୍ଷେତ୍ରରେ ସମସ୍ୟାର ସମାଧାନ ବାହାର କରିବେ । ଏହି ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ଏକ ପ୍ରଭାବଶାଳୀ ଏଆଇ ଇକୋସିଷ୍ଟମକୁ ବିକଶିତ କରିବା ଏବଂ ଏହି ସବୁ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଗୁଣାତ୍ମକ ମାନବ ସମ୍ବଳକୁ ପ୍ରସ୍ତୁତ କରିବା । ଏଆଇର ୩ଟି ଉତ୍କର୍ଷ କେନ୍ଦ୍ର 'ସ୍ୱାସ୍ଥ୍ୟସେବା, କୃଷି ଏବଂ ସ୍ଥାୟୀ ସହର' କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବ । ସ୍ୱାସ୍ଥ୍ୟସେବାକୁ ସୁନିଶ୍ଚିତ କରିବା ସହ ଖାଦ୍ୟ ନିରାପତ୍ତାକୁ ସୁଦୃଢ଼ କରିବ ଏବଂ ସହରାଞ୍ଚଳର ଗୁରୁତ୍ୱପୂର୍ଣ୍ଣ ଆହ୍ୱାନର ମୁକାବିଲା କରିବା ପାଇଁ ଏଆଇ ଉଦ୍ଭାବନ ଏବଂ ଗବେଷଣାକୁ ଗଣତାନ୍ତ୍ରିକ କରିବ । ଆମର ଅଗ୍ରଣୀ ଶିକ୍ଷାନୁଷ୍ଠାନର ନେତୃତ୍ୱରେ ଏହି ଉତ୍କର୍ଷ କେନ୍ଦ୍ର ଗୁଡ଼ିକ ଭାରତର ଏଆଇ ସାମର୍ଥ୍ୟକୁ ସୁଦୃଢ଼ କରିବ ଏବଂ ଭାରତର ଏଆଇ ଇକୋସିଷ୍ଟମର ଅଭିବୃଦ୍ଧିକୁ ଶକ୍ତି ପ୍ରଦାନ କରିବ। ୨୦୨୩-୨୪ କେନ୍ଦ୍ର ବଜେଟରେ ଭାରତରେ ଏଆଇ ତିଆରି କରିବା ଏବଂ ଭାରତ ପାଇଁ ଏଆଇ କାର୍ଯ୍ୟ କରିବା ଲକ୍ଷ୍ୟର ଏକ ଅଂଶ ଭାବରେ ଏହି କେନ୍ଦ୍ର ଗୁଡ଼ିକ ପ୍ରତିଷ୍ଠା କରିବାକୁ ଘୋଷଣା କରାଯାଇଥିଲା। ଏହାକୁ ଦୃଷ୍ଟିରେ ରଖି ମୋଦୀ ସରକାର ୨୦୨୩-୨୪ ଆର୍ଥିକ ବର୍ଷରୁ ୨୦୨୭-୨୮ ଆର୍ଥିକ ବର୍ଷ ମଧ୍ୟରେ ମୋଟ ୯୯୦ କୋଟି ଟଙ୍କାର ଆର୍ଥିକ ବ୍ୟୟବରାଦ ସହିତ ତିନୋଟି ଏଆଇ ସେଣ୍ଟର ଅଫ୍ ଏକ୍ସଲେନ୍ସ ତିଆରି ପାଇଁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଏହି ପଦକ୍ଷେପର କାର୍ଯ୍ୟକାରିତା ତଥା ତଦାରଖ କରିବା ପାଇଁ ଜୋହୋ କର୍ପୋରେସନର ପ୍ରତିଷ୍ଠାତା ତଥା ସିଇଓ ଡ. ଶ୍ରୀଧର ଭେମ୍ବୁଙ୍କ ଅଧ୍ୟକ୍ଷତାରେ ଏକ ସର୍ବୋଚ୍ଚ କମିଟି ଗଠନ କରାଯାଇଛି ।

ଶୀର୍ଷ ଶିକ୍ଷାନୁଷ୍ଠାନଗୁଡ଼ିକରେ ଏଆଇ ଉତ୍କର୍ଷ କେନ୍ଦ୍ରକୁ କାର୍ଯ୍ୟକାରୀ କରିବା ଦିଗରେ ଡ. ଶ୍ରୀଧର ଭେମ୍ବୁଙ୍କ ଅଧ୍ୟକ୍ଷତାରେ ଗଠିତ ସର୍ବୋଚ୍ଚ କମିଟିକୁ ଅଭିନନ୍ଦନ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ । ଏଥିସହିତ ଭାରତକୁ ଏଆଇର ଏକ ବିଶ୍ୱସ୍ତରୀୟ କେନ୍ଦ୍ର ଭାବରେ ପ୍ରତିଷ୍ଠା କରିବା ପାଇଁ ମାର୍ଗଦର୍ଶନ ଦେଉଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ ଜଣାଇବା ସହ ଶ୍ରୀ ପ୍ରଧାନ କହିଛନ୍ତି, ଏଆଇରେ ଏହି ୩ଟି ଉତ୍କର୍ଷ କେନ୍ଦ୍ର ଆମ ଦେଶର ଷ୍ଟାର୍ଟଅପ୍ ଇକୋସିଷ୍ଟମକୁ ଅଧିକ ପ୍ରୋତ୍ସାହନ ଦେବ । ଏକ ଆଧୁନିକ ଯୁଗର ନିଯୁକ୍ତି ଏବଂ ୱେଲଥ୍ କ୍ରିଏସନ ସୃଷ୍ଟି କରିବା ଦିଗରେ ସହାୟକ ହେବ ଏବଂ ବିଶ୍ୱ ଜନହିତକର ନୂତନ ମାନଦଣ୍ଡ ପ୍ରତିଷ୍ଠା କରିବାରେ ସାହାଯ୍ୟ କରିବ ବୋଲି ସେ କହିଛନ୍ତି।

## ଯୁବକର ମୃତ୍ୟୁକୁ ନେଇ ଉତ୍ତେଜନା



**ଆନନ୍ଦପୁର, ୧୫।୧୦ (ସଂଚାର ବ୍ୟୁରୋ) :** କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ପଣ୍ଡୁଆ ଗ୍ରାମରେ ଆଜି ସଂଧ୍ୟାରେ ଘଟିଛି ଅଘଟଣ। ଅଭିଯୁକ୍ତ ଠେଙ୍ଗା ମାଡରେ ଘଟଣା ସ୍ଥଳରେ ଜଣେ ଯୁବକର ଜୀବନ ଯାଇଛି। ଘଟଣାରୁ ପ୍ରକାଶ ଯେ ପଣ୍ଡୁଆ ଗ୍ରାମର ମୁନା ଜେନା ସହିତ ସେହି ଗ୍ରାମର ସେକ ରେହେମଦ୍ ମଧ୍ୟରେ ପୂର୍ବ ଶତୃତାକୁ କେନ୍ଦ୍ରକରି କିଛି ଦିନ ତଳେ ପାଟିତୁଣ୍ଡ ପରେ ହାତାହାତି ହୋଇ ଥାନା କଚେରି ପର୍ଯ୍ୟନ୍ତ କଥା ଯାଇଥିଲା, ଆଜି ସଂଧ୍ୟାରେ ସେକ ରେହେମଦ ଗାଁ ଛକରେ ବସିଥିବା ବେଳେ ଅଭିଯୁକ୍ତ ମୁନା ହଠାତ ଏକ ଠେଙ୍ଗା ସାହାଯ୍ୟରେ ରେହମଦ୍‌କୁ ଅତର୍କିତ ଭାବେ ଆକ୍ରମଣ କରିଥିଲା,ଅଭିଯୁକ୍ତର ଠେଙ୍ଗା ପାହାରରେ ଘଟଣା ସ୍ଥଳରେ ରେହେମଦ୍ ର ପ୍ରାଣବାୟୁ ଉଡିଯାଇଥିଲା। ଘଟଣା ଜଣାପଡିବା ପରେ ଅଭିଯୁକ୍ତ ମୁନା ଘଟଣା ସ୍ଥଳରୁ ଫେରାର୍ ହୋଇଯାଇଥିଲା ।ଖବର ପାଇ ରାମଚନ୍ଦ୍ରପୁର ଥାନା ଅଧିକାରୀ ବିଜୟ ସିଂ ଏବଂ ଆନନ୍ଦପୁର ଉପଖଣ୍ଡ ପୋଲିସ ଅଧିକାରୀ ପ୍ରଶାନ୍ତ ବେହେରା ପୋଲିସ ଫୋର୍ସ ସହ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଉପରେ ତିକ୍ଷଣ ନଜର ରଖିଛନ୍ତି । ସେପଟେ ପଣ୍ଡୁଆ ମୁସଲମାନ ସାହି ଲୋକେ ରାସ୍ତା ଉପରେ ଶବ ରଖିବା ସହ ଟାୟାର ଜାଳି ଅଭିଯୁକ୍ତ ତୁରନ୍ତ ଗିରଫ କରିବାକୁ ଅଡିବସିଛନ୍ତି। କିଛି ଲୋକ ଅଭିଯୁକ୍ତ ଯୁବକର ଘରକୁ ନିଆଁ ଲଗାଇ ଦେଇଥିବା ଖବର ମିଳିଛି। ଘଟଣା ପରେ ପୁରା ଗାଁରେ ଉତ୍ତେଜନା ପ୍ରକାଶ ପାଇଛି। ଲୋକମାନେ ଟାୟାର ଜାଳି ମୁଖ୍ୟ ରାସ୍ତା ଅବରୋଧ କରିଛନ୍ତି ।

## ଟ୍ରେନ୍ ଧକ୍କାରେ ହାତୀ ଛୁଆ ମୃତ

**ରାଉରକେଲା, ୧୫।୧୦ (ସଂଚାର ବ୍ୟୁରୋ) :** ହାତୀ ପଲକୁ ଘଉଡାଇବା ବେଳେ ଧକ୍କା ଦେଲା ମାଲବାହୀ ଟ୍ରେନ୍। ଟ୍ରେନ୍ ଧକ୍କାରେ ଏକ ହାତୀ ଛୁଆର ମୃତ୍ୟୁ ଘଟିଛି ଓ ୨ ହାତୀ ଆହତ ହୋଇଛନ୍ତି। ଗୁରୁତର ହାତୀ ଦୁଇଟି ଜଙ୍ଗଲକୁ ଯାଇ ନ ପାରି ବନ୍ଧମୁଣ୍ଡାରେ ରହିଛନ୍ତି । ଆହତ ହାତୀ ଦ୍ୱୟଙ୍କ ପାଖରେ ପହଞ୍ଚିବାକୁ ବନ ବିଭାଗର ଉଦ୍ୟମ ଜାରି ରହିଛି ।

ସୂଚନା ଅନୁସାରେ, ସୋବମାର ବିଳମ୍ବିତ ରାତିରେ ୨୫ ଟିକିଆ ହାତୀପଲ ବନ୍ଧୋମୁଣ୍ଡା ଅଞ୍ଚଳକୁ ପଶି ଆସିଥିଲେ। ହାତୀ ପଲଙ୍କୁ ଦେଖି ସ୍ଥାନୀୟ ଲୋକେ ଟର୍ଚ୍ଚ ଲାଇଟ୍ ମାରି ଘଉଡ଼ାଉଥିଲେ। ହାତୀପଲ ଟ୍ରେନ୍ ଲାଇନ୍ ଆଡକୁ ଦୌଡୁଥିବା ବେଳେ ଏକ ମାଲବାହୀ ଟ୍ରେନ୍ ଆସି ହାତୀପଲଙ୍କୁ ଧକ୍କା ଦେଇଥିଲା। ଏଥିରେ କିଛି ହାତୀ ଆହତ ହୋଇଥିବା ବେଳେ ଘଟଣାସ୍ଥଳରେ ଗୋଟିଏ ଛୁଆ ହାତୀର ମୃତ୍ୟୁ ହୋଇଥିଲା । ଖବର ପାଇ ବନ ବିଭାଗ ଟିମ୍ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ରେଳ ଲାଇନ ନିକଟରେ ପଡିଥିବା ଛୁଆ ହାତୀର ମୃତଦେହକୁ ବ୍ୟବଛେଦ ପାଇଁ ପଠାଇଥିଲା । ଏବେ ବାକି ୨ ହାତୀଙ୍କ ଗୁରୁତର ନେଇ ଖବର ଆସୁଥିବା ବେଳେ ପଲରେ ଥିବା ଅନ୍ୟ ହାତୀମାନେ ଜଙ୍ଗଲକୁ ପଳାଇଥିବା ନେଇ ସୂଚନା ଦେଇଛି ବନବିଭାଗ।

# ବିଜେଡି ବିପର୍ଯ୍ୟୟ ପାଇଁ ଦାୟୀ 'ସନ୍ୟାସୀ'

### ପାଟ୍ଟଶାଣୀଙ୍କୁ ଜବାବ ଦେଲେ ଲେଲିନ





**ଭୁବନେଶ୍ୱର, ୧୫।୧୦ (ସଂଚାର ବ୍ୟୁରୋ):** ବିଜେଡିରେ ଚାଲିଥିବା ନେତୃତ୍ୱ ଲଢେଇ ନିଆଁ ଘିଅ ଢାଳିଛନ୍ତି ପୂର୍ବତନ ସାଂସଦ ପ୍ରସନ୍ନ ପାଟ୍ଟଶାଣୀ। ବିଜେଡି ପରାଜୟର କାରଣ କହି ପୂର୍ବତନ ମନ୍ତ୍ରୀ ଅମର ଶପତଥୀ ଯେଉଁ ବିବାଦ ଛିଡା କରିଥିଲେ ପାଟ୍ଟଶାଣୀଙ୍କ ବିସ୍ଫୋରଣ ପରେ ସେ ବିବାଦ ଆହୁରି ଘନିଭୂତ ହୋଇଛି। ସେ ସ୍ପଷ୍ଟ ଭାବେ କହିଛନ୍ତି ଯେ, 'ମୁଁ ବିଜେଡି ଛାଡ଼ିବା ପଛରେ ପାଣ୍ଡିଆନ ଦାୟୀ। ପାଣ୍ଡିଆନ ଥିଲା ଯାଏ ବିଜେଡି କେବେ ଜିତିବନି।' ବିଜେଡି ଛାଡ଼ିବାର କିଛି ଦିନ ପରେ ଗଣମାଧ୍ୟମରେ ଆଗରେ ଏଭଳି କିଛି ବିସ୍ଫୋରକ ବୟାନ ଦେଇଛନ୍ତି ପାଟ୍ଟଶାଣୀ।

ସେ କହିଛନ୍ତି, ଯେଉଁ ଦଳକୁ ଆମେ ସଂଘର୍ଷ କରି ଗଢ଼ିଥିଲୁ, ମୋର ଦୁର୍ଭାଗ୍ୟ ଯେ ସେହି ଦଳ ଛାଡ଼ି ଆସିବାକୁ ପଡ଼ିଲା। ସ୍ପଷ୍ଟ ଭାବେ କହୁଛୁ, ପାଣ୍ଡିଆନ ବାବୁଙ୍କ ପାଇଁ ମୁଁ ବିଜେଡି ଛାଡ଼ି ଦେଲି। ବିଜେଡିର ପରାଜୟକୁ ନେଇ ବଡ଼ ବୟାନ ରଖିଛନ୍ତି ପ୍ରସନ୍ନ। କହିଛନ୍ତି, ପାଣ୍ଡିଆନଙ୍କ ପାଇଁ ଲୋକପ୍ରିୟ ସରକାର ଚାଲିଗଲା। ଯେପର୍ଯ୍ୟନ୍ତ ପାଣ୍ଡିଆନ ଥିବେ, ସେ ପର୍ଯ୍ୟନ୍ତ ବିଜେଡି ଆସିବନି। ଅମର ଶତାପଥୀ ଯାହା କହିଛନ୍ତି କିଛି ଖରାପ କହିନାହାନ୍ତି । ଲୋକମାନେ ଥରେ ଫୋପାଡ଼ି ଦେଲେ ଦଳର ଅବସ୍ଥା କ'ଣ ହୁଏ, ଆପଣମାନେ ଦେଖିପାରିଲେ। କାହିଁକି ସେ ପାଣ୍ଡିଆନ ପଛରେ ଗୋଡ଼ାଇଛ ବୋଲି ଅନ୍ୟ ନେତାଙ୍କୁ ପ୍ରଶ୍ନ କରିଛନ୍ତି ପାଟ୍ଟଶାଣୀ। ପ୍ରସନ୍ନ କହିଛନ୍ତି, ଦଳରେ ଥିଲା ବେଳେ ମୁଁ ନବୀନ ବାବୁଙ୍କ ସହ ବୁଲୁଥିଲି। ନବୀନ ବାବୁଙ୍କ ପ୍ରତି ମୋ ଦୁର୍ବଳତା ରହିବା ସ୍ୱାଭାବିକ। ମୁଁ ତାଙ୍କ ବିରୋଧରେ କେବେ କିଛି କହି ନାହିଁ କି ଏବେ ମଧ୍ୟ କହୁନାହିଁ। ପାଣ୍ଡିଆନଙ୍କ ଯୋଗୁ ଗୋଟିଏ ଲୋକପ୍ରିୟ ସରକାର ଚାଲିଗଲା। ଲୋକେ ନବୀନ ପଟ୍ଟନାୟକଙ୍କୁ ବିରୋଧରେ କିଛି କହୁନାହାନ୍ତି । ସମସ୍ତେ ପାଣ୍ଡିଆନଙ୍କ ବିରୋଧରେ କହୁଛନ୍ତି। ତାଙ୍କୁ କାହିଁକି କେଜାଣି ରଖିଛନ୍ତି।

ପାଟ୍ଟଶାଣୀ ଆଜି ଯେଉଁ ବିସ୍ଫୋରଣ କରିଛନ୍ତି, ପୂର୍ବରୁ ଅନେକ ନେତା ଯେଉଁମାନେ ବିଜେଡି ଛାଡିଛନ୍ତି ସମସ୍ତେ ସେଇ ସମାନ କଥା କହିଥିଲେ। ସମସ୍ତଙ୍କ ଅଭିଯୋଗ ବିଜେଡି ପରାଜୟ ପାଇଁ ପାଣ୍ଡିଆନ ଦାୟୀ। ଆଉ ପାଣ୍ଡିଆନଙ୍କ ହାତବାରିସି ସାଜିଥିବା ନେତାମାନେ ମଧ୍ୟ ବିଜେଡି ବିପର୍ଯ୍ୟୟ ପାଇଁ ସମାନ ପରିମାଣରେ ଦାୟୀ। କିନ୍ତୁ ନବୀନ ପଟ୍ଟନାୟକ କାହିଁକି ପାଣ୍ଡିଆନଙ୍କୁ ସୁରକ୍ଷା ଦେଉଛନ୍ତି ତାହା କେହି ବି ଆକଳନ କରିପାରୁନାହାଁନ୍ତି।

ଲେଲିନ ମହାନ୍ତି କହିଛନ୍ତି ଯେ, ପାଟ୍ଟଶାଣୀ ଜଣେ ବରିଷ୍ଠ ନେତା ହୋଇ ବି ସେ କେତେବେଳେ କଣ କୁହନ୍ତି ସେ ଜାଣିନାହାନ୍ତି। ଯେତେବେଳେ ବାବା ପାଟ୍ଟଶାଣୀଙ୍କ ଭିଡ଼ିଓ ଭାଇରାଲ୍ ହୋଇଥିଲା ସେତେବେଳେ ଦଳ ତାଙ୍କୁ ତଡ଼ି ଦେବା କଥା। କିନ୍ତୁ ସେତେବେଳେ ଦଳ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇନଥିଲା। ଆଜି ସେ ନିଜର ରାଜନୈତିକ ସ୍ଥିରତା ପାଇଁ ଏମିତି ଅଭିଯୋଗ କରୁଛନ୍ତି। ଦଳରେ ଟିକେଟ ବଣ୍ଟା ବେଳେ ପାଟ୍ଟଶାଣୀ ନିଜ ପାଇଁ ଓ ପରିବାର ସଦସ୍ୟଙ୍କ ପାଇଁ ଚାରୋଟି ଟିକେଟ ଦାବି କରିଥିଲେ । ଯେଉଁଥିପାଇଁ ସେ ଏଭଳି ଅଭିଯୋଗ କରୁଛନ୍ତି ବୋଲି ଲେଲିନ କହିଛନ୍ତି।

## ନୋଟିସ୍ କରାଇଥିବା ନେତାଙ୍କୁ ମଗାଯାଉ ଉତ୍ତର

**ଭୁବନେଶ୍ୱର, ୧୫।୧୦ (ସଂଚାର ବ୍ୟୁରୋ):** ଆହୁରି ତେଜିଲା ଭୁବନେଶ୍ୱର ବିଜେଡି କନ୍ଦଳ। ବିଏମ୍‌ସିର ଦୁଇ ବିଜେଡି କର୍ପୋରେଟର ଅମରେଶ ଜେନା ଓ ବିରଞ୍ଚି ମହାସୁପକାରଙ୍କୁ ଦଳର ସୋ-କଜ୍ ନୋଟିସ୍ ପରେ ଆଜି ଏ ଦୁହେଁ ଧୁମ୍ ବର୍ଷିଛନ୍ତି । ନାଁ ନନେଇ ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଓ ପୂର୍ବତନ ବିଧାୟକ ଅଶୋକ ପଣ୍ଡାଙ୍କ ଉପରେ ଗର୍ଜିଛନ୍ତି ଅମରେଶ ଓରଫ ବାୟାଁ ଓ ବିରଞ୍ଚି ଓରଫ ଲିଟୁ। ଆଜି ଦୁହେଁ କହିଛନ୍ତି ଜିଲ୍ଲା ସଭାପତିଙ୍କୁ ସୋ-କଜ୍ ନୋଟିସର ଉତ୍ତର ଦିଆଯାଇଛି । ହେଲେ ଯାହାଙ୍କ କଥାରେ ନୋଟିସ୍ ହୋଇଛି, ଯିଏ ଆମ ନାଁରେ ନୋଟିସ୍ କରାଇଛନ୍ତି ସେମାନଙ୍କୁ ବି ସୋ କଜ୍ ନୋଟିସ୍ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଉ । ଆମ ଦୁଇ ଜଣଙ୍କୁ ସେମାନେ ଦଳରୁ ଅଲଗା କରିବାକୁ ଚାହୁଁଛନ୍ତି କହି ଟାର୍ଗେଟ୍ କରିବା ସହ, ଦଳର ସଭାପତିଙ୍କୁ ଲେଖି ଜଣାଇ ଦିଆଯାଇଥିବା କହିଛନ୍ତି।

## ଗଞ୍ଜେଇ ଖୋଜୁଖୋଜୁ ବାହାରିଲା ଦେଢ଼ କ୍ୱିଣ୍ଟାଲ ରୁପା

**ସମ୍ବଲପୁର, ୧୫।୧୦ (ସଂଚାର ବ୍ୟୁରୋ) :** ଗଞ୍ଜେଇ ଚାଲାଣ ସନ୍ଦେହରେ ଅବକାରୀ ବିଭାଗ କାର୍ ଅଟକାଇ ଥିଲା। କିନ୍ତୁ କାର୍ ସିକ୍ରେଟ୍ ଚ୍ୟାମ୍ବରରୁ ମିଳିଲା ଦେଢ଼ କ୍ୱିଣ୍ଟାଲ୍‌ରୁ ଅଧିକ ରୁପା ଅଳଙ୍କାର। ଏପରି ଚିତ୍ର ସମ୍ବଲପୁର-ଝାରସୁଗୁଡ଼ା ବିଜୁ ଏକ୍ସପ୍ରେସ୍ ୱେ'ରେ ଦେଖିବାକୁ ମିଳିଛି। ଏହି ରୁପା ଅଳଙ୍କାର ମହାରାଷ୍ଟ୍ରରୁ ଝାରଖଣ୍ଡକୁ ଯାଉଥିଲା।



ଗଞ୍ଜେଇ ଚାଲାଣ ସନ୍ଦେହରେ ଅବକାରୀ ବିଭାଗ ସମ୍ବଲପୁର-ଝାରସୁଗୁଡ଼ା ବିଜୁ ଏକ୍ସପ୍ରେସ୍ ୱେ'ର ମାଝିପାଲି ଟୋଲ୍ ଗେଟ୍ ନିକଟରେ ଗାଡି ଯାଞ୍ଚ କରୁଥିଲେ। ସେହି ସମୟରେ ମହାରାଷ୍ଟ୍ର ନମ୍ବର ପ୍ଲେଟ୍ ଥିବା ଏକ କାର୍‌କୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ କାର୍ ସିଟ୍‌ରେ ସିକ୍ରେଟ୍ ଚ୍ୟାମ୍ବର ହୋଇଥିବା ଦେଖିବାକୁ ମିଳିଥିଲା। ସେହି ଚ୍ୟାମ୍ବରରେ ଗଞ୍ଜେଇ ଥିବା ଭାବି ଅବକାରୀ ବିଭାଗ ଖୋଲିଥିଲା। ହେଲେ ସେଥିରୁ ରୁପା ଅଳଙ୍କାର ଥିବା ଦେଖିବାକୁ ମିଳିଥିଲା।

ସିକ୍ରେଟ୍ ଚ୍ୟାମ୍ବରରେ ରୁପା ଅଳଙ୍କାର ଥିବା ଦେଖି ଅବକାରୀ ବିଭାଗ ଜିଏସ୍‌ଟି ବିଭାଗକୁ ଖବର ଦେଇଥିଲା। ଜିଏସ୍‌ଟି ବିଭାଗ ଘଟଣା ସ୍ଥଳରେ ପହଞ୍ଚି ସିକ୍ରେଟ୍ ଚ୍ୟାମ୍ବରରେ ଥିବା ରୁପା ଅଳଙ୍କାର ଜବତ କରିଥିଲା। ଯେଉଁଥିରେ କାନଫୁଲ, ପାଉଞ୍ଜି, ଦୀପ, ଗ୍ଲାସ ଆଦି ରହିଛି। ଜବତ ହୋଇଥିବା ରୁପାର ଓଜନ ୧ କ୍ୱିଣ୍ଟାଲ୍ ୬୬ କେଜି ୪୦୦ ଗ୍ରାମ ହୋଇଛି। ଏହି ଘଟଣାରେ ୩ ଜଣଙ୍କୁ ଅଟକ ରଖିଛି ଜିଏସ୍‌ଟି ବିଭାଗ। ଏହି ଅଳଙ୍କାର ମହାରାଷ୍ଟ୍ରରୁ ଝାରଖଣ୍ଡ ଯାଉଥିଲା।

ଜିଏସ୍‌ଟି ବିଭାଗର ସୂଚନା ଅନୁସାରେ ଅଟକ ଥିବା ବ୍ୟକ୍ତିମାନେ କିଛି ଡକ୍ୟୁମେଣ୍ଟ ଦେଇଛନ୍ତି। ସେହି ଡକ୍ୟୁମେଣ୍ଟ ଯାଞ୍ଚ ଚାଲିଛି। ତେବେ ସିକ୍ରେଟ୍ ଚ୍ୟାମ୍ବରରେ କ'ଣ ପାଇଁ ଅଳଙ୍କାର ଚାଲାଣ ହେଉଥିଲା, ତାହା ଉପରେ ତଦନ୍ତ ଚାଲିଛି ବୋଲି ଜିଏସ୍‌ଟି ବିଭାଗ ପକ୍ଷରୁ କୁହାଯାଇଛି।



## ଶ୍ରୀରାମ ପୂଜା କମିଟି ପକ୍ଷରୁ ବିଧାୟକ ଇଂ.ପ୍ରକାଶ ଚଂଦ୍ର ସେଠୀଙ୍କୁ ସମ୍ବର୍ଦ୍ଧନା

**କଟକ, ୧୫।୧୦ (ସଂଚାର ବ୍ୟୁରୋ) :** ୪୨ ମୌଜା ଶ୍ରୀରାମ ପୂଜା କମିଟି ପକ୍ଷରୁ ସଦର ବିଧାୟକ ସ୍ତମ୍ଭକାର ଇଂ.ପ୍ରକାଶ ଚନ୍ଦ୍ର ସେଠୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଦୁର୍ଗା ପୂଜା ଉପଲକ୍ଷେ ମା'ଙ୍କ ପୂଜା ମଣ୍ଡପ ଭ୍ରମଣ କରିଥିଲେ ବିଧାୟକ ଶ୍ରୀ ସେଠୀ। ଏହି ସମୟରେ ମଣ୍ଡଳ କୋର୍ କମିଟି ମୁଖ୍ୟ ତଥା ବରିଷ୍ଠ ରାଜନୀତି ପରାମର୍ଶଦାତା ଇଂ.ଆଶୋକ ବିଶ୍ୱାଳ, ବିଧାୟକଙ୍କ ପତ୍ନୀ, ପୂଜା କମିଟି ସଭାପତି ଅର୍ଜୁନ ଚରଣ ପଣ୍ଡା, ସମ୍ପାଦକ ସୂର୍ଯ୍ୟମଣି ଦାଶ, କୋଷାଧ୍ୟକ୍ଷ ଦିଲ୍ଲୀପ ଦୀକ୍ଷିତ, ପ୍ରଦୀପ ସ୍ୱାଇଁ, ଅଭିଷେକ ରାଜ ପଣ୍ଡା, ବଳରାମ ଦଳେଇ, ଅନ୍ନପୂର୍ଣ୍ଣା ପଣ୍ଡା ଓ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ।

### ହେମଗିରିରେ 'ସୁରଭି'କୁ ବେଦାନ୍ତ ଆଲୁମିନିୟମ୍‌ର ସହଯୋଗ

# ୧୮୬ ବିଦ୍ୟାଳୟର ଯୁବ ପ୍ରତିଭାଙ୍କୁ ପ୍ରୋତ୍ସାହନ

**ସୁନ୍ଦରଗଡ଼, ୧୫।୧୦ (ସଂଚାର ବ୍ୟୁରୋ):** ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ନିକଟରେ ଶିଶୁ ମହୋତ୍ସବ 'ସୁରଭି'କୁ ସହାୟତା ଯୋଗାଇ ଦେଇଛି, ଯାହା ସ୍ଥାନୀୟ ଯୁବ ପ୍ରତିଭାମାନଙ୍କୁ ଉତ୍ସାହିତ କରିବା ପାଇଁ ଏକ ରାଜ୍ୟସ୍ତରୀୟ ପ୍ଲାଟଫର୍ମ । ଗିରିସ୍ମା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହେମଗିର ବ୍ଲକ ଅନ୍ତର୍ଗତ ୧୮ଗ୍ରାମ ପଞ୍ଚାୟତରେ ଥିବା ୧୮୬ଟି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉତ୍ସାହଜନକ ଅଂଶଗ୍ରହଣ କରିଥିଲେ ।

ଛାତ୍ରଛାତ୍ରୀଙ୍କ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ଉଦ୍ଦିଷ୍ଟ ଏହି କାର୍ଯ୍ୟକ୍ରମରେ କଳା ଓ କାରିଗରୀ, ସଙ୍ଗୀତ, ନୃତ୍ୟ, ବିତର୍କ, ପ୍ରବନ୍ଧରଚନା, ବକ୍ତୃତା ଏବଂ ସୃଜନଶୀଳ ଲେଖା ସମେତ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏହି ଉତ୍ସବରେ ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) କରୁଣା ଏସ୍ ପଟେଲଙ୍କ ସମେତ ଅନ୍ୟ ବୁଦ୍ଧିଜୀବୀମାନେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ବିଇଓ ଶ୍ରୀ ପଟେଲ କହିଥିଲେ ଯେ ଭବିଷ୍ୟତର ନେତୃତ୍ୱ ଗଠନ ପାଇଁ ସୁରଭି ପ୍ରୋତ୍ସାହିତ କରିଥାଏ। ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ପ୍ରତିଭା




ପ୍ରଦର୍ଶନ କରିବା ଏବଂ ସହଯୋଗ ଓ ନିଷ୍ଠାର ମୂଲ୍ୟ ଶିଖିବା ପାଇଁ ଏକ ନିଆରା ପ୍ଲାଟଫର୍ମ ପ୍ରଦାନ କରିଥିବାରୁ ସେ ବେଦାନ୍ତର ସହଯୋଗକୁ ଧନ୍ୟବାଦ ଜଣାଇଥିଲେ । ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ (ଏବିଇଓ) କିଶୋର ଆର୍କ ସୁରଭିକୁ ବେଦାନ୍ତର ସମର୍ଥନକୁ ପ୍ରଶଂସା କରି କହିଛନ୍ତି, ବେଦାନ୍ତ ସମର୍ଥନରେ ସୁରଭି ଉତ୍ସବ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିବା, ପରିବେଶକୁ ପ୍ରୋତ୍ସାହିତ କରିବା ପାଇଁ ଏକ ପ୍ଲାଟଫର୍ମ ପାଲଟିଛି ଯେଉଁଠାରେ ସେମାନେ ବଡ଼ ସ୍ୱପ୍ନ ଦେଖିପାରିବେ ଏବଂ ଉଚ୍ଚ ଲକ୍ଷ୍ୟ ରଖିପାରିବେ ।

ବେଦାନ୍ତ ଆଲୁମିନିୟମର ଖଣି ବ୍ୟବସାୟ ଗୋଷ୍ଠି ବିକାଶ ପ୍ରତି ଏହାର ପ୍ରତିବଦ୍ଧତାକୁ ଦର୍ଶାଉଛି, ଯେଉଁଥିରେ ଗୁଣାତ୍ମକ ଶିକ୍ଷା ଓ ଯୁବବର୍ଗଙ୍କ ଉନ୍ନତି ଜରିଆରେ ଗୋଷ୍ଠିର ବିକାଶ କରାଯାଉଛି । ଓଡ଼ିଶାର ଯୁବପିଢ଼ିଙ୍କ ଭବିଷ୍ୟତ ପାଇଁ ପୁଞ୍ଜି ନିବେଶ କରି ବେଦାନ୍ତ ଅଧିକ ସହଭାଗିତା, ଅଭିବୃଦ୍ଧି ଓ ବିକାଶର ମାର୍ଗ ପ୍ରଶସ୍ତ କରୁଛି । ବେଦାନ୍ତ ଆଲୁମିନିୟମ ରଣନୀତିକ ପ୍ରୋତ୍ସାହନ ମାଧ୍ୟମରେ ଶିକ୍ଷା, ସ୍ୱାସ୍ଥ୍ୟସେବା, ସ୍ଥାୟୀ ଜୀବନଶୈଳୀ, ଗ୍ରାମୀଣ ଭିତ୍ତିଭୂମି ଏବଂ କ୍ରୀଡ଼ା ଓ ସଂସ୍କୃତି ମାଧ୍ୟମରେ ସମୃଦ୍ଧ ଗୋଷ୍ଠୀ ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ । ଗ୍ରାମୀଣ ଓଡ଼ିଶାରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ସ୍ୱାସ୍ଥ୍ୟ ସଚେତନତା ପାଇଁ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍ ମାଧ୍ୟମରେ କମ୍ପାନି ପକ୍ଷରୁ ସ୍ୱାସ୍ଥ୍ୟ ସେବା ଆରମ୍ଭ ହୋଇଛି । ଏହି ପ୍ରୟାସ ଗୁଡିକ ଏହାର ପରିଚାଳନା ସୀମା ମଧ୍ୟରେ ଏବଂ ଏହା ବାହାରେ ଜୀବନକୁ ସକାରାତ୍ମକ ଭାବରେ ପ୍ରଭାବିତ କରିବା ପାଇଁ କମ୍ପାନୀର ପ୍ରତିବଦ୍ଧତାକୁ ସୂଚାଇଥାଏ। ସ୍ଥାନୀୟ କର୍ତ୍ତୃପକ୍ଷ, କଲ୍ୟାଣକାରୀ ସଂଗଠନ ଏବଂ ଗୋଷ୍ଠି ସଦସ୍ୟଙ୍କ ସହ ଘନିଷ୍ଠ ସହଯୋଗରେ ବେଦାନ୍ତ ଆଲୁମିନିୟମ ଓଡ଼ିଶାର ସାମାଜିକ-ଅର୍ଥନୈତିକ ରୂପାନ୍ତରଣ ଦିଗରେ ସକ୍ରିୟ ଭାବରେ ଯୋଗଦାନ କରୁଛି ।



## ଲାବଣ୍ୟ ଥିଏଟରର ୪୦ତମ ନାଟକ 'ସୁଲତାନ' ପରିବେଷଣ

**ଭୁବନେଶ୍ୱର, ୧୫।୧୦ (ସଂଚାର ବ୍ୟୁରୋ):** ରାଜ୍ୟ ସଦର ମହକୁମା ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପ ଠା ରେ ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ ଲାବଣ୍ୟ ଥିଏଟର ର ୪୦ ତମ ନାଟକ ସୁଲତାନ ପରିବେଷିତ ହୋଇଯାଇଅଛି।ଲାବଣ୍ୟ ର ଏହି ୪୦ ତମ ନାଟ୍ୟ ଉତ୍ସବକୁ ଅତିଥି ଭାବେ ଯୋଗଦେଇ କଳିଙ୍ଗ ନାଟ୍ୟ ସଂଘ ସଭାପତି ତଥା ପ୍ରତିଷ୍ଠାତା ଶତାବ୍ଦୀର କଳାକାର ଅନୁଷ୍ଠାନର ଶ୍ରୀ ଧୀର ମଲ୍ଲିକ, ସଭାପତି ଲାବଣ୍ୟ ଥିଏଟର ଡ. ନାରାୟଣ ସାହୁ, ସମ୍ପାଦକ ଶ୍ରୀ ସତ୍ୟ ନାରାୟଣ ଜେନା, ଖ୍ୟାତନାମା ବରିଷ୍ଠ ନାଟ୍ୟ କାର ଶ୍ରୀ ନରେନ୍ଦ୍ର ମିଶ୍ର ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ଘାଟନ କରିଥିଲେ। ଲାବଣ୍ୟ ଥିଏଟର ର ସମସ୍ତ ନାଟକକୁ ଭୂୟସୀ ପ୍ରଶଂସା କରିବା ସହ ସୁଲତାନ ନାଟକ ମୋଗଲ ଶାସନ ସମୟରେ ହିନ୍ଦୁ ମୁସଲମାନ ମଧ୍ୟରେ ଥିବା ଭାଇଚାରା ର ପରମ୍ପରା ମାନବ ସମାଜର ହିତ ସାଧନ ରେ ସବୁ ସମୟରେ ସଂସ୍କୃତିର ବାର୍ତ୍ତା ବହନ କରିବ ବୋଲି ପ୍ରକାଶ କରିଥିଲେ। ଲାବଣ୍ୟ ଥିଏଟର ର ଏହି ୪୦ ତମ ନାଟକ ପରିବେଷଣ ରେ ପୁରୁଷ ଚରିତ୍ରରେ ଦେୱୀ ପ୍ରସାଦ, ଚିରଞ୍ଜିବୀ, ସୌମ୍ୟ ରଂଜନ, ସାରଦା, ସୁଶାନ୍ତ ମୁନା ପ୍ରମୁଖ ଏବଂ ନାରୀ ଚରିତ୍ରରେ ପ୍ରତିମା, ଶୁଭସ୍ମିତା, କଳ୍ପନା ପ୍ରମୁଖ ଅଭିନୟ କରିଥିଲେ। ନାଟକର ମଞ୍ଚ ସଜ୍ଜା ତ୍ରୀମୂର୍ତ୍ତି ଆର୍ଟସ, ପୋଷାକ ଓ ରୂପ ସଜ୍ଜା ମାମା ଏବଂ ଲୋକନାଥ ବାରିକ,ସଙ୍ଗୀତ :ରାଜ, ଆଲୋକ ସଜ୍ଜା ସଞ୍ଜୟ ପ୍ରଧାନ, ସହ ନିର୍ଦ୍ଦେଶନା ଚିରଞ୍ଜିବୀ ଏବଂ ନିର୍ଦ୍ଦେଶନା ସତ୍ୟ ନାରାୟଣ ଜେନା ପ୍ରଦାନ କରିଥିଲେ।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର